ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.246 Bhubaneswar Sunday November 20 2022 | ୨୫ତମ ବର୍ଷ ସଂଖ୍ୟା-୨୪୬ ଭୁବନେଶ୍ୱର ରବିବାର, ନଭେମ୍ବର ୨୦, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) | Member-INS

## ବଦଳିଗଲା 'ଐତିହାସିକ' କ୍ୟାବିନେଟ ନିଷ୍ପତ୍ତି !

ଭୁବନେଶ୍ୱର,୧୯।୧୧(ପି.ଏନ): ବଦଳିଯାଉଛି କ୍ୟାବିନେଟର ତଥାକଥିତ 'ଐତିହାସିକ ନିଷ୍ପତ୍ତି' ? ୮ ବର୍ଷ ତଳେ ବିନା ତର୍ଜମାରେ ନିଆଯାଇଥିଲା କି 'କ୍ୟାବିନେଟ ନିଷ୍ପତ୍ତି'? ତାରା ଦତ୍ତ କମିଟି ରିପୋର୍ଟକୁ ପ୍ରାୟ ସମ୍ପୂର୍ଣ୍ଣ ଗ୍ରହଣ କରିଥିଲା କ୍ୟାବିନେଟ। ଉଚ୍ଛେଦ କରିଦିଆଯାଇଥିଲା ୨୦ ବର୍ଷର ସମସ୍ତ ଇଚ୍ଛାଧୀନ ପ୍ଲଟ ଓ ଫ୍ଲାଟ୍ ଆବଣ୍ଟନ। ସେତେବେଳେ ୧୭୯୧ଟି ଇଚ୍ଛାଧୀନ ଆବଣ୍ଟନ ବାତିଲ ନିଷ୍ପତ୍ତିକୁ 'ଐତିହାସିକ' ବୋଲି କହିଥିଲେ ମନ୍ତ୍ରୀ। ଏବେ କେବଳ ଏକାଧିକ ପ୍ଲଟ/ଫ୍ଲାଟ ନେଇଥିବା ଲୋକଙ୍କୁ ଏଥିରୁ ଛାଡିଦିଆଗଲା। ୧୭୯୧ରୁ ଏକାଧିକ ପ୍ଲଟ ଓ ଫ୍ଲାଟ ନେଇଥିଲେ ମାତ୍ର ୫୪ ଜଣ। ୬୦୦୧ ଆବଣ୍ଟନ ଭିତରେ ରହିଥିଲା ୧୭୯୧ ଇଚ୍ଛାଧୀନ ଆବଣ୍ଟନ।୨୦୧୪ରେ ନିଆଯାଇଥିଲା ତଥାକଥିତ ଐତିହାସିକ କ୍ୟାବିନେଟ ନିଷ୍ପତ୍ତି। ପ୍ରେସକୁ ତତ୍କାଳୀନ ମନ୍ତ୍ରୀ ଅରୁଣ ସାହୁଙ୍କ ସମ୍ବୋଧନ କରି କହିଥିଲେ, ତାରା ଦତ୍ତ କମିଟିର ସୁପାରିଶକୁ ପ୍ରାୟ ସଂପୂର୍ଣ୍ଣ ଗ୍ରହଣ କଲା କ୍ୟାବିନେଟ। ୧୯୯୫ ପରେ ଇଚ୍ଛାଧୀନ କୋଟାରେ ଭୁବନେଶ୍ୱର ଓ କଟକର ବିଡିଏ, ସିଡିଏ ଓ ହାଉସିଂ ବୋର୍ଡର ଆବଣ୍ଟିତ ସମସ୍ତ ୧୭୯୧



ଇଚ୍ଛାଧୀନ ପ୍ଲଟ ଓ ଫ୍ଲାଟ ଆବଂଟନକୁ ରଦ୍ଦ କରିଦିଆଗଲା। ୨୦ ବର୍ଷରେ ବିଡିଏ, ସିଡିଏ ଓ ହାଉସିଂ ବୋର୍ଡରୁ ଲଟେରୀ ଓ ଇଚ୍ଛାଧୀନ କୋଟାରେ ମୋଟ ୬୦୦୧ଟି ପ୍ଲଟ ଓ ଫ୍ଲାଟ ବଣ୍ଟାଯାଇଥିବା ବେଳେ ଏଥିରୁ ୩୦୨ଜଣ ଗୋଟିଏରୁ ଅଧିକ ପ୍ଲଟ ବା ଫ୍ଲାଟ ପାଇଥିଲେ। ଇଚ୍ଛାଧୀନ କୋଟା ବା ଡିସକ୍ରିସନାରୀ କୋଟା-'ଡିକ୍ୟୁ'ରେ ୧୭୯୧ରୁ ୫୪ ଜଣ ଏକାଧିକ ପ୍ଲଟ ବା ଫ୍ଲାଟ ପାଇଥିବା ଜଣାପଡିଥିଲା। ଅନୁଧ୍ୟାନ କଲେ ଏହି ତାଲିକା ଲମ୍ବିବ ବୋଲି ତାରା ଦତ୍ତ କମିଟି କହିଥିଲେ। ସୁପାରିଶ ଆଧାରରେ ଦୋଷୀ ଅଧିକାରୀ, କାଗଜପତ୍ର ଜାଲିଆତି କରିଥିବା ଲୋକଙ୍କ ବିରୋଧରେ ଭିଜିଲାନସ ତଦନ୍ତ ପାଇଁ ନିଷ୍ପତ୍ତି ନେଇଥିଲା କ୍ୟାବିନେଟ।ବିଭିନ୍ନ ସମୟରେ ବିଡିଏ, ସିଡିଏ ଓ ହାଉସିଂବୋର୍ଡର ପଦାଧିକାରୀମାନେ ଲଟେରୀ ବାହାରେ ଇଚ୍ଛାଧୀନ କୋଟାରୁ ଏକାଧିକ ପ୍ଲଟ ଓ ଫ୍ଲାଟ ବାଂଟିବା ନିୟମ କରିଦେଇଥିଲେ ଓ ପ୍ରଭାବଶାଳୀ ଲୋକଙ୍କ ସହ ସାଧାରଣ ଲୋକେ ମଧ୍ୟ ପ୍ଲଟ ଓ ଫ୍ଲାଟ ନେଇଯାଇଥିଲେ। ଏମିତିକି ଏଥିରୁ ୩୭୭୫ଟି ପ୍ଲଟ ଓ ଫ୍ଲାଟ ତୃତୀୟ ପକ୍ଷକୁ ହସ୍ତାନ୍ତରିତ ବା ବିକ୍ରି ହୋଇଥିବା ତାରା ଦତ୍ତ କମିଟି ଦର୍ଶାଇଥିଲେ। ଏହାସତ୍ତ୍ୱେ ଇଚ୍ଛାଧୀନ କୋଟାରେ ଆବଣ୍ଟିତ ସମସ୍ତ ଆବଣ୍ଟନ ବାତିଲ କରିବା ନିଷ୍ପତ୍ତି କାର୍ଯ୍ୟ କରିହେବ କି ନାହିଁ, ସେ ସଂପର୍କରେ କ୍ୟାବିନେଟ ଚିନ୍ତା ନ କରି ଇଚ୍ଛାଧୀନ କୋଟାରେ ଆବଣ୍ଟିତ ସମସ୍ତ ପ୍ଲଟ ଓ ଫ୍ଲାଟ ବାତିଲ କରିବା ପରେ ଅନେକ ସାଧାରଣ ଲୋକ ଜମିକୁ ନିଜ ନାଁରେ କରିପାରିନଥିଲେ କିମ୍ବା ସେହି ଟଙ୍କାକୁ ଅନ୍ୟ କାମରେ ଲଗାଇ ପାରିନଥିଲେ। ବିଡିଏ/ସିଡିଏ/ହାଉସିଂବୋର୍ଡର କିଛି ନେତା ଓ ଅଫିସରଙ୍କ ଭୁଲ ପାଇଁ ଦଣ୍ଡ ଭୋଗିଥିଲେ ନିୟମ ଭିତରେ ପ୍ଲଟ ଓ ଫ୍ଲାଟ ନେଇଥିବା ଅନେକ ଲୋକ।ଅକ୍ଟୋବର ମାସରେ ହାଇକୋର୍ଟ ଏଭଳି ଗୋଟିଏ କେସରେ ଧାର୍ଯ୍ୟ ରେଜିଷ୍ଟ୍ରି ଫି ଦେଇ ଆବେଦନକାରୀ ନିଜ ନାଁରେ ଜମି ନେଇପାରିବେ ବୋଲି ଆଦେଶ ଦେବା ପରେ ସରକାରଙ୍କ ଚେତା ପଶିଥିଲା। ଅନେକ ଅଭିଯୋଗ ଆସିବା ପରେ ସରକାର ବାଧ୍ୟ ହୋଇ ନଭେମ୍ବର ୧୮ ତାରିଖ କ୍ୟାବିନେଟ ନିଷ୍ପତ୍ତିରେ ଅର୍ଥାତ୍ ପ୍ରାୟ ୮ ବର୍ଷ ପରେ ଇଚ୍ଛାଧୀନ କୋଟାରେ କେବଳ ଗୋଟିଏ ପ୍ଲଟ ଓ ଫ୍ଲାଟ ପାଇଥିବା ଲୋକଙ୍କୁ ଏହି ବାତିଲ ନିଷ୍ପତ୍ତିରୁ ବାଦ ଦେଇଛନ୍ତି। ଇଚ୍ଛାଧୀନ କୋଟାରେ ଠିକ କାଗଜପତ୍ର ସହ ଗୋଟିଏ ପ୍ଲଟ ବା ଫ୍ଲାଟ ପାଇଥିବା ଲୋକଙ୍କ ଆବଣ୍ଟନ ବାତିଲ ହେବ ନାହିଁ ବୋଲି କ୍ୟାବିନେଟ ନିଷ୍ପତ୍ତି ନେଇଛି। ତେବେ ଏବେ ବି ଦୋଷୀ ନେତା ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଅଧାପନ୍ତରିଆ ହୋଇ ପଡିରହିଛି।

## ପଦ୍ମପୁର ଉପନିର୍ବାଚନ ପାଇଁ କଂଗ୍ରେସର ୪୦ ଜଣିଆ ତାରକା ପ୍ରଚାରକ ତାଲିକା ଘୋଷଣା

ଭୁବନେଶ୍ୱର,୧୯।୧୧(ପି.ଏନ): ଚଳିତ ପଦ୍ମପୁର ଉପନିର୍ବାଚନ ପରିପ୍ରେକ୍ଷୀରେ ୪୦ ଜଣିଆ ତାରକା ପ୍ରଚାରକଙ୍କ ନାମ ତାଲିକା ଅଖିଳ ଭାରତ କଂଗ୍ରେସ କମିଟିଙ୍କ ଅନୁମୋଦନ କ୍ରମେ ଘୋଷଣା କରାଯାଇଛି ବୋଲି ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଏହି ତାଲିକାରେ ଓଡ଼ିଶା ପ୍ରଭାରୀ ସାଂସଦ ଡ.ଏ ଚେଲ୍ଲା କୁମାର,ଏଆଇସିସି ସଂପାଦକ ଜି ରୁଦ୍ର ରାଜୁ, ପିସିସି ସଭାପତି ଶରତ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଚିରଞ୍ଜିବ ବିଶ୍ୱାଳ, ଭକ୍ତଚରଣ ଦାସ, ଶରତ ରାଉତ, ସପ୍ତଗିରି ଉଲ୍ଲାକା, ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂ ସାଲୁଜା, ତାରା ପ୍ରସାଦ ବାହିନୀପତି, ରମେଶ ଜେନା, ଅଧିରାଜ ମୋହନ ପାଣିଗ୍ରାହୀ, ଦାଶରଥି ଗମାଙ୍ଗୋ, ସିଏସ ରାଜନ ଏକ୍କା, ପଂଚାନନ କାନୁନଗୋ, ଜଗନ୍ନାଥ ପଟ୍ଟନାୟକ, ବିଜୟଲକ୍ଷ୍ମୀ ସାହୁ, ଗଣେଶ୍ୱର ବେହେରା, ରାମଚନ୍ଦ୍ର ଖୁଂଟିଆ, ସୁଶିଳା ତିରିଆ, ଅନନ୍ତ ପ୍ରସାଦ ସେଠୀ, ସସ୍ମିତା ବେହେରା, ବନ୍ଦିତା ପରିଡ଼ା, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, କିଶୋର ଚନ୍ଦ୍ର ପଟେଲ, ସୁରେନ୍ଦ୍ର ସିଂ ଭୋଇ, ଦେବାଶିଷ ପଟ୍ଟନାୟକ, ସଞ୍ଜୟ ଭୋଇ, ଯଜ୍ଞେଶ୍ୱର ବାବୁ, ପ୍ରକାଶ ଚନ୍ଦ୍ର ଦେବତା, ଅମିୟ ପଟ୍ଟନାୟକ, ଭୁଜବଳ ମାଝୀ, ବାଙ୍କନିଧି ବେହେରା, ହମିଦ ହୁସେନ, ସ୍ମୃତି ରଞ୍ଜନ ଲେଙ୍କା ଓ ୟାସିର ନୱାଜ ପ୍ରମୁଖ ରହିଛନ୍ତି ବୋଲି ବେହେରା ଜଣାଇଛନ୍ତି।

## ସୋଶାଲ୍ ମିଡିଆରେ ଶ୍ରୀମନ୍ଦିର ଗର୍ଭଗୃହ ଫଟୋ ଭାଇରାଲ୍



ପୁରୀ୧୯।୧୧(ପି.ଏନ): ସୋଶାଲ୍ ମିଡିଆରେ ଶ୍ରୀମନ୍ଦିର ଗର୍ଭଗୃହ ଓ ରତ୍ନ ସିଂହାସନରେ ବିଜେ ଶ୍ରୀଜଗନ୍ନାଥଙ୍କ ଫଟୋ ଭାଇରାଲ୍। ଫେସବୁକ୍ ?ରେ ପୋଷ୍ଟ କରିଛନ୍ତି ଆକାଶ ଚୌଧୁରୀ ନାମକ ବ୍ୟକ୍ତି। ସେ ବଙ୍ଗାଳି ଭାଷାରେ ଏନେଇ ଅନେକ ଟିପ୍ପଣୀ ମଧ୍ୟ କରିଛନ୍ତି। ଯାହା ପରେ ଶ୍ରୀମନ୍ଦିର ଭିତରକୁ କିପରି ଗଲା କ୍ୟାମେରା ସେ ନେଇ ଉଠିଛି ପ୍ରଶ୍ନ।ଏହି ଫଟୋ ଜଗମୋହନ ଭିତର ଭିତରକାଠ ନିକଟରୁ ଦର୍ଶନ ସମୟର ଉଠାଯାଇଥିବା ଜଣାପଡୁଛି। କାର୍ତ୍ତିକ ମାସରେ କିମ୍ବା ଆଜିର ଏହି ଫଟୋ ହୋଇପାରେ ବୋଲି ସନ୍ଦେହ କରାଯାଉଛି। ଅବକାଶ ନୀତି ସମୟରେ ଫଟୋ ନିଆଯାଇଛି।ଆକାଶ ଚୌଧୁରୀ ଫେସ୍ ?ବୁକ୍ ?ରେ ଏହି ଫଟୋ ପୋଷ୍ଟ କରି ଲେଖିଛନ୍ତି, ବେଙ୍ଗଲିରେ ଆମାର ଜୀବନେର୍ ଆଜକେର୍ ଏହି ମୁହୂର୍ତ୍ତଟି କୋନଦିନ ଭୁଲବ୍ ନା। ଆଜ୍ ପୁରୀର୍ ଜଗନ୍ନାଥ ଦେବେରେ୍ ଦର୍ଶନ ହେଲା, ଏହାର ଅର୍ଥ ମୋ ଜୀବନର ଆଜିର ଏହି ମୁହୂର୍ତ୍ତଟି କୌଣସି ଦିନ ଭୁଲିବି ନାହିଁ। ଆଜି ପୁରୀର ଜଗନ୍ନାଥ ଦେବଙ୍କ ଦର୍ଶନ ପାଇଲି।

## ଦୃଷ୍ଟିବାଧିତ ବିଦ୍ୟାର୍ଥୀଙ୍କ ପାଇଁ ବେଙ୍ଗାଲୁରୁର 'ଭିଜନ୍ ଏମ୍ପାୱାର' ସହ ହେବ ରାଜିନାମା

ଭୁବନେଶ୍ୱର,୧୯।୧୧(ପି.ଏନ):ରାଜ୍ୟ ସରକାରଙ୍କ ପରିଚାଳିତ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଧ୍ୟୟନରତ ଦୃଷ୍ଟିବାଧିତ ବିଦ୍ୟାର୍ଥୀଙ୍କ ନିମନ୍ତେ ଅଧିକ ସୁବିଧା ବ୍ୟବସ୍ଥା କରିବା ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ବେଙ୍ଗାଲୁରୁସ୍ଥିତ 'ଭିଜନ୍ ଏମ୍ପାୱାର' ସହଯୋଗରେ ବିଭାଗ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ନିମନ୍ତେ କାର୍ଯ୍ୟକ୍ରମ ବ୍ୟାପକ କରିବାକୁ ଯାଉଛି।ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ବିଜ୍ଞାନ ଓ ଗଣିତ ଶିକ୍ଷା ତଥା ଆକଳନ ଚିନ୍ତନର ବିକାଶ ପାଇଁ ନିୟମିତ ଭାବରେ ଶିକ୍ଷକ ତାଲିମ, ବ୍ରେଲି ପୁସ୍ତକ ଉପଲବ୍ଧି, ଡିଜିଟାଲ୍ ସାକ୍ଷରତାରେ ଉନ୍ନତି ଓ ଦକ୍ଷତା ବୃଦ୍ଧି ନିମନ୍ତେ ପଦକ୍ଷେପ ନିଆଯିବ। ଜଟଣୀସ୍ଥିତ ସମନ୍ୱିତ ଭିତିଭୂମି କେନ୍ଦ୍ରରେ ଏକ ଅଭିଜ୍ଞତା କେନ୍ଦ୍ର ସ୍ଥାପନ କରାଯିବ। ରାଜ୍ୟ ସରକାର ଏଥି ପାଇଁ ଆବଶ୍ୟକୀୟ ସ୍ଥାନ ଓ ସୁବିଧା ଯୋଗାଇଦେବେ। ଦୃଷ୍ଟିବାଧିତ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ 'ପ୍ରଜ୍ଞା' ଓ ଶିକ୍ଷଣ ପରିଚାଳନାକୁ ସୁବିଧାଜନକ ଓ ସୁଗମ କରିବା ନିମନ୍ତେ 'ସୁବୋଧ' ନାମରେ ଦୁଇଟି କାର୍ଯ୍ୟକ୍ରମ ଆରମ୍ଭ କରାଯିବ । ବ୍ରହ୍ମପୁରସ୍ଥିତ ରେଡ୍କ୍ରସ୍ ବ୍ରେଲି ପ୍ରେସ୍ ରେ ବିଜ୍ଞାନ ଓ ଗଣିତ ପାଠ୍ୟପୁସ୍ତକର ଓଡ଼ିଆ ବ୍ରେଲି ସଂସ୍କରଣ ପ୍ରକାଶ ପାଇଁ ବିଭାଗ ସହଯୋଗ କରିବ। ଦୃଷ୍ଟିବାଧିତ ଶିକ୍ଷକମାନଙ୍କ ରିଫରେନ୍ସ ପୁସ୍ତକଗୁଡ଼ିକ ଓଡ଼ିଆରେ ପ୍ରସ୍ତୁତ ହେବ। ଅନୁରୂପ ଭାବରେ ଦୃଷ୍ଟିବାଧିତ ଶିକ୍ଷକ ଓ ବିଦ୍ୟାର୍ଥୀଙ୍କ ସୁବିଧା ଅନୁକୂଳ ଆପ୍ ପ୍ରଚଳନ ହେବ। ଏହି ଆପ୍ ଆଣ୍ଡ୍ରଏଡ୍ ଫୋନ୍, କମ୍ପ୍ୟୁଟର/ଲ୍ୟାପ୍ଟପ୍ ଇତ୍ୟାଦିରେ ଉପଲବ୍ଧ ହେବା ଫଳରେ ବିଦ୍ୟାର୍ଥୀମାନେ ଉପକୃତ ହେବେ । 'ଭିଜନ ଏମ୍ପାୱାର' ସହିତ ନିକଟ ଭବିଷ୍ୟତରେ ହେବାକୁ ଥିବା ରାଜିନାମା ସଂପାଦିତ ହେଲେ ତିନିବର୍ଷ ପାଇଁ ଉପରୋକ୍ତ ନିର୍ଘଂଟ ଅନୁସାରେ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ କାର୍ଯ୍ୟ ହୋଇପାରିବ। ଆବଶ୍ୟକତାକୁ ଦୃଷ୍ଟିରେ ରଖି ପରେ ରାଜିନାମାର ଅବଧି ବୃଦ୍ଧ କରାଯିବ। 'ଭିଜନ୍ ଏମ୍ପାୱାର' ସଂସ୍ଥା ବିଶ୍ୱବିଖ୍ୟାତ ମାଇକ୍ରୋସଫ୍ଟ ରିସର୍ଚ୍ଚ ଓ ଆଇଆଇଆଇଟି, ବେଙ୍ଗାଲୁରୁର ସମର୍ଥନରେ କାର୍ଯ୍ୟ କରିବ। ଏହା ଫଳରେ ରାଜ୍ୟର ଶୈକ୍ଷିକ ପରିମଣ୍ଡଳରେ ଦୃଷ୍ଟିବାଧିତ ବିଦ୍ୟାର୍ଥୀଙ୍କ ଯୋଗଦାନ ଅଧିକ ପ୍ରଭାବୀ ହୋଇପାରିବ ।

## ଇଂଜିନିୟରିଂ କଲେଜଗୁଡ଼ିକରେ ନାମ ଲେଖା ଅବଧି ୫ ଦିନ ବୃଦ୍ଧି

ଭୁବନେଶ୍ୱର,୧୯।୧୧(ପିଏନ):ଓଡ଼ିଶାର ସରକାରୀ ଓ ଘରୋଇ ଇଂଜିନିୟରିଂ କଲେଜଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କ ଇଂଜିନିୟରିଂ ପାଠ୍ୟକ୍ରମରେ ନାମଲେଖା ଅବଧିକୁ ୫ ଦିନ ବୃଦ୍ଧି କରାଯାଇଛି। ଆଜି ପୂର୍ବାହ୍ନରେ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥ କାର୍ଯ୍ୟାଳୟରେ ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରୁ ଜଣାପଡ଼ିଛି ଯେ ବର୍ତ୍ତମାନ ସୁଦ୍ଧା ସରକାରୀ ଓ ବେସରକାରୀ ଇଂଜିନିୟରିଂ କଲେଜଗୁଡ଼ିକରେ ୧୨ ହଜାର ୫୩୬ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ଗତବର୍ଷ ଇଂଜିନିୟରିଂ ପାଠ୍ୟକ୍ରମରେ ନାମଲେଖାଇଥିବା ଛାତ୍ରଛାତ୍ରୀଙ୍କଠାରୁ ଚଳିତ ବର୍ଷ ୪ ହଜାର ଅଧିକ ବିଦ୍ୟାର୍ଥୀ ନାମ ଲେଖାଇଥିଲେ ମଧ୍ୟ ୬୦.୩୭ ପ୍ରତିଶତ ସ୍ଥାନ ଖାଲି ରହିଛି। ଏହାକୁ ଦୃଷ୍ଟିରେ ରଖି ଅଧିକ ଛାତ୍ରଛାତ୍ରୀଙ୍କୁ ଏହି ପାଠ୍ୟକ୍ରମରେ ନାମଲେଖାଇବାର ସୁଯୋଗ ଦେବା ପାଇଁ ନାମଲେଖା ଅବଧିକୁ ୫ ଦିନ ବୃଦ୍ଧି କରାଯିବାକୁ ବୈଠକରେ ନିଷ୍ପତି ନିଆଯାଇଛି ।

ପ୍ରକାଶ ଥାଉ କି,ସରକାରୀ ଇଂଜିନିୟରିଂ କଲେଜରେ ୮୦.୮୮ ପ୍ରତିଶତ ସ୍ଥାନ ପୂରଣ ହୋଇ ସାରିଥିବାବେଳେ ଘରୋଇ ଇଂଜିନିୟରିଂ କଲେଜରେ ୩୩.୮୭ ପ୍ରତିଶତ ସ୍ଥାନ ପୂରଣ ହୋଇଛି। ଆସନ୍ତା ସପ୍ତାହରେ ନାମଲେଖା ଫି ସଂପର୍କରେ ବିସ୍ତୃତ ଆଲୋଚନା ପରେ ନିଷ୍ପତି ନିଆଯିବ ଏବଂ ଏହା ଆସନ୍ତା ତିନୋଟି ଶିକ୍ଷା ବର୍ଷ ନିମନ୍ତେ ଲାଗୁ କରାଯିବ ବୋଲି ଆଲୋଚନାରୁ ଜଣାପଡ଼ିଛି। ଏହି ବୈଠକରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା, ବୈଷୟିକ ଶିକ୍ଷା ନିର୍ଦ୍ଦେଶକ ରେଘୁ ଜିଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ରାସ୍ତାରେ ବିତୁଛି କିଡ୍ନୀ ରୋଗୀଙ୍କ ରାତି, ସ୍ୱାସ୍ଥ୍ୟମନ୍ତ୍ରୀ କହିଲେ ଦାବି ଯୁକ୍ତିଯୁକ୍ତ ନୁହେଁ

ଭୁବନେଶ୍ୱର,୧୯।୧୧(ପି.ଏନ): ଅସହ୍ୟ ଯନ୍ତ୍ରଣା ହେଉଛି। ତଥାପି ଯନ୍ତ୍ରଣା ସହି ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଘର ସମ୍ମୁଖ ଖୋଲା ଆକାଶ ତଳେ ବିତୁଛି ଶୀତ, କାକର ରାତି। ଜଣେ କି ଦୁଇ ଜଣ ନୁହେଁ ପ୍ରାୟ ୫୦ ଜଣ କିଡ୍ ?ନୀ ରୋଗୀ ଏଭଳି ବହୁ ଦିନ ଧରି ଧାରଣା ଦେବା ପରେ ଆଜି ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ସରକାରୀ ବାସଭବନ ସମ୍ମୁଖ ରାସ୍ତା ଅବରୋଧ କରିଛନ୍ତି। ସେମାନଙ୍କର ଗୋଟିଏ ଦାବି, ଉନ୍ନତମାନର ଔଷଧ ଯୋଗାଇ ଦିଆଯାଉ।ରାସ୍ତା ଅବରୋଧ ଫଳରେ ରାଜଭବନଠାରୁ ଏଜି ଛକ ପର୍ଯ୍ୟନ୍ତ ଯାତାୟତ ପ୍ରଭାବିତ ହୋଇଛି। ଏମିତିକି ଶୀତ କାକରରେ ପଡି ରାଜରାସ୍ତା ଉପରେ ରୋଷେଇ କରିଛନ୍ତି ରୋଗୀ ଏବଂ ତାଙ୍କ ସମ୍ପର୍କୀୟ। ଉନ୍ନତ ମାନର ଔଷଧ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇ ସରକାର ଠକିଛନ୍ତି ବୋଲି ସେମାନେ ଅଭିଯୋଗ ଆଣିଛନ୍ତି।୧୮ ଦିନ ଲୋୟର ପିଏମ୍ ?ଜିରେ ଧାରଣାରେ ବସିବା ପରେ ସରକାର



ସେମାନଙ୍କୁ ଅକ୍ଟୋବରରେ ମାସେ ଲାଗି ଉନ୍ନତମାନର ଔଷଧ ଯୋଗାଇ ଦେଇଥିଲେ। ଏହାପରେ ପୁଣି ଖରାପ ମାନର ଔଷଧ ଦିଆଯାଇଥିବା କହିଛନ୍ତି କିଡ୍ ?ନୀ ରୋଗୀ। ୧୩ ଦିନ ହେଲା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଶୀତ କାକରରେ ଧାରଣାରେ ବସିବା ପରେ ବି ସ୍ୱାସ୍ଥ୍ୟମନ୍ତ୍ରୀ ଧରାଛୁଆଁ ଦେଉନଥିବା ଅଭିଯୋଗ ଆଣିଛନ୍ତି।ସେପଟେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ଟେକ୍ନିକାଲ କମିଟିର ସୁପାରିସ ଆଧାରରେ ରାଜ୍ୟ ଔଷଧ ନିଗମ ଔଷଧ କିଣିଥାଏ। ତେଣୁ ନକଲି ଔଷଧର ପ୍ରଶ୍ନ ଉଠୁନି। ଡାକ୍ତରଙ୍କ ପ୍ରେସ୍ ?କ୍ରିପସନ୍ ଆଧାରରେ ରୋଗୀଙ୍କୁ ଔଷଧ ଦିଆଯାଉଛି। ହେଲେ କିଡ୍ ?ନୀ ରୋଗୀ ଏକ ନିର୍ଦ୍ଦିଷ୍ଟ କମ୍ପାନିର ଔଷଧ ଦେବାକୁ ଦାବି କରୁଛନ୍ତି। ଯାହାକି ଯୁକ୍ତିଯୁକ୍ତ ନୁହେଁ ବରଂ ଏସ୍ ?ସିବିରେ ସେମାନଙ୍କ ଚିକିତ୍ସା କରିଥିବା ଡାକ୍ତରଙ୍କ ସହ ପରାମର୍ଶ କରିବା ଉଚିତ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ।

## ବିଜୁ ଛାତ୍ର ଜନତା ଦଳ କଲେଜ ଓ ୟୁନିଭରସିଟି ମାନଙ୍କରେ ଆତଙ୍କରାଜ ଚଳାଇଛନ୍ତି: ୟାସିର ନୱାଜ

ଭୁବନେଶ୍ୱର,୧୯।୧୧(ପି.ଏନ): ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟରେ ର୍ୟାଗିଂ ଘଟଣାକୁ ଛାତ୍ର କଂଗ୍ରେସ ନିନ୍ଦା କରିଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ବିଜୁ ଛାତ୍ର ଜନତା ଦଳ ବିଭିନ୍ନ ସରକାରୀ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଯେଉଁ କ୍ୟାମ୍ପସ କମିଟି ଗଠନ କରିଛନ୍ତି ତାହା ସେଇ ଶିକ୍ଷାନୁଷ୍ଠାନ ମାନଙ୍କରେ ଦୌରାତ୍ମ୍ୟ କରୁଛନ୍ତି।କିଛି ଅସାମାଜିକ ଛାତ୍ରଙ୍କୁ ନେଇ ବିଜୁ ଛାତ୍ର ଜନତା ଦଳ ସବୁଠାରେ କ୍ୟାମ୍ପସ କମିଟି ଗଠନ କରିଛି। କୁହାଯାଇଥିଲା ଶିକ୍ଷାନୁଷ୍ଠାନର ଦୁର୍ନୀତି, ଭ୍ରଷ୍ଟାଚାର, କଲେଜ କର୍ତ୍ତୃପକ୍ଷଙ୍କ ମନମାନି ଓ ଛାତ୍ରଛାତ୍ରୀ ମାନଙ୍କର ସୁରକ୍ଷାକୁ ନେଇ ବିଜୁ ଛାତ୍ର ଜନତାର କ୍ୟାମ୍ପସ କମିଟି କାର୍ଯ୍ୟ କରିବ। ମାତ୍ର ବିନାୟକ ଆଚାର୍ଯ୍ୟ କଲେଜ ର୍ୟାଗିଂ ଘଟଣାରୁ ଏହା ସ୍ପଷ୍ଟ ଯେ ବିଜୁ ଛାତ୍ର ଜନତାର କ୍ୟାମ୍ପସ କମିଟି କଲେଜ କ୍ୟାମ୍ପସରେ ଆତଙ୍କରାଜ ଚଳାଇଛି। ବିନାୟକ ଆଚାର୍ଯ୍ୟ କଲେଜର +୨ ପ୍ରଥମ ବର୍ଷର ଛାତ୍ରୀକୁ କଲେଜ ପରିସରରେ ବିଜୁ ଛାତ୍ର ଜନତା ଦଳ କ୍ୟାମ୍ପସ କମିଟିର ଆବାହକ ଅଭିଶେକ ନାହାକ ନାନାଦି ଅତ୍ୟାଚାର କରିଥିଲେ। ସେଠାରେ କଲେଜର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ମଧ୍ୟ ଭୟରେ କେହି ବାଧା ଦେଉନଥିଲେ। କାରଣ ଅଭିଶେକ ଥିଲା ଶାସକ ଦଳର ପ୍ରତିନିଧି। ଏଠାରେ ଯେଉଁ ର୍ୟାଗିଂ ଘଟଣା ଏବେ ପଦାକୁ ଆସିଛି ତାହା ଏକମାତ୍ର ଘଟଣା ନୁହେଁ। ପୂର୍ବରୁ ଏହି କଲେଜରେ ଏହିପରି ଘଟଣା ଘଟୁଥିବା ବେଳେ ମଧ୍ୟ କେହି ମୁଁହ ଖୋଲୁନଥିଲେ। ସରକାର ତୁରନ୍ତ ପ୍ରତି କଲେଜରେ ଆଂଟିର୍ୟାଗିଂ ଓ ଶୃଙ୍ଖଳା କମିଟିକୁ ସଶକ୍ତ କରିବା ସହ ଏହାକୁ ମନିଟର କରିବାପାଇଁ ଉପଯୁକ୍ତ ବ୍ୟବସ୍ଥା କରନ୍ତୁ। ର୍ୟାଗିଂ ଉପରେ ସରକାରଙ୍କ ସର୍ତ୍ତକ ନଜର ରହୁ। ବିଜୁ ଛାତ୍ର ଜନତା ଦଳର କ୍ୟାମ୍ପସ କମିଟି ଅବୈଧ ଘୋଷଣା କରାଯାଉ ବୋଲଇ ସେ ଦାବି କରିଛନ୍ତି। ର୍ୟାଗିଂକୁ ରୋକିବା ପାଇଁ ଦେଶରେ ୭ଟି ରାଜ୍ୟ ତଥା ମହାରାଷ୍ଟ୍ର, କେରଳ, ତାମିଲନାଡୁ, ପଶ୍ଚିମବଙ୍ଗ, ଉତର ପ୍ରଦେଶ ପ୍ରମୁଖ "ପ୍ରୋହିବିସନ ଅଫ ର୍ୟାଗିଂ ଆକ୍ଟ" ପ୍ରଣୟନ କରିଛନ୍ତି। ମାତ୍ର ର୍ୟାଗିଂ କ୍ଷେତ୍ରରେ ଓଡ଼ିଶା ଦେଶରେ ତୃତୀୟ ସ୍ଥାନରେ ରହିଥିବା ବେଳେ ସରକାର ବିଧିବଧ ଭାବରେ "ପ୍ରୋହିବିସନ ଅଫ ର୍ୟାଗିଂ ଆକ୍ଟ" କାହିଁକି ପ୍ରଣୟନ କରୁନାହାନ୍ତି ତାହା ଆଜି ସାଧାରଣରେ ପ୍ରଶ୍ନବାଚୀ ହୋଇଛି। ଯଦି ସାରା ରାଜ୍ୟରେ କ୍ୟାମ୍ପସକୁ ଭୟମୁକ୍ତ କରିବାପାଇଁ ଉଚ୍ଚଶିକ୍ଷା ମନ୍ତ୍ରୀ ତୁରନ୍ତ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନକରନ୍ତି ତେବେ ତାଙ୍କୁ ଭୁବନେଶ୍ୱରରେ ଏବଂ ରାଜ୍ୟସାରା ବିରୋଧ ପ୍ରଦର୍ଶନ କରାଯିବ ବୋଲି ଶ୍ରୀ ନୱାଜ ଚେତାବନୀ ଦେଇଛନ୍ତି। । ର୍ୟାଗିଂ ପ୍ରବଣ ଶିକ୍ଷାନୁଷ୍ଠାନକୁ ଚିହ୍ନଟ କରାଯାଇ ଏହା ଉପରେ ସତର୍କ ନଜର ରଖାଯାଉ।

ଏହି ସାମ୍ବାଦିକ ସମ୍ମିଳନୀରେ ଉପସଭାପତି ସୁନିଲ ମାଟିଆ, ସାଧାରଣ ସଂପାଦକ ରଞ୍ଜିତ ସେନା

## ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ଁ ଶ୍ରୀଧର ସ୍ୱାଇଁ

ଆବିର୍ଭାବ : ୦୧.୦୭.୧୯୩୬
ତିରୋଧାନ : ୧୧.୧୧.୨୦୨୨
ସା- ସୁଧାଭୂମି
ରଘୁନାଥପୁର, ଜଗତସିଂହପୁର

ଆଜି ଏକାଦଶାହରେ ଆମେ ସମସ୍ତେ ଆପଣଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଈଶ୍ୱରଙ୍କୁ ଆନ୍ତରିକ ପ୍ରାର୍ଥନା କରୁଛୁ ଆପଣଙ୍କ ଆତ୍ମା ପରମ ଶାନ୍ତି ଓ ସଦ୍ଗତି ଲାଭ କରୁ ।

ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ,
ଅତ୍ମୀୟସ୍ୱଜନ ଓ ପରିବାରବର୍ଗ ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

# ପୁରାଣ କାହାଣୀ

## ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୂତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟୁରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଳ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

## ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲଟାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

### ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

### ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୂଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଆଜିର ଭାଗ୍ୟ

**ମେଷ**: ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ**: ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ**: ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ**: ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ**: ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା**: ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା**: ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା**: ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ**: ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର**: କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ**: ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ**: ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଇନ୍ଦିରା ଗାନ୍ଧୀ ସ୍ମୃତି ସମିତି ପକ୍ଷରୁ ରାଜ୍ୟସ୍ତରୀୟ ଜାତୀୟ ସଂହତି ସମାରୋହ ପାଳିତ




ଭୁବନେଶ୍ୱର (ପିଏନ୍)- ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ୧୦୫ ତମ ଜୟନ୍ତୀ ଉତ୍ସବ ପାଳନ ଅବସରରେ ଆଜି ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତି ପକ୍ଷରୁ ଭୁବନେଶ୍ୱର ଇନ୍ଦିରା ଗାନ୍ଧୀ ପାର୍କଠାରେ ରାଜ୍ୟସ୍ତରୀୟ ଜାତୀୟ ସଂହତି ସମାରୋହ ସମିତିର ଅଧ୍ୟକ୍ଷ ତଥା ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ, ସାଧାରଣ ସମ୍ପାଦକ ଶ୍ରୀ ଅମୀୟ କୁମାର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ସଂଯୋଜନାରେ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ବର୍ଣ୍ଣାଢ଼୍ୟ ଉତ୍ସବରେ ପ୍ରତ୍ୟୁଷରୁ ଇନ୍ଦିରାଜୀଙ୍କ ପ୍ରତିମୂର୍ତ୍ତୀରେ ଶ୍ରଦ୍ଧାସୁମନ ଅର୍ପଣ, ସର୍ବଧର୍ମ ପ୍ରାର୍ଥନା ସଭା, ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ସଂହତି ଶପଥପାଠ ଆୟୋଜିତ ହେବା ସହ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ବିଶିଷ୍ଟ ପାଲାଗାୟକ ଯୁବ ସୌରଭ ଶ୍ରୀ ରବି ନାରାୟଣ ତ୍ରିପାଠୀ ଓ ତାଙ୍କ ସାଥି ବୃନ୍ଦ ରାମଧୁନ୍ ଓ ପାଲା ପରିବେଷଣ କରିଥିଲେ। ଏହି ଉତ୍ସବରେ ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା, ନିରଞ୍ଜନ ପଟ୍ଟନାୟକ, ପ୍ରସାଦ ହରିଚନ୍ଦ ପ୍ରମୁଖ ଯୋଗଦେଇ ଇନ୍ଦିରାଜୀଙ୍କ ତ୍ୟାଗପୂତ ଜୀବନୀ ଓ ଅମ୍ଳାନ ପ୍ରତିଭା ଓ ଜାତୀୟ ସଂହତି ଓ ଏକତା ସମ୍ପର୍କରେ ସମ୍ପର୍କରେ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସନ୍ଧ୍ୟାରାଣୀ ମହାପାତ୍ର, ଯୁଧିଷ୍ଠିର ଜେନା, ଲଲାଟେନ୍ଦୁ ମହାପାତ୍ର, ରଜନୀ ମହାନ୍ତି ପ୍ରମୁଖ ବହୁ ସଂସ୍କୃତ ପ୍ରେମୀ, ରାଜନେତା, ବୁଦ୍ଧିଜୀବି, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସମିତିର ଅନ୍ୟତମ ଉପସଭାପତି ଶିବାନନ୍ଦ ରାୟ ଧନ୍ୟବାଦ ଅର୍ପଣ କରିବା ବେଳେ ଶ୍ରୀ ଶୋଭାକର ବେହେରା, ବସନ୍ତ କୁମାର ମହାରଣା, ଦୁଃଶାସନ ନାୟକ, ଗୋବିନ୍ଦ ପଟେଲ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଅଞ୍ଚଳର ବିଶିଷ୍ଟ କୁଇଭାଷା କବି ଶ୍ରୀ ବଲ୍ଲୁ ପ୍ରଧାନ ଓ ତାଙ୍କ ସାଥୀ, ବରଗଡ଼ ଜିଲ୍ଲା ଝାରବନ୍ଧ ଅଞ୍ଚଳର କରମାସାନି ଦଳର ଗାୟକ ନିରୋଜ ବଞ୍ଚର ଓ ତାଙ୍କ ସାଥୀ ଓ ନିଆଲି ଅଞ୍ଚଳର ସଂକିର୍ତ୍ତନ ମଣ୍ଡଳୀର ମୁଖ୍ୟ ଗାୟକ ଜ୍ଞାନପ୍ରିୟ କାନୁନଗୋ ଓ ତାଙ୍କ ସାଥୀବୃନ୍ଦ ଇନ୍ଦିରାଜୀଙ୍କ ଜୀବନୀ ଉପରେ ଆଧାରିତ ବିଭିନ୍ନ ଲୋକକଳା ପ୍ରଦର୍ଶନ କରି କାର୍ଯ୍ୟକ୍ରମର ଗରୀମାକୁ ବହୁଗୁଣିତ କରିଥିଲେ। ଏହି ଅବସରରେ ଜାତୀୟ ସଂହତି ଓ ଇନ୍ଦିରା ଗାନ୍ଧୀ ଶୀର୍ଷକ ପ୍ରବନ୍ଧ ଓ କବିତା ପ୍ରତିଯୋଗୀତା କରାଯାଇ କୃତୀ ଛାତ୍ର ଛାତ୍ରୀ ଓ କବି କବୟତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# କୃଷି ଇନପୁଟ୍ ଓ ଫସଲବୀମା ସହାୟତା ଘୋଷଣା କେବଳ ନାଟକବାଜୀ



ଭୁବନେଶ୍ୱର (ପିଏନ୍)- ନିର୍ବାଚନ ଆସିଲେ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡ଼ି ସରକାରଙ୍କ ଚାଷୀଙ୍କ କଥା ମନେପଡ଼େ। ଏବେ ସୁଦ୍ଧା ସରକାରଙ୍କ ଏଜେଣ୍ଡାରେ ଚାଷୀଙ୍କ ପ୍ରସଙ୍ଗ ନାହିଁ। ଫସଲ ବୀମା ଓ କୃଷି ଇନପୁଟ୍ ସହାୟତାକୁ ନେଇ ବିଜେଡ଼ି, ବିଜେପି ଦଳ କେବଳ ନାଟକବାଜୀ କରୁଛନ୍ତି। ଚାଷୀଙ୍କ ପାଇଁ କାନ୍ଦୁଛନ୍ତି କିନ୍ତୁ ଆଖିରେ ଲୁହ ନାହିଁ। ଯଦି ସରକାରଙ୍କ ଚାଷୀଙ୍କ ପ୍ରତି ଦରଦ ଥାନ୍ତା ତେବେ ୨୦୨୧ଖରିଫର ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆଜି ପର୍ଯ୍ୟନ୍ତ ଫସଲବୀମା ଓ କୃଷି ଇନପୁଟ୍ ସହାୟତା ଦିଆଗଲା ନାହିଁ କାହିଁକି ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କୃଷକ ସେଲ୍ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଉଭୟ ଦଳ ଓ ସରକାରଙ୍କୁ କଂଗ୍ରେସ ଦଳ ତରଫରୁ ପ୍ରଶ୍ନ କରିଛନ୍ତି। ଚାଷୀ କାହାର ଦୟାର ପାତ୍ର ନୁହଁନ୍ତି। ସରକାରଙ୍କର ଏପରି ଟାଳଟୁଳ ଓ ଚାଷୀଙ୍କ ପ୍ରତି ଅଣଦେଖା କାହିଁକି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଗତ ଖରିଫରେ ରାଜ୍ୟର ୬୪ ବ୍ଲକ ଓ ୧୫ଟି ପୌରାଂଚଳରେ ପ୍ରାୟ ୨ ଲକ୍ଷ୬୪ ହଜାର ହେକ୍ଟର ଚାଷ ଜମିରେ ୩୩ ପ୍ରତିଶତରୁ ଅଧିକ ଫସଲ ନଷ୍ଟ ହେଲା। ଚାଷୀ ନାହିଁ ନଥିବା କ୍ଷୟ କ୍ଷତିର ସମ୍ମୁଖୀନ ହେଲେ। ମୁଖ୍ୟମନ୍ତ୍ରୀ ନବୀନବାବୁ ଘୋଷଣା କରିଥିଲେ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ତତ୍‌କ୍ଷଣାତ୍ କୃଷି ଇନପୁଟ୍ ସହାୟତା ରାଶି ପ୍ରଦାନ କରାଯିବ। ୨୦୨୧ ଅକ୍ଟୋବର-୧୧ ତାରିଖ ଦିନ ଏସ.ଆର.ସି ଜିଲ୍ଲାପାଳମାନଙ୍କୁ ରିପୋର୍ଟ ମାଗିଥିଲେ। ଅଦ୍ୟାବଧି ମଧ୍ୟ କ୍ଷୟ କ୍ଷତିର ସଠିକ୍ ରିପୋର୍ଟ ଆସିଲା ନାହିଁ। ଚାଷୀ ବେହାଲ। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କେବଳ ଘୋଷଣାରେ ରହିଛି। ଗତ କାଲି ମୁଖ୍ୟମନ୍ତ୍ରୀ ପଦ୍ମପୁର ଉପ-ନିର୍ବାଚନକୁ ଆଖିଆଗରେ ରଖି ଚାଷୀଙ୍କ ମନ ଭୁଲାଇବା ପାଇଁ ଯେଉଁ କୃଷି ଇନପୁଟ୍ ସହାୟତା ଘୋଷଣା କରିଛନ୍ତି ଏହା କେବଳ ପ୍ରଚାର ସର୍ବସ୍ୱ ଓ ଧୂଆଁବାଣ। ଯାହାକି କ୍ଷୟକ୍ଷତି ଭରଣା କରିବାରେ ଏହି ଟଙ୍କା ସମୁଦ୍ରକୁ ସଙ୍ଖେ। କଂଗ୍ରେସ ଦଳ ତରଫରୁ ବାରମ୍ବାର ପ୍ରଚଳିତ କୃଷି ଇନପୁଟ୍ ସହାୟତା ରାଶିର ତିନିଗୁଣା ବୃଦ୍ଧିକରି ଚାଷୀଙ୍କୁ ତୁରନ୍ତ ପ୍ରଦାନ କରିବା ପାଇଁ ଦାବୀ କରାଯାଇ ଆସୁଥିବା ବେଳେ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାଁନ୍ତି। ଫଳରେ ଚାଷୀକୁଳ ଆଜି ତାଙ୍କର ହକ୍ ମାଗୁଛନ୍ତି। ହରଡଘଣାରେ ପଡିବାରୁ ମୁଖ୍ୟମନ୍ତ୍ରୀ କେବଳ ଧର୍ମଙ୍କୁ ଆଖିଠାର ଭଳି କୃଷି ଇନପୁଟ୍ ସହାୟତା ଘୋଷଣା କରିଛନ୍ତି। ବାସ୍ତବରେ ଏହା କ୍ଷତିଗ୍ରସ୍ତ ଚାଷୀଙ୍କ ପାଖରେ କେବେ ପହଂଚିବ ଏବଂ ଚାଷୀ କିପରି ଋଣ ଜନ୍ତାରୁ ମୁକ୍ତି ପାଇବେ ଶ୍ରୀ ପଟ୍ଟନାୟକ ସରକାରଙ୍କ କୈଫୟତ ଲୋଡ଼ିଛନ୍ତି। ଅପର ପକ୍ଷରେ ୨୦୨୧ ଖରିଫରେ ଫସଲବୀମା କରିଥିବା ଚାଷୀ ଆଉ ୫୦୦ କୋଟି ଟଙ୍କାର ବୀମା ସହାୟତା ପାଇବାକୁ ରହିଥିବା ବେଳେ ଏଥିରୁ କେବଳ ବରଗଡ଼ ଜିଲ୍ଲାର ଚାଷୀ ୧୫୩ କୋଟି ଟଙ୍କା ପାଇନାହାନ୍ତି। ଚାଷୀଙ୍କ ପକ୍ଷରୁ ବୀମା ଟଙ୍କା ତୁରନ୍ତ ଦେବା ପାଇଁ ବାରମ୍ବାର ଦାବୀ କରି ଆଜକୁ ଦୀର୍ଘ ୧୪ ମାସ ଧରି ଚାଷୀଭାଇ ମାନେ ଆନ୍ଦୋଳନ ଚଳାଇଥିଲା ବେଳେ କେନ୍ଦ୍ର ସରକାର ଏଥିପ୍ରତି ସାମାନ୍ୟ ଭୃକ୍ଷେପ କରିନାହାନ୍ତି। ଏ ରାଜ୍ୟରୁ ତିନି ଦକ୍ଷ ଏବଂ ପାରିବାପଣା କେନ୍ଦ୍ର ମନ୍ତ୍ରୀ ଥାଉ ଥାଉ କୃଷକଙ୍କର ବୀମା ଟଙ୍କା ଦୀର୍ଘଦିନ ଧରି ନ ମିଳିବା ଏ ସରକାରଙ୍କର ଏବଂ ବିଜେପି ଦଳର ଚାଷୀଙ୍କ ମାନଙ୍କ ପ୍ରତିଥିବା ଦରଦ ଓ ନିଷ୍ଠା କେତେ ଏଥିରୁ ସ୍ପଷ୍ଟ ପ୍ରମାଣିତ। ଯଦି ବୀମା କମ୍ପାନୀମାନେ ଦୀର୍ଘଦିନ ଧରି ବୀମା ପଇସା ଦେଉନଥିଲେ ତାହାଲେ ଗତକାଲି କେନ୍ଦ୍ର କୃଷିମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ହଠାତ କାହିଁକି ପଦ୍ମପୁର ନିର୍ବାଚନ ମଣ୍ଡଳୀର ତିନୋଟି ବ୍ଲକର କୃଷକମାନଙ୍କୁ ବୀମା ରାଶି ଫେରାଇବା ପାଇଁ ନିର୍ଦ୍ଦେଶ ଦେଲେ ଏବଂ ବୀମା କମ୍ପାନୀ ମଧ୍ୟ ରାଜି ହୋଇଗଲା ତାହାହେଲେ ଏଥିରୁ କ'ଣ ବୁଝିବାକୁ ହେବ ଯେ ଏସବୁ ଚାଲ କେବଳ ନିର୍ବାଚନକୁ ଆଖି ଆଗରେ ରଖି। ବରଗଡ଼ ଜିଲ୍ଲାର ଅନ୍ୟକୃଷକମାନଙ୍କୁ ଏବଂ ସାରା ରାଜ୍ୟର କୃଷକମାନଙ୍କୁ କାହିଁକି ବୀମା ଟଙ୍କା ମିଳିବ ନାହିଁ ବୋଲି କଂଗ୍ରେସ ପ୍ରଶ୍ନ କରିଛି। ଅତି ଆଶ୍ଚର୍ଯ୍ୟ ଓ କ୍ଷୋଭର ବିଷୟ ଖୋଦ୍ କେନ୍ଦ୍ର କୃଷିମନ୍ତ୍ରୀ ଟ୍ୱିଟ୍ କରି କହିଛନ୍ତି ଯେ, ତୁରନ୍ତ ପଦ୍ମପୁର, ଝାରବନ୍ଧ, ପାଇକମାଲ ଅଂଚଳର ଫସଲବୀମା କରିଥିବା ଚାଷୀମାନଙ୍କୁ ବୀମାଟଙ୍କା ପ୍ରଦାନ କରାଯାଉ। ଏଥିରୁ ସ୍ପଷ୍ଟ ପ୍ରମାଣିତ ନିର୍ବାଚନ ବୈତରଣୀ ପାର ପାଇଁ ବିଜେପି ଦଳର ଏହା ଏକ ଫଣ୍ଡା ଏବଂ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ରବାବୁଙ୍କ ଏକ ପ୍ରାୟୋଜିତ କାର୍ଯ୍ୟକ୍ରମ। ଏବେ ରାଜ୍ୟର ଅନ୍ୟ ଚାଷୀମାନେ ବୀମା କ୍ଷତିପୂରଣ ସହାୟତା ପାଇବେ କେବେ? ଏଥିରୁ ବିଜେପି ଦଳ ଓ ସରକାର ଚାଷୀଙ୍କ ପ୍ରତି କେତେ ଦରଦୀ ସ୍ପଷ୍ଟ ଜଣାପଡୁଛି। ପଶ୍ଚିମ ଓଡ଼ିଶା ସହ ଅନେକ ପାହାଡ଼ିଆ ଅଂଚଳରେ ଅକ୍ଟୋବର ମାସରୁ ପ୍ରାୟ ଧାନ ଉତ୍ପାଦନ ହୋଇଥାଏ। ଏପରିକି ଚାଷୀ ଉତ୍ପାଦନ କରିଥିବା ଧାନକୁ ସରକାର କିଣୁ ନ ଥିବା ବେଳେ ଚାଷୀ ବାଧ୍ୟ ହୋଇ ଶାଗ ମାଛ ମୂଲ୍ୟରେ ବାହାର ବେପାରୀମାନଙ୍କୁ ଏହି ଧାନ ବିକ୍ରିକର ବହୁ କ୍ଷତିର ସମ୍ମୁଖୀନ ହୋଇଥାନ୍ତି। ପଶ୍ଚିମ ଓଡ଼ିଶାର ପଦ୍ମପୁର ସମେତ ଅନେକ ଅଞ୍ଚଳର ଚାଷୀମାନଙ୍କର ୨୦ ପ୍ରତିଶତରୁ ଉର୍ଦ୍ଧ୍ୱ ଅମଳ ଧାନ ବାହାର ବେପାରୀ କିଣି ନେଲେଣି। ଚାଷୀ ଏମ.ଏସ.ପିର ମୂଲ୍ୟ ପାଉନାହିଁ। ସରକାର ଗତ ନଭେମ୍ବର ୧ ତାରିଖରୁ ମଣ୍ଡି ଖୋଲିବା କଥା କହି ଏବେ ଚାଷୀଙ୍କୁ ପୁଣି ଭଣ୍ଡେଇ ଭୁଡେଇ ଚାଲିଛନ୍ତି। ଅଦ୍ୟାବଧି ମଣ୍ଡି ଖୋଲାଗଲା ନାହିଁ। ଚାଷୀ ଉତ୍ପାଦିତ ଧାନକୁ କରିବେ କଣ? ସ୍ୱାମୀନାଥନ କମିଟି ସୁପାରିଶ ଆଧାରରେ ଉତ୍ପାଦିତ କୃଷିଜାତ ଦ୍ରବ୍ୟର ଦେଢ଼ଗୁଣା ବୃଦ୍ଧି କରାଗଲା ନାହିଁ ଓ ଏଥିରେ ଆଇନଗତ ଗ୍ୟାରେଣ୍ଟି ମିଳିଲା ନାହିଁ। ଫଳରେ ଚାଷୀ ଅଭାବି ବିକ୍ରିର ସମ୍ମୁଖୀନ ହେଉଛନ୍ତି। ପଡ଼ୋଶୀ ଛତିଶଗଡ଼ ରାଜ୍ୟ ଧାନ କ୍ୱିଣ୍ଟାଲ ୨୫ଶହ ଟଙ୍କାରେ ଚାଷୀଙ୍କଠାରୁ କିଣୁଥିବା ବେଳେ ଓଡ଼ିଶାରେ ଚାଷୀ ଏମ.ଏସ.ପିଠାରୁ ୫୦୦ ରୁ ୬୦୦ ଟଙ୍କା କମ୍‌ରେ ଧାନ ବିକ୍ରି କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସୋହେଲା ଚାଷୀ ସମାବେଶରେ ଧାନ କ୍ୱିଣ୍ଟାଲ ପ୍ରତି ୧୦୦ ଟଙ୍କା ଅତିରିକ୍ତ ଘୋଷଣା ଗଲା କୁଆଡ଼େ? ସେହିପରି ଗଙ୍ଗାଧର ମେହେର ଲିଫ୍ଟ ଇରିଗେସନ ପ୍ରକଳ୍ପ ଏଯାବତ୍ କାମ ସରିଲା ନାହିଁ। ବରଗଡ଼ ଜିଲ୍ଲାର ପଦ୍ମପୁର ସବଡିଭିଜନ୍ ଏକ ଶୁଖା ଅଂଚଳ। ଏହି ଅଞ୍ଚଳରେ ୮୨ ପ୍ରତିଶତ ହେଲେ ଚାଷୀ। ସେମାନଙ୍କର ଜୀବନ ଜୀବିକା ହେଲା ଚାଷ। କିନ୍ତୁ ଏଠାର ବିଲ ମୁଣ୍ଡକୁ ପାଣି ଯୋଗାଇ ଦିଆ ଗଲାନାହିଁ। ମୁଖ୍ୟମନ୍ତ୍ରୀ ୧୧ ବର୍ଷ ତଳେ ଓଡ଼ିଶାର ସମସ୍ତ ବ୍ଲକସ୍ତରରେ ୩୫ ପ୍ରତିଶତ ଜଳସେଚନ ବ୍ୟବସ୍ଥା କରାଯିବ ବୋଲି ଘୋଷଣା କରିଥିଲେ। ପଦ୍ମପୁର ସବଡିଭିଜନର ତିନୋଟି ବ୍ଲକରେ ଆଜି ସୁଦ୍ଧା ୯ ପ୍ରତିଶତ ଜଳସେଚନ ବ୍ୟବସ୍ଥା କରାଯାଇ ନାହିଁ। ଉଠା ଜଳସେଚନ ପ୍ରକଳ୍ପ ପାଇଁ ଚାଷୀ ୨୦ ହଜାର ଟଙ୍କା ଓ.ଏଲ.ଆଇ.ସି ପାଖରେ ଜମା କରି ଦୀର୍ଘ ବର୍ଷ ଅପେକ୍ଷା କରିଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରି କରାଗଲା ନାହିଁ କିମ୍ବା ଏଠାକୁ ବିଦ୍ୟୁତ ସଂଯୋଗ କରାଗଲା ନାହିଁ। ପ୍ରାକୃତିକ ବିପର୍ଯ୍ୟୟ ଓ ଜଳସେଚନର ନୈରାଶ୍ୟଜନକ ପରିସ୍ଥିତି ଚାଷୀକୁଳଙ୍କୁ ବହୁଳ ଭାବରେ ବ୍ୟଥିତ କରିଛି। ସରକାରଙ୍କ ଚାଷୀଙ୍କ ବିକାଶ ପରିବର୍ତ୍ତେ ବିନାଶର ଚିତ୍ର ପଦ୍ମପୁର ଦେଖି ଆସୁଛି। କେବଳ ନିର୍ବାଚନକୁ ଆଖିଆଗରେ ରଖି ଉଭୟ ଦଳ ଚାଷୀଙ୍କୁ ମୋହରା ବନେଇଛନ୍ତି। ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରାଯାଇ ଉଭୟଦଳର ଭୋଟ ହାତେଇବା ପାଇଁ ଯୋରଦାର ଲଢ଼େଇରେ ବ୍ୟସ୍ତ କିନ୍ତୁ ଚାଷୀ ସେମାନଙ୍କ ହକ୍ ପାଇଁ ଆଜି ଯେଉଁ ସତ୍ୟାଗ୍ରହ ଆନ୍ଦୋଳନ କରିଚାଲିଛନ୍ତି ଏହା ବାସ୍ତବରେ କଂଗ୍ରେସ ଦଳର ସ୍ୱପ୍ନକୁ ସାକାର କରିବ। ବିହାରର ଚମ୍ପାରଣରେ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ପ୍ରଥମେ ଯେଉଁ ନୀଳଚାଷୀ ଆନ୍ଦୋଳନର ଶୁଭାରମ୍ଭ କରାଯାଇଥିଲା ଆଜି ସେହିପରି ଚାଷୀ ସତ୍ୟାଗ୍ରହର ଅନୁସରଣ କରି ଉଭୟ ଚାଷୀଙ୍କୁ ଉପକ୍ଷିତ ଓ ଅଣଦେଖା କରିଥିବା ଦଳ ଓ ସରକାରକୁ ଉଚିତ୍ ଯବାବ ଦେବାପାଇଁ ଚାଷୀ ନୀତିଗତ ନିଷ୍ପତି ନେଇଛନ୍ତି। ଏହା କେବଳ ଚାଷୀକୁଳ ନୁହେଁ ସମଗ୍ର ଓଡ଼ିଶାବାସୀଙ୍କର ବିଜୟ ହେବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

# ରାଷ୍ଟ୍ରୀୟ, ଆନ୍ତଃରାଷ୍ଟ୍ରୀୟ ଏବଂ ସାର୍ବଜନୀନ ଶିଶୁ ଦିବସ

**ବିପିନବିହାରୀ ମହାନ୍ତି**



କୌଣସି ରାଷ୍ଟ୍ରରେ କୌଣସି ବିଶେଷ ଦିବସକୁ ଶିଶୁ ଦିବସ ରୂପେ ପାଳନ କଲେ, ତାକୁ ସେ ଦେଶର ରାଷ୍ଟ୍ରୀୟ ଶିଶୁଦିବସ କୁହନ୍ତି। ଏଣୁ ଏହା ଦେଶ ବା ଜାତି ନେଇ ଭିନ୍ନ ଭିନ୍ନ ତାରିଖରେ ପଡିଥାଏ, ଯେପରି ଭାରତର ଶିଶୁ ଦିବସଟି ନଭେମ୍ବର ୧୪କୁ ପାଳନ କରାଯାଏ। ଏହା ଭାରତ ପାଇଁ ଏକ ସ୍ୱତନ୍ତ୍ର ଏବଂ ବିଶେଷ ଦିବସ ଏଇଥିପାଇଁ ଯେ ଏହି ଦିନ ଆମ ସ୍ୱାଧୀନତା ସଂଗ୍ରାମର କିମ୍ବଦନ୍ତୀ ପୁରୁଷ ତଥା ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କର ଜନ୍ମଦିନ ଅଟେ। ତାଙ୍କ ଜନ୍ମଦିବସଟିକୁ ଜାତୀୟ ବା ରାଷ୍ଟ୍ରୀୟ ଶିଶୁ ଦିବସରୂପେ ପାଳନ କରାଯାଏ। ଆହୁରି ଏକ ଗୁରୁତ୍ୱପୂର୍ଣ୍ଣ ବିଶେଷତ୍ୱ ଏହି ଯେ ସେ ଶିଶୁମାନଙ୍କୁ ଖୁବ୍ ଭଲ ପାଉଥିଲେ। ସେମିତି ତାଙ୍କୁ ମଧ୍ୟ ବହୁତ ଭଲପାଉଥିଲେ ଶିଶୁମାନେ। ତାଙ୍କୁ ସେମାନେ ଶ୍ରଦ୍ଧା ଓ ସମ୍ମାନରେ ଚାଚା ବୋଲି ସମ୍ବୋଧନ କରୁଥିଲେ। ସେ ଏବଂ ଶିଶୁମାନେ ନିଜ ନିଜ ମେଳରେ ବହୁତ ଆନନ୍ଦର ଫାଇଦା ଉଠାଉଥିଲେ। ପୁନଶ୍ଚ ସେ ନିଜେ ଥିଲେ ଏକ ସ୍ୱତନ୍ତ୍ର ଶିଶୁ ଯିଏ ଉପଯୁକ୍ତ ଯତ୍ନଦ୍ୱାରା ବଢ଼ି ଏକ ମହାନ୍ ବୃକ୍ଷରେ ପରିଣତ ହେଲେ: ସେ ବିଶ୍ୱପ୍ରସିଦ୍ଧ ବିରାଟ ବ୍ୟକ୍ତିତ୍ୱ ଏବଂ ଆମର ପ୍ରଥମ ପ୍ରଧାନମନ୍ତ୍ରୀ। ଶ୍ରୀଲଙ୍କାରେ ତାଙ୍କ ରାଷ୍ଟ୍ରୀୟ ଦିବସଟି ୧ (ଏକ) ଅକ୍ଟୋବର ଦିନ ପାଳିତ ହୁଏ। ଏହିପରି ଅନ୍ୟାନ୍ୟ ଦେଶରେ ତାଙ୍କ ରାଷ୍ଟ୍ରୀୟ ଶିଶୁ ଦିବସଟି ବିଭିନ୍ନ ତାରିଖରେ ପାଳନ କରନ୍ତି।

ଆନ୍ତଃରାଷ୍ଟ୍ରୀୟ ଶିଶୁ ଦିବସଟି ପ୍ରତିବର୍ଷ ୧ ଜୁନ୍‌ରେ ପାଳିତ ହୁଏ। ଏହା ପ୍ରଥମେ ତୁର୍କୀରେ ୧୯୨୦ରେ ପାଳିତ ହୋଇଥିଲା ଏବଂ ପରେ ଶିଶୁମାନଙ୍କ ଉନ୍ନତିକଳ୍ପେ ବିଶ୍ୱ ସମ୍ମିଳନୀ, ଜେନେଭା, ସୁଇଜରଲ୍ୟାଣ୍ଡଠାରେ ୧୯୨୫ରେ ଆନ୍ତର୍ଜାତିକ ଶିଶୁ ଦିବସ ରୂପେ ପାଳନ କରାଇବାକୁ ଗୃହୀତ ହେଲା।

ଅବଶ୍ୟ ଜୁନ୍ ୧କୁ କାହିଁକି ଆନ୍ତର୍ଜାତିକ ଶିଶୁ ଦିବସ ରୂପେ ଗ୍ରହଣ କରାଗଲା, ତା'ର ଯଥାର୍ଥତା ନେଇ ବିଶେଷ ଗୁରୁତ୍ୱପୂର୍ଣ୍ଣ ତଥ୍ୟ କିଛି ନାହିଁ। ତେବେ ଶୁଣାଯାଏ ଯେ ଚାଇନାର କନସଲ୍ ଜେନେରାଲ ସାନ୍ ଫ୍ରାନ୍‌ସିସ୍କୋ ଯୁକ୍ତରାଷ୍ଟ୍ର ଆମେରିକାରେ ଗୁଡ଼ାଏ ଅନାଥ ପିଲାଙ୍କୁ ନେଇ ଡ୍ରାଗନ ବୋଟ୍ ଫେଷ୍ଟିଭାଲ ଜୁନ ୧, ୧୯୨୫ରେ ପାଳନ କରୁଥିଲେ। ଏହି ଦିନ ମଧ୍ୟ ଜେନେଭାରେ ଜେନେରାଲ ଆସେମ୍ବ୍ଲି ସମ୍ମିଳନୀ ଥିଲା। ବୋଧହୁଏ ଏହି ଉତ୍ସବକୁ ଆଧାର କରି ଏହା ଯଥାର୍ଥ ହୋଇଥାଇପାରେ।

ବିଶ୍ୱ ସ୍ତରରେ ଶିଶୁ ଦିବସଟି ଅକ୍ଟୋବର ୧୯୫୫ରେ ମିଳିତ ଜାତିସଂଘର ଶିଶୁ ମଂଗଳ ସଂସ୍ଥାଦ୍ୱାରା ପ୍ରଥମ କରି ଜେନେଭା ଠାରେ ପାଳିତ ହେଲା। ଏହିଠାରେ ବିଶ୍ୱ ଶିଶୁ ଦିବସ ବା ସାର୍ବଜନୀନ ଶିଶୁ ଦିବସ ପାଳନାର୍ଥେ ଆଲୋଚନା ପାଇଁ ରାବବ ମନସୁଲ ଗ୍ରେଡ-୮ ଏବଂ ଭାରତର ଶ୍ରୀ ଭି.କେ. କ୍ରିଷ୍ଣମେନନ୍ ଏହାଦ୍ୱାରା ବିଶଦ ଆଲୋଚନା ପାଇଁ ପ୍ରସ୍ତାବ ଉପସ୍ଥାପନ କଲେ ଏବଂ ଏହା ମିଳିତ ଜାତିସଂଘର ସାଧାରଣ ସଭାଦ୍ୱାରା ୧୯୫୫ରେ ଗୃହିତ ହେଲା। ଏହି ଦିବସଟି ସ୍ୱତନ୍ତ୍ର ଭାବେ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ। ବିଶ୍ୱ ବା ଜାଗତିକ ସ୍ତରରେ ଏହା ନଭେମ୍ବର ୨୦ରେ ପାଳିତ ହୁଏ।

ଭାରତରେ ନଭେମ୍ବର ୨୦କୁ ବିଶେଷ ଭାବରେ ଗୁରୁତ୍ୱ ନଦେଲେ ହେଁ, ସେହି ଅର୍ଥରେ ନେହେରୁଙ୍କ ଜନ୍ମ ଦିବସ ୧୪ ନଭେମ୍ବରକୁ ଧୂମ୍‌ଧାମରେ ବିଶେଷ କରି ବିଦ୍ୟାଳୟ ସ୍ତରରେ ନାନାପ୍ରକାର ନାଚ, ଗୀତ, ଖେଳ, କୁଦ ଏବଂ ପ୍ରତିଯୋଗିତା ମାଧ୍ୟମରେ ପାଳିତ ହୁଏ। ପିଲାମାନଙ୍କୁ ମିଷ୍ଟାନ୍ନ ବା ମିଠାଇ ବିତରଣ କରାଯାଏ। ଦୁଃଖ ଯେ ଏହାର ସୁଯୋଗ ଦେଶର ସମସ୍ତ ଶିଶୁ ନେଇପାରନ୍ତି ନାହିଁ। ଦୁଃଖ, ଦୈନ୍ୟ ଏବଂ ଦାରିଦ୍ର୍ୟ ତାଙ୍କୁ ଏ ସବୁରୁ ବଂଚିତ କରାଉଛି। ଏବେ ବି ୫ରୁ ୧୪ ବର୍ଷର ଅନେକ ଶିଶୁ ମୌଳିକ ଶିକ୍ଷାରୁ ବଂଚିତ।

ନଭେମ୍ବର ୨୦କୁ ବିଶ୍ୱ ଶିଶୁ ଦିବସ ରୂପେ ପାଳନ କରିବାରେ ଆଉ କିଛି କାରଣ ଅଛି। ୧୯୫୯ରେ ଏହି ଦିବସରେ ମିଳିତ ଜାତିସଂଘର ସାଧାରଣ ସଭା ଶିଶୁମାନଙ୍କ ଅଧିକାର ସମ୍ବନ୍ଧୀୟ ଘୋଷଣାନାମା ପ୍ରକାଶ କଲା ଏବଂ ଏହା ୨୦ ନଭେମ୍ବର ୧୯୮୯ରେ ଆନ୍ତର୍ଜାତିକ ନିୟମନାମାରେ ପରିଣତ ହେଲା।

ବିଶ୍ୱ ଶିଶୁ ଦିବସର ଉଦ୍ଦେଶ୍ୟ ନୁହେଁ ଯେ କେବଳ ଶିଶୁମାନେ ଆମୋଦପ୍ରମୋଦରେ କଟାନ୍ତୁ। ଏହାର ଅନ୍ତର୍ନିହିତ ଉଦ୍ଦେଶ୍ୟ ହେଉଛି ସେମାନେ ମଣିଷ ପରି ବଂଚନ୍ତୁ; ପଢ଼ନ୍ତୁ ବଢ଼ନ୍ତୁ, ନିରୋଗ ରୁହନ୍ତୁ। ସେଥିପାଇଁ ତାଙ୍କୁ ଟିକା ଦିଆଯାଉ; ପୁଷ୍ଟିହୀନତା ଦୂର ପାଇଁ ଖାଦ୍ୟ ଯୋଗାଯାଉ ଏବଂ ମାରାତ୍ମକ ରୋଗ ଏଡସ୍/ ଏଚ.ଆଇ.ଭି.ର କିପରି ସଂକ୍ରମଣ ନହେବ ତାହାର ସ୍ୱାସ୍ଥ୍ୟଗତ ବ୍ୟବସ୍ଥା କରାଯାଉ; ସେମାନଙ୍କୁ କେହି କୌଣସି ପ୍ରକାରେ ଶୋଷଣ ନକରନ୍ତୁ। ଦୁଃଖ ଯେ ଏବେ ବି ବିଶ୍ୱସ୍ତରରେ ୧୫୩ ନିୟୁତ ୫ରୁ ୧୪ ବର୍ଷ ବୟସର ଶିଶୁ ଶିଶୁଶ୍ରମିକ ଭାବରେ କାମ କରନ୍ତି। କେହି କେହି ଯୁଦ୍ଧ ବେଳେ ବୟସ ନହୋଇ ନିୟୋଜିତ ରୁହନ୍ତି। ମୋଟ ଉପରେ ସେମାନଙ୍କୁ ଶାରୀରିକ, ମାନସିକ ବା ମନସ୍ତାତ୍ତ୍ୱିକ ସ୍ତରରେ ଶୋଷଣ କରାନଯାଉ। ଏସବୁ ନେଇ ଜାତିସଂଘର ୟୁନିସେଫ (UNCEF) ଓ ବିଶ୍ୱସ୍ୱାସ୍ଥ୍ୟ ସଂସ୍ଥା (WHO) ଇତ୍ୟାଦି କାମ କରୁଛନ୍ତି। ସେମିତି ସେମାନଙ୍କୁ ଦାସତ୍ୱ, ବେଶ୍ୟାବୃତ୍ତି, ଅଥବା କାମ ପ୍ରକ୍ରିୟାରେ ନିୟୋଜନ ନକରିବା ପାଇଁ ୧୯୯୯ରେ ନିୟମମାନ ପ୍ରଣୟନ କରାଯାଇଛି। ମିଳିତ ଜାତିସଂଘର ୨୦୦୨ ରାଜିନାମାନୁସାରେ ପ୍ରତି ପିଲା ୨୦୧୫ ମଧ୍ୟରେ ବିଦ୍ୟାଳୟରେ ପାଠ ପଢ଼ୁଥାଉ। ଜାତି-ଧର୍ମ-ଗୋଷ୍ଠୀ-ସାମର୍ଥ୍ୟ- ବିକଳାଂଗ-ସବୁରି ଉର୍ଦ୍ଧ୍ୱରେ ସମସ୍ତ ଶିଶୁ ମାନବିକ ତଥା ଶିଶୁ ଅଧିକାରରୁ କେହି ବଂଚିତ ନ ହୁଅନ୍ତୁ।




ଆଜିର ବିଶ୍ୱ ଶିଶୁ କାଲିର ବିଶ୍ୱର କର୍ଣ୍ଣଧାର। କୌଣସି ଶିଶୁକୁ ଅପନ୍ତରାର ଫୁଲ ନଭାବି, ତାକୁ ଉଦ୍ୟାନର ଫୁଲ କରନ୍ତୁ। ମାଳିଟିଏ ପରି ତାର ଯତ୍ନ ନିଅନ୍ତୁ। ଉଦ୍ୟାନ ହସୁ। ଶିଶୁର ହସରେ ଏ ବିଶ୍ୱ ହସୁ; ଏହାହିଁ ଆଜିର ଅନୁଚିନ୍ତା।

*-ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮*

# ଗଣମାଧ୍ୟମ ସୁଦୃଢ଼ ହେଲେ ଆଇନ କାନୁନର ଆବଶ୍ୟକ ପଡ଼ିବ ନାହିଁ




ଭୁବନେଶ୍ୱର (ପିଏନ୍) : ଗଣତନ୍ତ୍ରରେ ତିନିସ୍ତମ୍ଭ ଠାରୁ ଗଣମାଧ୍ୟମ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହା ଯେକୌଣସି ଏକ ସମସ୍ୟା ଏବଂ ବ୍ୟକ୍ତିବିଶେଷଙ୍କୁ ଉପରକୁ ଆଣିପାରିବା ସହ ତଳକୁ ମଧ୍ୟ ନେଇପାରିବ। ସାମ୍ବାଦିକ କଲମ୍ ମୁନ ଏବଂ ବୁମ୍ ସୁଦୃଢ଼ ହେଲେ ଦେଶର ପ୍ରଗତି କ୍ଷେତ୍ରରେ ଆଇନ କାନୁନନର ଆବଶ୍ୟକ ପଡ଼ିବ ନାହିଁ। ସମାଜର ପରିବର୍ତ୍ତନ ସହ ଗଣମାଧ୍ୟମ ରାଷ୍ଟ୍ରୀୟ ଭାବରେ ଉଦ୍‌ବୁଦ୍ଧ ହେବା ଆବଶ୍ୟକ ହେବ। ଏଥିସହ ସଂସ୍କୃତି ଓ ପରମ୍ପରାକୁ ନ ଭୁଲି ଭାରତମାତାକୁ ଭଲ ପାଇବା ଗଣମାଧ୍ୟମର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ୍ ବୋଲି ବିଶିଷ୍ଟ ବକ୍ତାମାନେ ମତପୋଷଣ କରିଛନ୍ତି। ଗତ ବୁଧବାର ସ୍ଥାନୀୟ ଜୟଦେବ ଭବନଠାରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ଆନୁକୂଲ୍ୟରେ କେନ୍ଦ୍ର ସରକାରଙ୍କ ଦୂରଦର୍ଶନ କେନ୍ଦ୍ର, ଆକାଶବାଣୀ, ପ୍ରେସ୍ ଇନ୍‌ଫରମେସନ ବ୍ୟୁରୋ (ପିଆଇବି), ସ୍କୋଲ ବ୍ୟୁରୋ ଅଫ କମ୍ୟୁନିକେଶନ (ସିବିସି) ଏବଂ ଏକାଡ଼େମୀ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଇନ୍‌ଫରମେସନ ଟେକ୍ନୋଲୋଜି (ଅମିତ୍)ର ମିଳିତ ଆନୁକୂଲ୍ୟରେ ଜାତୀୟ ପ୍ରେସ୍ ଦିବସ ପାଳନ କରାଯାଇଥିଲା। ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ-୨୦୨୨ ଅବସରରେ ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ରାଜ୍ୟର ୩୨ଜଣ ବରିଷ୍ଠ ସାମ୍ବାଦିକଙ୍କୁ ପେନ୍‌ସନ ପ୍ରଦାନ କରାଯିବା ସହିତ ୭ଜଣ ବରିଷ୍ଠ ସାମ୍ବାଦିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଛି। ରାଜ୍ୟ ପୂର୍ତ୍ତ, ଖଣି ଏବଂ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ ଯେ, ସାମ୍ବାଦିକମାନଙ୍କ ପାଇଁ ସ୍ୱାସ୍ଥ୍ୟବୀମାର ପରିମାଣ ୨ ଲକ୍ଷରୁ ୫ ଲକ୍ଷକୁ ବୃଦ୍ଧି କରିବା ପ୍ରସ୍ତାବ ରାଜ୍ୟ ସରକାରଙ୍କ ବିଚାରଧୀନ ରହିଛି। ଏଥିସହ ସାମ୍ବାଦିକମାନେ ମଧ୍ୟ ସମାଜର ସେବା କରୁଥିବାରୁ ସେମାନେ ପେନସନ ପାଇବା ଆବଶ୍ୟକ। ସେ ଆହୁରି ମଧ୍ୟ କହିଥିଲେ ଯେ, ବର୍ତ୍ତମାନ ସମ୍ବିଧାନର ସୁରକ୍ଷା ଏବଂ ସଂଘୀୟ ବ୍ୟବସ୍ଥାର ସୁରକ୍ଷା ସାମ୍ବାଦିକମାନଙ୍କ ପ୍ରଥମ କର୍ତ୍ତବ୍ୟ ହେବା ଆବଶ୍ୟକ। କେହି କାହାରିକୁ ଦୋଷ ନଦେଇ ନିଜର ଲକ୍ଷ୍ମଣରେଖା ମଧ୍ୟରେ ପରସ୍ପରକୁ ସହଯୋଗ କରି କାର୍ଯ୍ୟ କଲେ ଦେଶର ପ୍ରଗତି ହୋଇପାରିବ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି। ଏଥିରେ ଉଦ୍‌ଘାଟକ ଭାବେ ଯୋଗଦେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ସୁସ୍ଥ ସମାଜ ଗଠନ ଏବଂ ସୁଦୃଢ଼ ରାଷ୍ଟ୍ର ନିର୍ମାଣ ଦିଗରେ ଗଣମାଧ୍ୟମର ଦାୟିତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିମଧ୍ୟରୁ କୌଣସି ଗୋଟିଏ ସ୍ତମ୍ଭ ଦୁର୍ବଳ ହେଲେ ଗଣତନ୍ତ୍ର ତିଷ୍ଠିବା ପ୍ରଶ୍ନବାଚୀ ଭିତରକୁ ଆସିଯିବ। ରାଜ୍ୟ ସରକାର କୋଭିଡ଼ ସମୟରେ ୪୦ଜଣ କର୍ତ୍ତବ୍ୟରତ ସାମ୍ବାଦିକଙ୍କ କରୋନା ମୃତ୍ୟୁ ଘଟଣାରେ ୧୫ ଲକ୍ଷ ଟଙ୍କା ପରିବାରକୁ ଆର୍ଥିକ ସହାୟତା ଦେଇଛନ୍ତି। ସାମ୍ବାଦିକମାନଙ୍କ ନିମିତ୍ତ ରାଜ୍ୟ ସରକାର ଆହୁରି ଅନେକ କିଛି ପଦକ୍ଷେପ ନେବା ପାଇଁ ନିଷ୍ପତ୍ତି ନେଇଛନ୍ତି ବୋଲି ଶ୍ରୀ ମହାପାତ୍ର କହିଛନ୍ତି। କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳ ସମ୍ପଦ ମନ୍ତ୍ରୀ ବିଶେଶ୍ୱର ଟୁଡୁ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଯେ, ଭବିଷ୍ୟତର ସାମ୍ବାଦିକ ତଥା ଆଜିର ସାମ୍ବାଦିକତା ଛାତ୍ରଛାତ୍ରୀମାନେ ସମାଜ ଗଠନରେ ସମସ୍ତ ତ୍ରୁଟି ବିଚ୍ୟୁତିକୁ ଲୋକଲୋଚନକୁ ଆଣିବା ପାଇଁ ଉଦ୍ୟମ କରିବା ଉଚିତ୍। ଗଣମାଧ୍ୟମ ରହିଁଲେ ସମସ୍ତ ପ୍ରସଙ୍ଗକୁ ଲୋକଲୋଚନକୁ ଆଣିପାରିବ ଏବଂ ଗଣତନ୍ତ୍ରର ଅନ୍ୟ ତିନିସ୍ତମ୍ଭ ଅପେକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବ। ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା ରାଷ୍ଟ୍ର ଗଠନରେ ଗଣମାଧ୍ୟମ ପ୍ରତିନିଧିମାନେ ୨୪ ଘଣ୍ଟା ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରୁଛନ୍ତି କହି ସୁଦୃଢ଼ ରାଜ୍ୟ ଗଠନ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ମିଳିତ ଭାବେ ସାକାର କରିବା ପାଇଁ ବର୍ତ୍ତମାନର ଗଣମାଧ୍ୟମର ପ୍ରତିନିଧି ତଥା ସାମ୍ବାଦିକତା ଛାତ୍ରଛାତ୍ରୀମାନେ ଆଗେଇ ଆସିବା ଉଚିତ୍ ବୋଲି ଆହ୍ୱାନ ଦେଇଥିଲେ। ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ଅଧ୍ୟକ୍ଷ ଦୀପକ ମାଲବ୍ୟ ଉତ୍ସବରେ ଅଧ୍ୟକ୍ଷତା କରି କହିଲେ ଯେ, ଆଜି ବଜାର ସବୁକିଛି କିଣିନେଉଛି, ଏ ଦୃଷ୍ଟିରୁ ଗଣମାଧ୍ୟମ ଏବଂ ନ୍ୟାୟପାଳିକା ସାଧାରଣ ଲୋକମାନଙ୍କ ପାଇଁ ଲଢ଼େଇ କରୁଥିବାରୁ ସେମାନଙ୍କୁ ସଲାମ କରିବାକୁ କହିଥିଲେ। ଏଥିସହିତ ବହୁ କଠିନ ପରିସ୍ଥିତିରେ ଗଣମାଧ୍ୟମ ବିନା ପଦୋନ୍ନତି ଆଶାରେ କାର୍ଯ୍ୟ କରୁଥିବାରୁ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସାହସକୁ ସାବାସୀ ଦେଇଥିଲେ। 'ପିଟିଆଇ'ର ସମ୍ପାଦକ ରାଜେଶ ମହାପାତ୍ର ବିଶିଷ୍ଟ ବକ୍ତା ରୂପେ ଯୋଗଦେଇ କହିଲେ ଯେ ୧୮୭୦ ମସିହାର ଦେଶର ପ୍ରଥମ ଖବରକାଗଜରୁ ଆରମ୍ଭ କରି ଦେଶ ସ୍ୱାଧୀନତା ପର୍ଯ୍ୟନ୍ତ ଗଣମାଧ୍ୟମ ଇତିହାସର ଆଲୋଚନା କରିଥିଲେ। ସ୍ୱାଧୀନତା ସଂଗ୍ରାମ ସମୟରେ ରାଷ୍ଟ୍ର ଗଠନର ଅର୍ଥ ବିକାଶ ରହିଥିଲା। ସ୍ୱାଧୀନତା ପରେ ଅର୍ଥନୈତିକ ପ୍ରଗତି ଉପରେ ଗଣମାଧ୍ୟମ ଗୁରୁତ୍ୱ ଦେଇଥିଲା। ୧୯୭୦ ଦଶକ ପର୍ଯ୍ୟନ୍ତ କର୍ତ୍ତବ୍ୟ, ଅଧିକାର ଏବଂ ଦାୟିତ୍ୱ ଗଣମାଧ୍ୟମର ଲକ୍ଷ୍ୟ ଥିଲା। ବର୍ତ୍ତମାନ ବଜାରରେ ନାଗରିକ ଖାଉଟି ପାଲଟି ଯାଇଥିବା ବେଳେ ଅର୍ଥନୈତିକ ପ୍ରଗତିର ଲକ୍ଷ୍ୟ ବଦଳି ଯାଇଛି। ଏହି ପରିପ୍ରେକ୍ଷୀରେ ଗଣମାଧ୍ୟମ ସୃଷ୍ଟି କରିବ, ଯତ୍ନ ନେବ ଏବଂ ଏହା କିଭଳି ଦୀର୍ଘସ୍ଥାୟୀ ହେବ, ସେ ଦିଗରେ ଲୋକମାନଙ୍କୁ ସୂଚନା ଦେଇ ସଶକ୍ତ କରିବା ଆବଶ୍ୟକ ବୋଲି କହିଛନ୍ତି। ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ପୂର୍ବାଞ୍ଚଳ ଉପାଧ୍ୟକ୍ଷ ଅରୁଣ କୁମାର ପଣ୍ଡା ଆଲୋଚନାରେ ଅଂଶଗ୍ରହଣ କରି ୬୫ରୁ ଉର୍ଦ୍ଧ୍ୱ ବରିଷ୍ଠ ସାମ୍ବାଦିକମାନଙ୍କୁ ଗତ ୮ ବର୍ଷ ହେଲା ସାମ୍ବାଦିକ କଲ୍ୟାଣ ବୋର୍ଡ଼ ପେନସନ ଦେଉଛି ବୋଲି କହିଥିଲେ। ଏହି ଅବସରରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ଅଧ୍ୟକ୍ଷ ଦୀପକ ମାଲବ୍ୟ ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ରଙ୍କୁ ଦାବୀପତ୍ର ଦେଇଥିବା ବେଳେ କଲ୍ୟାଣ ବୋର୍ଡ଼ର ସଭାପତି ପ୍ରଦୋଷ ପଟ୍ଟନାୟକ ଏବଂ ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଉନ୍ନୟନ କମିଶନର ଶ୍ରୀ ଜେନାଙ୍କୁ ଆଉ ଏକ ଦାବୀପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଦୈନିକ ସମ୍ବାଦପତ୍ର 'ସମାଜ'ର ପୂର୍ବତନ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ବାମାପଦ ତ୍ରିପାଠୀଙ୍କୁ 'ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ-୨୦୨୨' ପ୍ରଦାନ କରାଯିବା ସହିତ ଦୁବାଇ, କୋଲକତା, ମୁମ୍ବାଇ, ଦିଲ୍ଲୀ, ଉତ୍ତରପ୍ରଦେଶ ଓ ଝାଡ଼ଖଣ୍ଡ ପ୍ରଦେଶର ବିଭିନ୍ନ ସମ୍ବାଦପତ୍ରର ବରିଷ୍ଠ ସାମ୍ବାଦିକ ପ୍ରୀତମ ସିଂ ଭାଟିଆ, ଅଚିନ ଚକ୍ରବର୍ତ୍ତୀ, ସାଧନା ତ୍ରିପାଠୀ, ଅଶୋକ ପାଣ୍ଡେ, ତନବୀର ଖାନ, ହିମାଂଶୁ ତ୍ରିପାଠୀ ପ୍ରମୁଖଙ୍କୁ 'ରାଷ୍ଟ୍ରୀୟ ସାମ୍ବାଦିକ ଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏହାଛଡ଼ା ନାଲକୋର ଜେନେରାଲ ମ୍ୟାନେଜର ଆଶୁତୋଷ ରଥ (ଆଡ଼ମିନ୍‌ଷ୍ଟ୍ରେସନ ଆଣ୍ଡ ପବ୍ଲିକ ରିଲେସନ୍)ଙ୍କୁ କର୍ପୋରେଟ କମ୍ୟୁନିକେଶନ ଆଣ୍ଡ ପବ୍ଲିକ ରିଲେସନ୍ସ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୨୦୨୧ ମସିହାରେ ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନ ହାସଲ କରିଥିବା ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱରର ଛାତ୍ରୀ ଶ୍ରୀୟଙ୍କା ସାହୁ (ଅମିତ କଲେଜ)ଙ୍କୁ 'ରବି ନାରାୟଣ ମହାନ୍ତି ସ୍ମାରକୀ ସମ୍ମାନ-୨୦୨୨', ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ଛାତ୍ରୀ ଦେବଯାନୀ ମହାପାତ୍ରଙ୍କୁ 'ପ୍ରଦ୍ୟୁମ୍ନ ବଳ ସ୍ମାରକୀ ସମ୍ମାନ-୨୦୨୨' କଟକସ୍ଥିତ ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ରୀ ଶ୍ୱେତା ମହାନ୍ତିଙ୍କୁ 'ରାମହରି ମିଶ୍ର ସ୍ମାରକୀ ସମ୍ମାନ-୨୦୨୨', ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଛାତ୍ରୀ ଶର୍ମିଷ୍ଠା କୁମାରୀ ମହାରଣାଙ୍କୁ 'ବରେନ୍ଦ୍ରକୃଷ୍ଣ ଧଳ ସ୍ମାରକୀ ସମ୍ମାନ-୨୦୨୨', ଢେଙ୍କାନାଳସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମାସ୍ କମ୍ୟୁନିକେଶନ (ଆଇଆଇଏମ୍‌ଏସ୍)ର ଛାତ୍ରୀ ପ୍ରତୀକ୍ଷା ମହାପାତ୍ରଙ୍କୁ 'ଦିଲ୍ଲୀପ ଶତପଥୀ ସ୍ମାରକୀ ସମ୍ମାନ-୨୦୨୨', ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱରର ଛାତ୍ରୀ ସ୍ୱାଗତିକା ପରିଜାଙ୍କୁ 'ଅରିନ୍ଦମ୍ ଦାଶ ସ୍ମାରକୀ ସମ୍ମାନ-୨୦୨୨' ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳ, ବାଲେଶ୍ୱରର ଛାତ୍ର ବିଶ୍ୱରଞ୍ଜନ ରାଉତଙ୍କୁ ଗୋପାଳ ମିଶ୍ର ସ୍ମାରକୀ ସମ୍ମାନ-୨୦୨୨ରେ ସମ୍ମାନିତ କରାଯାଇଥିଲା। ରାଜ୍ୟର ୩୨ଜଣ ବରିଷ୍ଠ ସାମ୍ବାଦିକ ମହେଶ୍ୱର ମୂଳିଆ, ଦୁଲାଲ ମିଶ୍ର, ପ୍ରଶାନ୍ତ କୁମାର ପଟ୍ଟନାୟକ, ପ୍ରଦୋଷ ପଟ୍ଟନାୟକ, ସତ୍ୟ ରାୟ, ପ୍ରବୋଧ କୁମାର ମିଶ୍ର, ସାରଦା ପ୍ରସନ୍ନ ନନ୍ଦ, ବସନ୍ତ କୁମାର ଦାଶ, ଡ. ଅରୁଣ କୁମାର ପଣ୍ଡା, ସୁବାସ ଚନ୍ଦ୍ର ପଟ୍ଟନାୟକ, ଅର୍ଜୁନ ରଞ୍ଜନ ପଣ୍ଡା, ଗଜେନ୍ଦ୍ର କୁମାର ମହାନ୍ତି, ସେକ୍ ଅବଦୁଲ ମନାନ୍, ସୁରେନ୍ଦ୍ର ସାହୁ, ଭାଗବତ ତ୍ରିପାଠୀ, ଶ୍ରୀରାମ ଦାଶ, ସୁଦାମ ଚରଣ ନାୟକ, ହଳଧର ଧୀର, ଅଜିତ୍ କୁମାର ମହାନ୍ତି, ଅକ୍ଷୟ କୁମାର ପତି, ସୁବାସ ପାଣିଗ୍ରାହୀ, ସୁଜ୍ଞାନ ଚୌଧୁରୀ, ଗୁରୁକଲ୍ୟାଣ ମହାପାତ୍ର, ତ୍ରିଲୋଚନ ମହାପାତ୍ର, ଗୌରାଙ୍ଗ ଚରଣ ହୋତା, ଶରତ ଚନ୍ଦ୍ର ଦାଶ, ରବି ରଥ, ଅମ୍ବିକା ପ୍ରସାଦ କାନୁନଗୋ, ପ୍ରସନ୍ନ କୁମାର ନାୟକ, ବୈଷ୍ଣବ ଚରଣ ଜେନା, ଚନ୍ଦ୍ରକାନ୍ତ ମିଶ୍ର, ପଦ୍ମନାଭ ଜେନା ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ପେନ୍‌ସନ ପ୍ରଦାନ କରାଯାଇଥିଲା। ମଧ୍ୟାହ୍ନରେ 'ଦେଶ ଗଠନରେ ଗଣମାଧ୍ୟମର ଭୂମିକା' ଶୀର୍ଷକ ଏକ ଆଲୋଚନା ଚକ୍ରରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ସଭାପତି ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଉନ୍ନୟନ କମିଶନର ପ୍ରଦୀପ ଜେନା ଉଦ୍‌ଘାଟକ, ଦିଲ୍ଲୀର ଦୈନିକ ସମ୍ବାଦପତ୍ର 'ଦି ହିନ୍ଦୁ'ର ଡେପୁଟି ଏଡ଼ିଟର ଲଲାଟେନ୍ଦୁ ମିଶ୍ର, ଅମିତର ହେଡ଼ ଅଫ ଦି ଡ଼ିପାର୍ଟମେଣ୍ଟ ଗୋପାଳ ମହାପାତ୍ର ଓ ତ୍ରିଦେବ ନାରାୟଣ ମହାନ୍ତି, ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର, ରମେଶ ଚନ୍ଦ୍ର ମହାନ୍ତି, ଗୁରୁକଲ୍ୟାଣ ମହାପାତ୍ରଙ୍କ ସମେତ ବରିଷ୍ଠ ସାମ୍ବାଦିକ ଓ ବିଭିନ୍ନ ସାମ୍ବାଦିକ ୟୁନିୟନର ପ୍ରତିନିଧିମାନେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ସଭାପତି ପ୍ରଦୋଷ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ସନତ ମିଶ୍ର କଲ୍ୟାଣ ବୋର୍ଡ଼ର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ କଲ୍ୟାଣ ବୋର୍ଡ଼ର ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସୁଗମ ସଙ୍ଗୀତ ପରିବେଷଣ କରାଯାଇଥିଲା।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ନଭେମ୍ବର ୨୦

# —ଶ୍ରେଷ୍ଠ ପୁରୁଷାର୍ଥ—



ସନାତନ ସଂସ୍କୃତିରେ ଋଷି ମୁନିମାନେ ହେଉଛନ୍ତି ସୃଷ୍ଟି ବିକାଶ ଓ ବିସ୍ତାରର ମୂଳ ଉତ୍ସ। ବ୍ରହ୍ମା ସୃଷ୍ଟି ସଂରଚନା ପାଇଁ ସପ୍ତ ଋଷିଙ୍କୁ ସୃଷ୍ଟି କରିବା ସହିତ ସେମାନଙ୍କ ଉପରେ ସୃଷ୍ଟି ବିସ୍ତାରର ଭାର ନ୍ୟସ୍ତ କରିଥିଲେ। ସେହିମାନେ ହେଉଛନ୍ତି ଆମ୍ଭମାନଙ୍କର ଆଦି ପୁରୁଷ। ତେଣୁ ସମସ୍ତ ଭାରତୀୟମାନେ କୌଣସି ନା କୌଣସି ଋଷିଙ୍କ ନାମ ବା ଗୋତ୍ର ଅନୁସାରେ ନାମିତ। ସେହିମାନଙ୍କୁ ନେଇ ଆମ୍ଭମାନଙ୍କର ବଂଶ ପରିଚୟ। ସେମାନେ ସତ୍ୟ ଦ୍ରଷ୍ଟା ଏବଂ ମନ୍ତ୍ର ଦ୍ରଷ୍ଟା। ସେହି ମାନଙ୍କ ତପ ଓ ପୂଣ୍ୟ ପ୍ରଭାବରେ ସୃଷ୍ଟି ତିଷ୍ଠି ରହିଛି। ସନାତନ ଧର୍ମର ଶାଶ୍ୱତ ପ୍ରବାହ ସେମାନଙ୍କ ସାଧୁତା ପ୍ରଭାବରେ ଗଡ଼ି ଚାଲିଛି। ଏହି ମହାତ୍ମାମାନେ ଆମ୍ଭ ମାନଙ୍କର ପୂଜ୍ୟ ତଥା ଗର୍ବ ଏବଂ ଗୌରବ। ସେହିମାନଙ୍କୁ ଆମେ ସାଧୁ ବୋଲି କହିଥାଉ ଯେଉଁମାନେ ସର୍ବଦା ସମସ୍ତଙ୍କର ହିତ ସାଧନାରେ ରତ ଥାଆନ୍ତି। 'ସର୍ବ ଭୂତ ହିତ ରତଃ' – ଯିଏ ସର୍ବଦା ସର୍ବ ଭୂତଙ୍କ ହିତ କାମନା କରନ୍ତି ସେ ସାଧୁ। ସେହି ମାନଙ୍କ ଆଦର୍ଶ ଓ ନିର୍ଦ୍ଦେଶିତ ପଥରେ ଯେଉଁମାନେ ଯେତେ ଅନୁପ୍ରାଣୀତ ସେମାନେ ସେତିକି ସମାଜରେ ଆଦୃତ ଓ ମହାନ ହୋଇଛନ୍ତି। ସେହି ନ୍ୟାୟରେ ଆମର ପୂର୍ବଜ ପିତୃ ପୁରୁଷ, ଗୁରୁ ଗୁରୁଜନ ଓ ଆଦର୍ଶ ସ୍ଥାନୀୟ ବ୍ୟକ୍ତି ମାନଙ୍କୁ ଆମେ ସାଧୁ ମହାତ୍ମା କହି ସମ୍ମାନ କରିଥାଉ। ସେହି ମାନଙ୍କର ଉପସ୍ଥିତି, ଆଶୀର୍ବାଦ ଓ ପୂଣ୍ୟ ପ୍ରଭାବରେ ଆମ୍ଭମାନଙ୍କର ଜୀବନ ସରସ, ସୁନ୍ଦର, ସୁଗମ ହୋଇଥାଏ। ଏହି ପୂଣ୍ୟଶାଳୀ ସାଧୁ ସନ୍ଥମାନେ ହେଉଛନ୍ତି ଏ ଧରଣୀର ଆଶୀର୍ବାଦ। ସେମାନଙ୍କ ପୂଣ୍ୟ ପ୍ରଭାବ ଏ ଧରଣୀକୁ ଧାରଣ କରି ରଖିଛି। ସନାତନ ଧର୍ମଧାରାରେ ଏମାନେ ସର୍ବମାନ୍ୟ ଅଟନ୍ତି। ପିତାମାତା ଗୁରୁ ହେଉଛନ୍ତି ସନ୍ତାନ ପାଇଁ ରକ୍ଷା କବଚ। ଗୁରୁ ମଧ୍ୟ ପିତା ପ୍ରତିମ ଅଟନ୍ତି। କଥାରେ ଅଛି ପିତା ଥିବା ପୁତ୍ର ସଭାରେ ହାରେ ନାହିଁ। ପିତାମାତା ବଞ୍ଚିଥିଲେ ସନ୍ତାନ ଉପରେ ଗ୍ରହ ମାନଙ୍କ କୁପ୍ରଭାବ ପିଡ଼ା ମଧ୍ୟ ଊଣା ହୋଇଥାଏ ବୋଲି କୁହାଯାଇଛି। ସନ୍ଥ ତୁଳସୀ ଦାସ ତାଙ୍କ ପ୍ରସିଦ୍ଧ ଶ୍ରୀରାମଚରିତ ମାନସ ଗ୍ରନ୍ଥରେ ଶ୍ରୀରାମଙ୍କ ମୁଖରେ ପ୍ରକାଶ କରିଛନ୍ତି 'ମାଥେ ପର ଗୁରୁ ମୁନିମିଥିଲେସ। ତୁହା ହି ଦମାହି ସପନେଇ ନ କଲେସ'। ଆମ ମଥା ଉପରେ ଗୁରୁ ଏବଂ ମିଥିଳାଧିପତିଙ୍କ ଆଶୀର୍ବାଦ ଥିବାରୁ ସ୍ୱପ୍ନରେ ସୁଧା ଆମର କିଛି ବିପଦ ନାହିଁ। ପୂଣ୍ୟଶାଳୀ ବ୍ୟକ୍ତିଙ୍କ ଉପସ୍ଥିତି, ଆଶୀର୍ବାଦ ଓ ମାର୍ଗଦର୍ଶନ କଲ୍ୟାଣକାରୀ ଅଟେ। ସେଥିପାଇଁ ସମସ୍ତ ଶୁଭାଶୁଭ କାର୍ଯ୍ୟରେ ଆମେ ପୂଜ୍ୟ ବ୍ୟକ୍ତିମାନଙ୍କର ଆଶୀର୍ବାଦ ନେଇଥାଉ। ଯଦି ଆମ ଘରେ କିମ୍ବା ଆଖପାଖରେ କେହି ପୂଣ୍ୟଶାଳୀ ବ୍ୟକ୍ତି ରହୁଥାନ୍ତି ତେବେ ତାଙ୍କ ପୂଣ୍ୟ ପ୍ରଭାବରେ ଆମ ପାଖକୁ ବିପଦ ଆସିପାରିବ ନାହିଁ। ଏହା ସନାତନ ସିଦ୍ଧାନ୍ତ ଅଟେ। ଯେଉଁ ପର୍ଯ୍ୟନ୍ତ ଲଙ୍କାପୁରରେ ପୂଣ୍ୟାତ୍ମା ବିଭୀଷଣ ଥିଲେ ସେ ପର୍ଯ୍ୟନ୍ତ ଲଙ୍କାରେ କିଛି ବିପଦ ନଥିଲା। ଯେବେ ରାବଣ ଲଙ୍କାପୁରରୁ ବିଭୀଷଣଙ୍କୁ ବିତାଡ଼ିତ କରିଦେଲା ସେବେଠାରୁ ଲଙ୍କାରେ ବିପଦ ମାଡ଼ି ଆସିଲା। ସ୍ୱର୍ଣ୍ଣମୟୀ ଲଙ୍କା ଛାରଖାର ହୋଇଗଲା। ଠିକ ସେହିଭଳି ଯେତେ ଦିନ ଯାଏ ମହାତ୍ମା ବିଦୁର ହସ୍ତିନାରେ ଥିଲେ ସେତେ ଦିନ ଯାଏ ହସ୍ତିନା ସମେତ କୁରୁକୁଳ ସର୍ବ ବିପଦରୁ ମୁକ୍ତ ଥିଲେ। ଯେଉଁ ଦିନ ହସ୍ତିନାରୁ ମହାତ୍ମା ବିଦୁରଙ୍କୁ ଅପମାନିତ କରି ତଡ଼ି ଦିଆଗଲା ସେବେଠାରୁ କୁରୁବଂଶ ପତନ ଆଡ଼କୁ ଧାବିତ ହେଲା। ଏପରି ହେଲା କୁରୁ ବଂଶରେ ଶୋକ କରିବା ପାଇଁ ମଧ୍ୟ କେହି ରହିଲେ ନାହିଁ। ରାଜପଣ ଗଲା, ବଂଶଧ୍ୱଂସ ହୋଇଗଲା। କୁକର୍ମ ପ୍ରଭାବରେ ପାପ ବଢ଼ିଯାଏ, ଯାହାଫଳରେ ଗୁରୁ ଗୁରୁଜନଙ୍କ ଆଶୀର୍ବାଦ ରୂପକ ରକ୍ଷା କବଚ ମଥା ଉପରୁ ହଟିଯାଏ। ସବୁବେଳେ ଗୁରୁ ଗୁରୁଜନଙ୍କ ଆଶୀର୍ବାଦ ଜୀବନରେ ସଫଳତା ଓ ସୁଖ ଶାନ୍ତି ପାଇଁ ଆବଶ୍ୟକ। ସେଥିପାଇଁ କୁହାଯାଇଛି ସକାଳୁ ଉଠି ପ୍ରଥମେ ଗୁରୁ ଗୁରୁଜନ ମାନଙ୍କୁ ପ୍ରଣାମ କରିବ। ଆଶୀର୍ବାଦ ନେବ। ଭଗବାନ ଶ୍ରୀରାମଚନ୍ଦ୍ର ମଧ୍ୟ ପ୍ରାତଃ କାଳରୁ ଶଯ୍ୟା ତ୍ୟାଗ କରି ପ୍ରଥମେ ମାତା ପିତା ଗୁରୁଜନ ମାନଙ୍କୁ ପ୍ରଣାମ କରୁଥିଲେ। ଶ୍ରୀରାମ ଚରିତ ମାନସରେ ସନ୍ଥ ତୁଳସୀ ଦାସ ଲେଖିଛନ୍ତି-'ପ୍ରାତକାଳ ଉଠି କେ ରଘୁନାଥ। ମାତୃ ପିତା ଗୁରୁ ନା ବହି ମାଥା।' ବାଳକାଣ୍ଡ-୨୦୫ ଦୋହା ପୂଣ୍ୟଶାଳୀ ବ୍ୟକ୍ତିଙ୍କ ଉପସ୍ଥିତି ଅଶେଷ କଲ୍ୟାଣକାରୀ। ସେମାନଙ୍କ ପୂଣ୍ୟ ପ୍ରଭାବ ଆମ୍ଭମାନଙ୍କର ରକ୍ଷା କବଚ। ଏହି ସଂସାର ହେଉଛି ଈଶ୍ୱରଙ୍କର। ଆମେ ସମସ୍ତେ ତାଙ୍କର ଅଂଶବିଶେଷ। ଏହି ସାରା ବସୁଧା ଆମର 'ମା'। ଆମେ ସମସ୍ତେ ତାର ସନ୍ତାନ। ତେଣୁ ବିଭେଦ ନକରି ପ୍ରେମର ସହିତ ସହମତିରେ ବଞ୍ଚିବା ଉଚିତ। କେବେ କାହାର ଅମଙ୍ଗଳ ଚିନ୍ତା କରିବା ନାହିଁ। କାହାର କ୍ଷତି କରିବା ନାହିଁ। କାହାକୁ ଅପମାନିତ କରିବା ନାହିଁ। କାରଣ ଅପମାନର କ୍ଷତ ଭରିବା ଭାରି କଷ୍ଟ। ଥଟା ମଜାରେ ହେଉ ଅଥବା ଅସୂୟା ବସତ ହେଉ ଅପମାନ ଜନକ ବାଣୀ ବହୁ ସମୟରେ ପରମାଣୁ ବୋମାଠାରୁ ମଧ୍ୟ ଭୟଙ୍କର ହୋଇଥାଏ। ଅପମାନ ଜନକ କଟୁକଥା ବେଳେ ବେଳେ ମହା ବିନାଶକୁ ଆମନ୍ତ୍ରଣ କରିଥାଏ। ମହାପ୍ରଳୟର କାରଣ ହୋଇଥାଏ। ଶାସ୍ତ ପୁରାଣ ଇତିହାସରେ ଏହାର ଅନେକ ଉଦାହରଣ ରହିଛି। ଆମ ମୁନିଋଷିମାନେ କଠୋର ତପସ୍ୟା ଦ୍ୱାରା ଯେଉଁ ସତ୍ୟ ଦର୍ଶନ କରିଥିଲେ, ସେମାନଙ୍କର ସେହି ଅମୂଲ୍ୟ ଅନୁଭବ ସବୁକୁ ଆମ୍ଭମାନଙ୍କ ପାଇଁ ଆପଣା ସାହିତ୍ୟରେ ସାଇତି ରଖିଛନ୍ତି। ସେମାନେ କହିଛନ୍ତି ଏ ସଂସାରରେ ତିନିଗୋଟି ବସ୍ତୁ ଦୁର୍ଲଭ। ସେ ସବୁ ହେଲେ ମାନବ ଶରୀର ପ୍ରାପ୍ତ ହେବା, ଏହି ଶରୀରରେ ମୁକ୍ତି ପାଇବାର ଇଚ୍ଛା ଜାଗ୍ରତ ହେବା ଓ ମହାପୁରୁଷ ମାନଙ୍କ ସତସଙ୍ଗ ପ୍ରାପ୍ତ ହେବା। ଏହି ତିନିଗୋଟି ଦୁର୍ଲଭ ବସ୍ତୁ ଈଶ୍ୱରଙ୍କ କୃପାରୁ ପ୍ରାପ୍ତ ହୋଇଥାଏ। ଆମର ପରମ ସୌଭାଗ୍ୟ ଯେ ଆମକୁ ପୂଣ୍ୟଭୂମି ଭାରତ ବର୍ଷରେ ମାନବ ଜନ୍ମ ପ୍ରାପ୍ତ ହୋଇଛି। ଏହି ଦେଶ ସାଧୁ ସନ୍ଥମାନଙ୍କର ଦେଶ। ଦେବୀ ଦେବତାଙ୍କ ଦେଶ, ପିତା, ମାତା ଏଠି ପ୍ରଥମ ଦେବତା। ବେଦ ବେଦାନ୍ତ, ପୁରାଣଶାସ୍ତ୍ର ଆଦି ଅମୂଲ୍ୟ ଗ୍ରନ୍ଥ ସବୁ ସତସଙ୍ଗ ଓ ସ୍ୱାଧ୍ୟାୟ ପାଇଁ ଉପଲବ୍ଧ ଅଛନ୍ତି। ଏମାନେ ସମସ୍ତେ ଆମକୁ ସର୍ବଦା ଆତ୍ମ କଲ୍ୟାଣର ମାର୍ଗ ନିର୍ଦ୍ଦେଶ କରୁଛନ୍ତି। ମୁକ୍ତି ହେଉଛି ଶ୍ରେଷ୍ଠ ପୁରୁଷାର୍ଥ। ଦୁଃଖରୁ ମୁକ୍ତି ଓ ସୁଖାନନ୍ଦରେ ନିତ୍ୟ ନିବାସ ପ୍ରତ୍ୟେକ ଜୀବନର ଲକ୍ଷ୍ୟ। ଜୀବନର ଏହି ମହତ ମୂଲ୍ୟବୋଧକୁ ହୃଦୟଙ୍ଗମ କରିବା ଦରକାର। ସାଧୁସନ୍ଥ ମହାତ୍ମା ମାନଙ୍କର ସାନିଧ୍ୟ, ସତସଙ୍ଗ, ସତ ଶାସ୍ତ୍ର, ସ୍ୱାଧ୍ୟାୟ, ଗୁରୁ ଗୁରୁଜନ ସେବା ଓ ପ୍ରେମ ଭକ୍ତି ଦ୍ୱାରା ଆତ୍ମ କଲ୍ୟାଣ ସମ୍ଭବ ହୋଇପାରିବ। ଶାସ୍ତ୍ର କହୁଛନ୍ତି ଉଠ, ଜାଗ୍ରତ ହୁଅ, ଆପଣା ଜୀବନର ଲକ୍ଷ୍ୟରେ ଉପନୀତ ହୁଅ। ସର୍ବତ୍ର ଅମୃତର ଅନୁଭବ କର। ସାରା ସୃଷ୍ଟି ଧୀରେ ଧୀରେ ଅମୃତମୟ ହୋଇଉଠିବ। ଏହା ହେବ ପୂଣ୍ୟ ପ୍ରଭାବର ପ୍ରକୃଷ୍ଟ ପରିପ୍ରକାଶ।

**ହେମନ୍ତ କୁମାର ପରିଡ଼ା**, ମାଳତୀ କୁଞ୍ଜ, ପ୍ଲଟ ନଂ-୫୨୬/ଡ଼ି, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ: ୮୯୧୭୬୭୮୧୫୯/୮୭୬୩୧୦୭୧୨୬

# ବିରାଡ଼ି ଉପଚାର

***ସାଧାରଣତଃ ଆମ ଘରେ ରହୁଥିବା ବିରାଡ଼ିର କୌଣସି କାରଣରୁ ଶାରୀରିକ ଅସୁସ୍ଥତା ଦେଖାଗଲେ ସେ କ'ଣ କରେ ଆମେ ଦେଖିଥାଉ। କିନ୍ତୁ କାହଁକି ସେମିତି କରେ ବୁଝି ନ ଥାଉ! ସେହି ଉପଚାର ବ୍ୟବସ୍ଥାର ମଣିଷଙ୍କ ଉପରେ କିଛି ଶିକ୍ଷା ରହିଛି କି... ?!!***

ମଣିଷ ବ୍ୟତୀତ ଅନ୍ୟାନ୍ୟ କୌଣସି ଜୀବଜଗତରେ ଚିକିତ୍ସା ବିଜ୍ଞାନ କିମ୍ବା ଡାକ୍ତରୀ ଚିକିତ୍ସା ପ୍ରଣାଳୀର ବ୍ୟବସ୍ଥା ନାହିଁ! ସେମାନେ ଯେତେବେଳେ କୌଣସି ରୋଗର ଶିକାର ହୁଅନ୍ତି, ନିଜେ ହିଁ ନିଜର ଚିକିତ୍ସା କରିଥା'ନ୍ତି! ମଣିଷ କିନ୍ତୁ ସବୁବେଳେ ପରାଶ୍ରିତ ହୋଇଥାଏ ନିଜର ଚିକିତ୍ସା ପାଇଁ । ହେଲେ ମଣିଷଙ୍କ ତୁଳନାରେ ଅନ୍ୟାନ୍ୟ ଜୀବଜନ୍ତୁମାନଙ୍କର ଡାକ୍ତରୀ ଜ୍ଞାନ ଅଧିକ ରହିଛି ନା ମଣିଷର କିଛି ଦୁର୍ବଳତା ତାକୁ ଏମିତି ବାଟରେ ପରିଚାଳିତ କରୁଛି ଏବଂ ତଦ୍ୱାରା ମଣିଷ କ'ଣ କରୁଛି ବିଚାର କରିବା....

ଜୀବଜଗତରୁ ଗୋଟିଏ ପ୍ରାଣୀ ବିରାଡ଼ିକୁ ଆମେ ନମୁନା ଭାବେ ନେଇ ପରୀକ୍ଷା କରି ଦେଖିବା ଯେ ସେ ନିଜର ଚିକିତ୍ସା କେମିତି କରେ । କୌଣସି କାରଣବଶତଃ ବିରାଡ଼ି ଅସୁସ୍ଥ ହେଲେ ପଡିଆରେ ଘାସ ଖୋଜି ଖାଉଥିବା ଦେଖିବାକୁ ମିଳେ । ଘାସ ଖାଇବା ଦ୍ୱାରା ବିରାଡ଼ିର କ'ଣ ହୁଏ ? ବିରାଡ଼ି ଗୋଟିଏ ମାଂସଭୋଜୀ ପ୍ରାଣୀ ହୋଇଥିବା ହେତୁ ତୃଣ ଭକ୍ଷଣ କରିବା ଦ୍ୱାରା ତା'ର ବାନ୍ତି ହୁଏ । ଘାସ ଖାଇ ବିରାଡ଼ି ବାନ୍ତି କରିବାକୁ ଲାଗେ । ଅର୍ଥାତ କୌଣସି ଆକସ୍ମିକ ରୋଗଗ୍ରସ୍ତ ହେବା ପରେ ପୂର୍ବରୁ ପେଟରେ ରହିଥିବା ସମସ୍ତ ଖାଦ୍ୟ ପଦାର୍ଥକୁ ନିଷ୍କାସନ କରିଥାଏ । ତା'ପରେ ଚୁପଚାପ ଶୋଇଯାଇଥାଏ ସେତେବେଳ ପର୍ଯ୍ୟନ୍ତ ଯେପର୍ଯ୍ୟନ୍ତ ସେ ସୁସ୍ଥତା ଅନୁଭବ ନକରିଛି । ଅଧିକନ୍ତୁ ସମ୍ପୂର୍ଣ୍ଣ ସୁସ୍ଥ ନହେବା ପର୍ଯ୍ୟନ୍ତ କୌଣସି ଆହାର ପ୍ରତି ତାର ଆକୃଷ୍ଟ ଭାବ ରହିନଥିବା ଦେଖିବାକୁ ମିଳେ । ଏମିତିକି ବେଳେବେଳେ ମାଛକୁ ମଧ୍ୟ ସେ ପ୍ରତ୍ୟାଖ୍ୟାନ କରିଥାଏ ଯାହା ତା'ର ଅତ୍ୟନ୍ତ ଆଦରର ଖାଦ୍ୟ! କିଛି ସମୟ/ଦିନ ଏହିଭଳି ଉପଚାର କରିବା ପରେ ବିରାଡ଼ି ଧୀରେ ଧୀରେ ସୁସ୍ଥ ହୋଇ ପୁଣି ତାର କର୍ମକ୍ଷେତ୍ରରେ ଯୋଗ ଦେଇଥାଏ । ବିଡମ୍ବନାର ବିଷୟ ଏହାକି ସାଧାରଣ ନିର୍ବୋଧ ଭାବନ୍ତି, ଘାସ ଖାଇବା ବିରାଡ଼ିର ଉପଚାରଜନିତ ଔଷଧୀୟ ଚିକିତ୍ସା, ଯାହା ସମ୍ପୂର୍ଣ୍ଣ ଭାବେ ଅଜ୍ଞତା ମଣିଷର । କୌଣସି ଜୀବ ଔଷଧୀୟ ଚିକିତ୍ସା କରିନଥା'ନ୍ତି ଅଥବା କୌଣସି ଔଷଧୀୟ ବୃକ୍ଷ ଖାଇନଥା'ନ୍ତି ଯେତେବେଳେ ସେମାନେ ରୋଗଗ୍ରସ୍ତ ହୋଇଥା'ନ୍ତି । ହେଲେ ସେମାନଙ୍କ ଚିକିତ୍ସା ପ୍ରଣାଳୀର ମହତ୍ୱ କ'ଣ ଯାହା ସାଧାରଣ ମଣିଷ ବୁଝିବାରେ ଅସମର୍ଥ ରହି ଅତ୍ୟାଧୁନିକ ଚିକିତ୍ସା ପ୍ରଣାଳୀକୁ ଆପଣେଇ ଅଦ୍ୟାବଧି କ'ଣ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବିଚାର କରିବା...

ପୃଥିବୀର ଅନ୍ୟାନ୍ୟ ରାଷ୍ଟ୍ରଗୁଡିକ ତୁଳନାତ୍ମକ ଭାରତୀୟ ଚିକିତ୍ସା ବିଜ୍ଞାନରେ ଆୟୁର୍ବେଦର ଅବଦାନ ଅତୁଳନୀୟ ଥିଲା । ବର୍ତ୍ତମାନ ଭାରତୀୟ ଆୟୁର୍ବେଦ ଚିକିତ୍ସା ଅତ୍ୟନ୍ତ ଅନାଦର ଅବସ୍ଥାରେ ରହିଛି ଆମ ଦେଶରେ । ତାହାର କାରଣ ହେଲା ଅତ୍ୟାଧୁନିକ ରାସାୟନିକ ଚିକିତ୍ସା ପ୍ରଣାଳୀ ବିଦେଶରୁ ଆସି ଆମ ଦେଶ ଶୋଭାମଣ୍ଡିତ କରୁଥିବା ବେଳେ ଆମେ ସବୁବେଳେ ବିଦେଶୀ ଏବଂ ବିଦେଶ ଉତ୍ପାଦଗୁଡିକ ପ୍ରତି ଦୁର୍ବଳତା ଭାବ ରଖିଥିବା ପ୍ରାୟତଃ ସମସ୍ତେ ସ୍ୱୀକାର କରିବେ । ଏହାର ସୁଯୋଗ ନେଇ ସେମାନେ କେବଳ ଚିକିତ୍ସା ବିଜ୍ଞାନ କାହିଁକି ବରଂ ସମସ୍ତ କ୍ଷେତ୍ରରେ ବ୍ୟବସାୟ ଚଳାଇ ପ୍ରତିବର୍ଷ ଲକ୍ଷ ଲକ୍ଷ କୋଟି ଟଙ୍କା ନେଇଯାଆନ୍ତି ଆମ ଦେଶରୁ । ସେମାନଙ୍କ ଅତିରଂଜିତ ଏବଂ ଷଡ଼ଯାନ୍ତ୍ରିକ ଚିକିତ୍ସା ପ୍ରଣାଳୀକୁ ଏମିତି ପ୍ରଚାର ପ୍ରସାର କରିଥା'ନ୍ତି ଯେ ଆମ ଦେଶର ସାଧାରଣ ନିର୍ବୋଧ ସେଗୁଡିକୁ ହିଁ ସର୍ବେସର୍ବା ବୋଲି ବିଚାରି କୋଟି କୋଟି ଟଙ୍କା ଖର୍ଚ୍ଚ କରିଥା'ନ୍ତି ନିଜର ଚିକିତ୍ସା ପାଇଁ । ଏମିତି କି ଆଜି ସମୟରେ ଆମ ଦେଶରେ



ସେହି ବିଦେଶୀ ରାସାୟନିକ ଚିକିତ୍ସା ପ୍ରଣାଳୀ ହେତୁ ସମସ୍ତ ଲୋକେ ପ୍ରତିଦିନ ବ୍ୟାପକ ରୋଗର ଶିକାର ହେଉଥିବା ଦେଖିବାକୁ ମିଳୁଛି । ଆମ ଦେଶ ଚିକିତ୍ସା ବ୍ୟବସ୍ଥା ଏକ ସେବାମୂଳକ ଭାବେ ଚାଲିଥିଲା ଯାହା ବର୍ତ୍ତମାନ ବ୍ୟାପକ ବ୍ୟବସାୟରେ ପରିଣତ ହୋଇଛି ସେମାନଙ୍କ ଦ୍ୱାରା! ଆମ ଦେଶର କିଛି ମଣିଷ ମଧ୍ୟ ସେମାନଙ୍କ ସହିତ ସମାନ୍ତରାଳ ଭାବେ ବ୍ୟବସାୟ ଚଳାଇଥିବା ଦେଖିବାକୁ ମିଳିବ ଅନୁଧ୍ୟାନ କଲେ । କାଳକ୍ରମେ ସେହି ବ୍ୟବସାୟକୁ ଏମିତି ଏକ ସ୍ତରରେ ଆଣି ପହଂଚାଇଲେଣି ଯେ କୌଣସି ଲୋକ ସାଧାରଣ ଅସୁସ୍ଥତା ଅନୁଭବ କଲେ ଯଦି ଡାକ୍ତରଙ୍କ ପାଖକୁ ଯାଏ ତାହାହେଲେ ଅନେକ ରୋଗ ବାହାରୁଛି ଆଜି ସମୟରେ ଯାହା ପ୍ରାୟ ସମସ୍ତଙ୍କର ବ୍ୟକ୍ତିଗତ ଅନୁଭୂତି ରହିଥିବ । ଏହାଭିତରେ ରହିଥିବା ରହସ୍ୟ ଅତ୍ୟନ୍ତ ଅସାଧାରଣ ଯାହା ସାଧାରଣ ନିର୍ବୋଧ ବୁଝିପାରନ୍ତି ନାହିଁ କି ବୁଝିପାରିବେ ନାହିଁ! କାରଣ ତାହା ସହିତ କେତେ ଯେ ସୋପାନରେ ବ୍ୟବସାୟ କରାଯାଉଅଛି ସେଗୁଡିକୁ ଏମିତି ସାଧାରଣରେ ସାର୍ବଜନୀନ କରାଯିବା ସହଜ ହେବନାହିଁ! କିନ୍ତୁ ଗୋଟିଏ କଥା ଆମକୁ ମନେରଖିବାକୁ ହେବ ଯେ ଯଦି ଔଷଧ ଆମ ରୋଗକୁ ଭଲ କରିବା କ୍ଷମତା ରଖିଥା'ନ୍ତା ତାହାହେଲେ କେତେକ କ୍ଷେତ୍ରରେ ଜୀବନ ଶେଷ ପର୍ଯ୍ୟନ୍ତ ସେବନ କରାଯାଉଥିବା ଔଷଧର କୌଣସି ଅର୍ଥ ରହିନଥା'ନ୍ତା । କାରଣ ରୋଗ ଭଲ କରିବା ଏବଂ କିଛିକ୍ଷଣ ପାଇଁ ପ୍ରଶମିତ କରି ମାନସିକ ଅସ୍ଥିରତା, ଭୟାବହତାକୁ ଦୂରେଇବା ମଧ୍ୟରେ ପାର୍ଥକ୍ୟ ଯଥେଷ୍ଟ ଅଧିକ ଯାହା ସେହିସବୁ ଔଷଧ କରିଥାଏ । ତେଣୁ ରୋଗର ସମୟ କ୍ଷେତ୍ରକୁ ନିର୍ଦ୍ଧାରଣ କରି ସମୟସାପେକ୍ଷ ଔଷଧ ପ୍ରସ୍ତୁତ କରାଯାଇଅଛି ଯାହାସବୁ କେବଳ ମାନସିକ ସାନ୍ତ୍ୱନା ପ୍ରଦାନକାରୀ ହୋଇଥାଏ । ଖୁବ୍ କମ୍ ସଂଖ୍ୟକ ଔଷଧ ରୋଗ ପ୍ରଶମିତ ତଥା ଉପଚାର କରିବାରେ ଉପଯୋଗୀ ହୋଇଥାଏ, ଯେଉଁଠି ଅଧିକାଂଶ କେବଳ ମାନସିକ ସାନ୍ତ୍ୱନା ଦେବା ଛଡା ଶରୀର ନିଜେ ସେହି ରୋଗଗୁଡିକ ସହିତ ସଂଘର୍ଷରତ ରହିଥାଏ ଦିନରାତି । କେତେବେଳେ କାହାର କୋଉଠି ଅନ୍ତ ହୋଇଯିବ କେହି ରକ୍ଷା କରିପାରିବେ ନାହିଁ ସମୟକୁ ନେଇ ଯେତେବେଳ ନା ଟଙ୍କା, ନା ଡାକ୍ତର ନା ଔଷଧ କେହି ତାକୁ ଜୀବନ ପ୍ରଦାନ କରିପାରିବେ!

ସବୁଠାରୁ ଆକର୍ଷଣୀୟ ବିଷୟ ହେଉଛି ଯେ ଆମେ ଆଜିପର୍ଯ୍ୟନ୍ତ କୌଣସି ରାସାୟନିକ ଔଷଧ ଉଦ୍ଭାବନ ନକରି କେବଳ ସେମାନଙ୍କ ଦତ୍ତ ଗବେଷିତ ସୂତ୍ର ମାଧ୍ୟମରେ ଆମ ଦେଶରେ କେତେକ ରାସାୟନିକ ଔଷଧ ପ୍ରସ୍ତୁତ କରିଥାଉ ଯାହାର ରୟାଲିଟି ସମ୍ପୃକ୍ତ ଗବେଷଣାଗାର ତଥା ଦେଇଥିବା ସଂସ୍ଥା ଆମଠାରୁ ନେଇଯାଆନ୍ତି । ତେଣୁ ଏହି ବ୍ୟବସାୟକୁ ବ୍ୟାପକ କରି ଲକ୍ଷ ଲକ୍ଷ କୋଟି ଟଙ୍କାର ବ୍ୟବସାୟ କରାଯାଇଥାଏ ସେମାନଙ୍କ ପ୍ରରୋଚନାରେ ଯାହା ଆମ ଦେଶ ଡାକ୍ତର ଏବଂ ରୋଗୀ ନିର୍ଦ୍ୱନ୍ଦ୍ୱରେ ଗ୍ରହଣ କରିଥା'ନ୍ତି । ସେମାନଙ୍କ ପ୍ରଦତ୍ତ ଚିକିତ୍ସା ପ୍ରଣାଳୀରେ ସତ୍ୟ କେତେ ମିଥ୍ୟା କେତେ ସମୀକ୍ଷା ନାହିଁ କାହାର । କେବଳ ଜୀବନ ଭୟରେ ଯାହା କହିଲେ ସ୍ୱୀକାର କରିବା ପାଇଁ ବାଧ ହୋଇ ଆମେ ପ୍ରତାରଣାର ଶିକାର ହେଉଥିବା ବୁଝନ୍ତି କିଛି ଲୋକ କିନ୍ତୁ ଅଧିକାଂଶ ଆଦୌ ଜାଣନ୍ତି ନାହିଁ ସେମାନଙ୍କ ଚକ୍ରାନ୍ତ । ହଠାତ୍ ଆମ ଦେଶରେ ବିଭିନ୍ନ ମୃତ୍ୟୁ ସଂଜୀବନୀ ରାସାୟନିକ ଔଷଧ ଗୁଡିଏ ପ୍ରସ୍ତୁତ କରାଯାଉଥିବା ନିକଟ ଅତୀତର ପ୍ରଚାରଗୁଡିକ ଶୁଣି ଆମକୁ ଆଶ୍ଚର୍ଯ୍ୟ ଲାଗୁଛି ଯେ ଯେଉଁଠି ପାରାସିଟାମଲ ଭଳି ସାଧାରଣ ରାସାୟନିକ ଔଷଧର ସୂତ୍ର ଆଜି ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇନଥିଲା ବର୍ତ୍ତମାନ ଏସବୁ ହେଉଛି କିପରି! ମୋତେ ବୁଝାପଡୁନାହିଁ, ଯଦି କାହାକୁ ବୁଝାପଡୁଥିବ ତାହାହେଲେ ଜଣାଇବାକୁ ଅନୁରୋଧ... !

ସେ ଯାହାହେଉ ପ୍ରତ୍ୟେକ ଲୋକଙ୍କ ବ୍ୟକ୍ତିଗତ ବିଚାର, ରୁଚିକୁ ନେଇ ସେମାନଙ୍କ ଜୀବନଯାପନ ଶୈଳୀ ଚାଲିଥାଏ । ସେମାନେ ଯାହା ବୁଝିଛନ୍ତି ତାହାଠାରୁ ଅଧିକ କହିବାକୁ ଗଲେ ସେହି ବିଷୟରେ ଆମର ବ୍ୟାପକ ଯୋଗ୍ୟତା ରହିଥିବା ଆବଶ୍ୟକ ଯାହା ଆମ ପାଖରେ ନାହିଁ । ତେଣୁ ଆଉ ଅଧିକ ଆଲୋଚନା କରିବା ବ୍ୟର୍ଥ । କିନ୍ତୁ ଉପରଲିଖିତ ବିରାଡ଼ି ଉପଚାର ଉପରେ କେତେକ ବ୍ୟକ୍ତିଗତ ଅନୁଭୂତି ପ୍ରକାଶ ପୂର୍ବକ ଆପଣମାନଙ୍କ ଗୋଚରାର୍ଥେ ଉପସ୍ଥାପନ କରାଗଲା ଯାହା ହୁଏତ ସାଧାରଣ ଲୋକଙ୍କୁ ଆର୍ଥିକ କ୍ଳେଶ, ମାନସିକ ଅସ୍ଥିରତା, ଭୟାବହତା ତଥା ରାସାୟନିକ ଚିକିତ୍ସାର ପାର୍ଶ୍ୱ ପ୍ରତିକ୍ରିୟାରୁ କିଂଚିତ୍ ଦୂରେଇ ରଖିପାରେ ଯଦି ଗ୍ରହଣ କରନ୍ତି କେବଳ ନିଜେ ପରୀକ୍ଷା କରି ବୋଲି ଆମ ବିଚାର । ହେଲେ ବିରାଡ଼ି ଉପଚାରକୁ କେନ୍ଦ୍ରକରି ଆମେ କିଛି ଶିକ୍ଷାଲାଭ କରିବା ତଥା ଜଣେ ପ୍ରାକୃତିକ ଜୀବ ଭାବେ ସେହି ପ୍ରଣାଳୀକୁ ଆଦରି ନେଲେ କ'ଣ ହୁଏ ପରୀକ୍ଷା କରିବା ଏବଂ ତାହାର ଉପକାର ପାଇବା ମଣିଷ ପାଇଁ ହୁଏତ କେତେକାଂଶରେ ଉପଯୋଗୀ ହୋଇପାରେ । ଅତଏବ ସେହି ବିରାଡ଼ି ଉପଚାର ବିଷୟ ଉପରେ ସମ୍ୟକ୍ ତର୍ଜମା କରିବା ଯେକୌଣସି ଔଷଧ ନଖାଇ କେମିତି ସୁସ୍ଥ ହୁଏ ବିରାଡ଼ି ଏବଂ ସେମିତି ହେବାର ମୁଖ୍ୟ ପ୍ରାକୃତିକ ନିୟମର ଆଧାର କ'ଣ ?!

ଯେକୌଣସି ରୋଗ ବ୍ୟାଧି କିମ୍ବା ସାଙ୍ଘାତିକ ଶାରୀରିକ କ୍ଳେଶ ହେତୁ ଶରୀରରେ ରକ୍ତ ସଂଚାଳନ ଏବଂ ତାପମାତ୍ରାରେ ବ୍ୟତିକ୍ରମ/ପରିବର୍ତ୍ତନ ଦେଖାଦେଇଥାଏ ଯାହା ପ୍ରାକୃତିକ ନିୟମ ଆଧାରିତ । ତେଣୁ କୌଣସି ସମୟରେ ଆମକୁ ଯେକୌଣସି ଶାରୀରିକ କଷ୍ଟଦାୟକ ପୀଡା ହେଉ କିମ୍ବା କୌଣସି ବାହ୍ୟ ଜୀବାଣୁଜନିତ ରୋଗ ହୁଏ ତାହାହେଲେ ଆମ ଶରୀର ତାକୁ ସ୍ୱତଃପ୍ରବୃତ ଭାବେ ସାଧାରଣ ସ୍ତରକୁ ଆଣିବା ପାଇଁ ବ୍ୟବସ୍ଥା ରହିଛି ସମସ୍ତଙ୍କ ଶରୀରରେ । ସେହି ସାଧାରଣ ସ୍ତରକୁ ଆସିବା ପର୍ଯ୍ୟନ୍ତ ଶରୀରରେ କେତେକ ଅସାଧାରଣ ପ୍ରତିକ୍ରିୟା ସୃଷ୍ଟି ହୋଇଥାଏ । ସେହି ସମୟରେ ଆମେ କୌଣସି ରନ୍ଧା ଖାଦ୍ୟ ଖାଇବା ନାହିଁ କିମ୍ବା ଯଦି ଅତ୍ୟଧିକ ଅସମ୍ଭାଳ ଭୋକ ହୁଏ ତାହାହେଲେ ପ୍ରାକୃତିକ ଆହାରକୁ ଦୈନନ୍ଦିନ ଖାଦ୍ୟର ଏକ ଦଶମାଂଶ କରି ଖାଇବା! ଦ୍ୱିତୀୟତଃ ଯେତେ ସମ୍ଭବ ଶରୀରକୁ ଶିଥିଳ ଅବସ୍ଥାରେ ରଖିବା ଅର୍ଥାତ୍ ନିଶ୍ଚିନ୍ତ, ସୁପ୍ତ ଅବସ୍ଥାରେ ରହିବା ବିଧେୟ । ତାହାହେଲେ ସେହି ପରିପ୍ରେକ୍ଷୀରେ ଶରୀର ଆମର ଅଭାବନିୟତା ଗୁଡିକ ସ୍ୱତଃପ୍ରବୃତ୍ତ ଭାବେ ପୂରଣ କରି ସାଧାରଣ ସ୍ତରକୁ ଆଣିବା ପାଇଁ କାର୍ଯ୍ୟ କରିପାରିବ ଯାହା ହୁଏତ କେତେ ଘଣ୍ଟାଠାରୁ ଆରମ୍ଭ କରି ଦିନ/ମାସ ପର୍ଯ୍ୟନ୍ତ ଲାଗିପାରେ ସମୟାନୁସାରେ ଏବଂ ଆମ ରୋଗର କଠୋରତା ଏବଂ ଶାରୀରିକ ଗଠନ ଶୈଳୀ ଉପରେ ନିର୍ଭର କରି । ତା' ପରେ ଆମେ ସୁସ୍ଥ ହେବା ନିଶ୍ଚିତ କୌଣସି ଔଷଧ ବ୍ୟବହାର ନକରି ଯେମିତି ପଶୁମାନେ ହୋଇଥା'ନ୍ତି । ତଦ୍ୱାରା ଆମକୁ କୌଣସି ରାସାୟନିକ ପାର୍ଶ୍ୱ ପ୍ରତିକ୍ରିୟାର ଶିକାର ହେବାକୁ ପଡିବ ନାହିଁ କିମ୍ବା ମାନସିକ ଅସ୍ଥିର ଭାବ କି ଆର୍ଥିକ ବୋଝ ରହିବ ନାହିଁ । କେବଳ ଧୈର୍ଯ୍ୟର ଆବଶ୍ୟକତା ଯଥେଷ୍ଟ ଆବଶ୍ୟକ ସେହି ସମୟଗୁଡିକରେ । ଏମିତିକି ଦୁନିଆର ଯେକୌଣସି ଅସାଧ୍ୟ ରୋଗ ମଧ୍ୟ ପ୍ରାକୃତିକ ଉପାୟରେ ପ୍ରଶମିତ, ଭଲ କରାଯାଇପାରିବ ଯଦି ଆମେ ଆମ ଦୈନନ୍ଦିନ ଜୀବନର କାର୍ଯ୍ୟକ୍ରମ, ଖାଦ୍ୟ ପାନୀୟ ତଥା ଆଚରଣବିଧିକୁ କିଂଚିତ ପରିବର୍ତ୍ତନ କରି ସମୟସାପେକ୍ଷ ପ୍ରାକୃତିକ ଚିକିତ୍ସା କରିବା ଲକ୍ଷ୍ୟ ରଖିବା । ଏହି ପ୍ରକ୍ରିୟା କେବଳ ପ୍ରାକୃତିକ ନିୟମ ଉପରେ ଆଧାରିତ ଯାହା ପଶୁମାନେ କରିଥା'ନ୍ତି ଏବଂ ମଣିଷଙ୍କ କ୍ଷେତ୍ରରେ ମଧ୍ୟ ଉପଯୋଗୀ ହେବ ନିଶ୍ଚୟ । କିନ୍ତୁ ଆଜିର ବ୍ୟବସାୟିକ ଚିକିତ୍ସା ପଦ୍ଧତି ଏହାକୁ ବିରୋଧ କରିବା କୌଣସି ଆଶ୍ଚର୍ଯ୍ୟ କଥା ନୁହେଁ; କାରଣ ସେମାନଙ୍କ ବ୍ୟବସାୟ କ୍ଷୁର୍ଣ୍ଣ ହେବ ଯଦି ସବୁ ମଣିଷ ଏମିତି ପ୍ରାକୃତିକ ଉପାୟରେ ନିଜ ନିଜର ଚିକିତ୍ସା କରିବାକୁ ଲାଗିବେ ।

ଏହା ମୋର ବ୍ୟକ୍ତିଗତ ଅନୁଭୂତି ମାତ୍ର । କାହାକୁ ନିର୍ଦ୍ଦେଶ କିମ୍ବା ଉପଦେଶ ଦିଆଯାଇନାହିଁ ଏସବୁ କରିବା ପାଇଁ । କିନ୍ତୁ ଯଦି କେହି ଏହି ପଦ୍ଧତିରେ ନିଜକୁ ଚିକିତ୍ସା କରିବାକୁ ଚାହାନ୍ତି, ତାହାହେଲେ ନିଜେ ନିଜେ ନିଜ ଦାୟିତ୍ୱରେ ପରୀକ୍ଷା କରି ତାହାର ଲାଭ ଉଠାଇପାରିବେ । ବିଫଳ ହେଲେ ନିଜ ଇଚ୍ଛାମୁତାବକ ଚିକିତ୍ସା ପ୍ରଣାଳୀର ଆଶ୍ରୟ ନେବେ । କେବଳ ଏକ ପ୍ରାକୃତିକ ନିୟମ ଆଧାରିତ ଚିକିତ୍ସା ପ୍ରଣାଳୀର ଜ୍ଞାନ ବାଣ୍ଟିବା ଉଦ୍ଦେଶ୍ୟ ଛଡା କାହାର ବ୍ୟକ୍ତିଗତ ବିଚାରକୁ ଆଘାତ କରିବା କୌଣସି ଉଦ୍ଦେଶ୍ୟ ନାହିଁ କିମ୍ବା ଆମର କୌଣସି ଦାୟିତ୍ୱବୋଧତା ରହିବ ନାହିଁ କାହାର ବ୍ୟକ୍ତିଗତ ସମସ୍ୟା ପାଇଁ ।

**ପଙ୍କଜ କୁମାର ପାଣିଗ୍ରାହୀ**
*ସୋସିଆଲ ଫୋରମ (ଭାରତ),*
*ଛତ୍ରପୁର, ଗଞ୍ଜାମ-୭୬୧୦୨୦,*
*ଦୂରଭାଷ: ୯୪୩୭୩୨୪୯୧୭*

# ଏତେ ସହାନୁଭୂତି କାହିଁକି ?

--------ସୁବାଷ କୁମାର ତାରଣିଆଁ--------



ହୋଲିଛୁଟି ପରେ ମୁଁ ଗାଁରୁ ବସ୍ ଯୋଗେ ଭୁବନେଶ୍ୱର ଫେରୁଥାଏ। ବସ୍ ଯେତେ ଆଗକୁ ଆଗକୁ ଗତି କରୁଥାଏ, ଯାତ୍ରୀମାନଙ୍କର ଭିଡ଼ ସେତେ ଜମୁଥାଏ। ଯେହେତୁ ହୋଲିଛୁଟିରେ ଅଧିକାଂଶ ଲୋକ ଗାଁକୁ ଯାଇଥିଲେ, ଛୁଟି ପରେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ କର୍ମକ୍ଷେତ୍ରକୁ ଫେରୁଥିବାରୁ ବସ୍‌ରେ ଭିଡ଼ ହେବା ସ୍ୱାଭାବିକ। ବସ୍‌ଟି ତାର ଗନ୍ତବ୍ୟ ପଥରେ ଆଗେଇ ଚାଲିଥାଏ ଓ ଯାତ୍ରୀମାନେ ନିଜ ନିଜ ଭିତରେ କଥାବାର୍ତ୍ତାରେ ମାତିଯାଇଥାନ୍ତି। ଏହି ସମୟରେ ହଠାତ୍ ଗୋଟିଏ ଗାଈ ରାସ୍ତାମଝିକୁ ଚାଲିଆସିଲା। ଡ୍ରାଇଭର ଗାଈକୁ ବଞ୍ଚାଇବାକୁ ଯାଇ ହଠାତ୍ ବ୍ରେକ୍ ମାରିବାରୁ ବସ୍‌ରେ ଛିଡ଼ାହୋଇ ଯାତ୍ରା କରୁଥିବା ଜଣେ ଯୁବକ ନିୟନ୍ତ୍ରଣ ହରାଇ ପାଖରେ ଛିଡ଼ାହୋଇ ଯାତ୍ରା କରୁଥିବା ଜଣେ ଯୁବତୀଙ୍କ ସହ ପିଟି ହୋଇଯାଇଥିଲେ। ଏଥିରେ ଯୁବତୀଜଣକ ରାଗିଯାଇ ଯୁବକଜଣଙ୍କୁ ଚାପୁଡ଼ା ପରେ ଚାପୁଡ଼ା ମାରି ଚାଲିଥିଲେ। ବସ୍‌ଟି ହଠାତ୍ ଅଟକିଯିବାରୁ ମୁଁ ନିୟନ୍ତ୍ରଣ ହରାଇ ଆପଣଙ୍କ ସହ ପିଟି ହୋଇଗଲି ଯୁବକ ଜଣକ କହିବାରୁ, ଯୁବତୀ ଜଣକ ପୂର୍ବଭଳି ଯୁବକଜଣଙ୍କୁ ଚାପୁଡା ମାରି ଚାଲିଥିଲେ ଏବଂ ଜାଣିଶୁଣି ମୋ ଦେହରେ ବାଜିଲୁ, ଏଥିପାଇଁ ତୋତେ ଭୁଲ ମାଗିବାକୁ ପଡ଼ିବ ବୋଲି ଯୁବକଙ୍କୁ ଧମକ ଦେଲେ। ଯୁବକ ଜଣକ ବାରମ୍ବାର ବୁଝାଇବାକୁ ଚେଷ୍ଟା କରୁଥିଲେ ମଧ୍ୟ ଯୁବତୀଙ୍କ ରାଗ ଶାନ୍ତ ହୋଇନଥିଲା। ବରଂ ଯୁବତୀଙ୍କୁ ସହାନୁଭୂତି ଦେଖାଇ ବସ୍‌ରେ ଥିବା ଅଧିକାଂଶ ଯାତ୍ରୀ ଯୁବକଙ୍କୁ ଭୁଲ୍ ମାଗିବାକୁ ବାଧ୍ୟ କରିଥିଲେ। ଶେଷରେ ଯୁବକ ଜଣକ ଯୁବତୀଙ୍କୁ ଭୁଲ୍ ମାଗିଥିଲେ ଓ ଏହାପରେ ପରସ୍ଥିତି ଶାନ୍ତ ପଡ଼ିଥିଲା।

୨୨ ଜୁଲାଇ, ୨୦୨୦ ମସିହା ସମୟ ପାଖାପାଖି ସନ୍ଧ୍ୟା ୫ ଘଟିକା। ଜଣେ ବରିଷ୍ଠ ନାଗରିକ ଭୁବନେଶ୍ୱରର ରସୁଲଗଡ଼ ଛକରେ ତାଙ୍କର ଜଣେ ବନ୍ଧୁଙ୍କୁ ଅପେକ୍ଷା କରିଥିଲେ। ଏହି ସମୟରେ ଦୁଇଜଣ ଯୁବତୀ ଗୋଟେ ସ୍କୁଟିରେ କଟକ ରୋଡ଼ରୁ ରସୁଲଗଡ଼ ଅଭିମୁଖେ ଆସୁଥିଲେ। ସ୍କୁଟି ଚଳାଉଥିବା ଯୁବତୀ ମୋବାଇଲେ କଥା ହେଉଥିଲେ ଏବଂ ଅନ୍ୟମନସ୍କ ହୋଇ ବରିଷ୍ଠ ନାଗରିକଙ୍କୁ ଧକ୍କା ଦେଇଥିଲେ। ଫଳରେ ସେ ତଳେ ପଡ଼ିଯାଇଥିଲେ, ତାଙ୍କର ମୁଣ୍ଡ ଓ ପିଠିରେ ଗଭୀର କ୍ଷତ ଲାଗିଥିଲା। ଅବଶ୍ୟ ଧକ୍କା ଦେଇଥିବା ଯୁବତୀ ଦ୍ୱୟଙ୍କର କୌଣସି କ୍ଷତି ହୋଇ ନ ଥିଲା, କିନ୍ତୁ ସ୍କୁଟିଟି ସାମାନ୍ୟ ଭାଙ୍ଗିରୁଜି ଯାଇଥିଲା। କିଛି ସମୟ ପରେ ସେଠାରେ ଲୋକମାନେ ରୁଣ୍ଡ ହୋଇଯାଇଥିଲେ। ସେଠାରେ ଉପସ୍ଥିତ ଥିବା କିଛି ଲୋକ ଯନ୍ତ୍ରଣାରେ ଛଟପଟ ହେଉଥିବା ବରିଷ୍ଠ ନାଗରିକଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନେବା ବଦଳରେ, ତାଙ୍କୁ ବହେ ଗାଳିଗୁଲଜ କରିଥିଲେ ଓ ଯୁବତୀଙ୍କ ଭଙ୍ଗା ସ୍କୁଟିକୁ ପାଖରେ ଥିବା ଏକ ଗ୍ୟାରେଜକୁ ଯାଇ ମରାମତି କରିଥିଲେ।

ମହାମାରୀ କରୋନା କାଳରେ ଯେତେବେଳେ ସାରା ରାଜଧାନୀରେ ସଟଡାଉନ ଜାରି ହୋଇଥିଲା, ସେହି ସମୟରେ ଜଣେ ମହିଳା ଅନଲାଇନ ମାଧ୍ୟମରେ ଭୁବନେଶ୍ୱରର ଏକ ହୋଟେଲରୁ ଖାଦ୍ୟ ମଗାଇଥିଲେ। ଡ଼େଲିଭରି ଯୁବକ ହୋଟେଲରୁ ଖାଦ୍ୟ ନେଇ ମହିଳାଙ୍କ ଘରକୁ ଯାଉଥିବା ସମୟରେ ତାଙ୍କ ଗାଡ଼ିରୁ ପେଟ୍ରୋଲ ସରିଯାଇଥିଲା, ଯେଉଁଥିପାଇଁ ନିର୍ଦ୍ଧାରିତ ସମୟଠାରୁ ସାମାନ୍ୟ ବିଳମ୍ବରେ ମହିଳାଙ୍କ ନିକଟରେ ଖାଦ୍ୟ ପହଞ୍ଚାଇଥିଲେ। ଏଥିରେ ମହିଳା ଜଣଙ୍କ ରାଗିଯାଇ ଡେଲିଭରି ଯୁବକଙ୍କୁ ଗାଳିଗୁଲଜ କରିଥିଲେ। ଡେଲିଭରି ଯୁବକ ବିଳମ୍ବର କାରଣ ପାଇଁ କ୍ଷମା ମାଗିଥିଲେ ମଧ୍ୟ, ତାଙ୍କର



ପାରିଶ୍ରମିକ ଦେବାକୁ ରୋକଠୋକ ମନା କରିଦେଇଥିଲେ। ଯେଉଁଥିପାଇଁ ଉଭୟ ଡେଲିଭରୀ ଯୁବକ ଓ ମହିଳାଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହାପରେ ମହିଳା ଜଣକ ଉତ୍‌କ୍ଷିପ୍ତ ହୋଇ ଡେଲିଭରି ଯୁବକଙ୍କୁ ଚପଲରେ ପିଟିଥିଲେ। ଏହି ସମୟରେ ସ୍ଥାନୀୟ ଲୋକମାନେ ସେଠାରେ ଜମା ହୋଇଯାଇଥିଲେ ଏବଂ ଘଟଣା କ'ଣ ବୁଝିବା ଆଗରୁ ଯୁବକଙ୍କୁ ଘେରିଯାଇ ଆକ୍ରମଣ କରିଥିଲେ। ଏଥିରେ ଯୁବକ ଜଣକ ଗଭୀର ଆଘାତ ପାଇଥିଲେ ଏବଂ ନିଜର ପାରିଶ୍ରମିକ ନପାଇ ନିରାଶ ହୋଇ ଫେରିଥିଲେ।

୨୦୨୦ ମସିହା ମାର୍ଚ୍ଚ ମାସ ୧୫ ତାରିଖ ସନ୍ଧ୍ୟା ୭ଟା ସମୟରେ ଜଣେ ଯୁବତୀ ତାଙ୍କର ପୁରୁଷ ବନ୍ଧୁଙ୍କ ସହ ନିଜ କାର୍ ଯୋଗେ ଜୟଦେବ ବିହାରରୁ ଡମଣା ଛକ ଅଭିମୁଖେ ଯାଉଥିଲେ। ସନ୍ଧ୍ୟା ସମୟରେ ଗହଳି ଥିବାରୁ ରାସ୍ତାରେ ଗାଡ଼ିଗୁଡ଼ିକ ଅଟକି ରହିଥିଲା। ଯୁବତୀଙ୍କ କାର୍ ପଛେ ପଛେ ଆସୁଥିବା ଜଣେ ବାଇକ୍ ଚାଳକ ଆଗକୁ ଯିବା ପାଇଁ ବାରମ୍ବାର ହର୍ଣ୍ଣ ମାରିବାରୁ ଯୁବତୀଙ୍କ ମୁଣ୍ଡକୁ ପିତ୍ତ ଚଢି ଯାଇଥିଲା। ସେ କାର୍‌ରୁ ଓହ୍ଲାଇ ଆସି ବାଇକ ଚାଳକଙ୍କୁ ପିଟି ଚାଲିଥିଲେ। ଏଥିରେ ସହଯୋଗ କରିଥିଲେ ତାଙ୍କର ପୁରୁଷ ବନ୍ଧୁ। ଏହି ଦୃଶ୍ୟକୁ ସେଠାକାର ଲୋକମାନେ ଉପଭୋଗ କରୁଥିଲେ ଓ ନିଜ ମୋବାଇଲରେ ଫଟୋ ଉତ୍ତୋଳନ କରିବାରେ ମାତି ଯାଇଥିଲେ, କିନ୍ତୁ ଯୁବତୀଙ୍କ ଅକ୍ରୋଶରୁ ବାଇକ ଚାଳକଙ୍କୁ ଉଦ୍ଧାର କରିବା ପାଇଁ କେହି ପ୍ରୟାସ କରି ନ ଥିଲେ। ବରଂ ଅପେକ୍ଷା କରିଥିଲେ ବାଇକ ଚାଳକ ଯଦି ଯୁବତୀଙ୍କୁ ପାଲଟା ଅକ୍ରମଣ କରନ୍ତି, ତେବେ ସ୍ଥାନୀୟ ଲୋକମାନେ ତାଙ୍କୁ ବହେ ଉତ୍ତମ ମଧ୍ୟମ ଦେବା ସହ ପିସିଆରକୁ ଡକାଇ ଥାନାକୁ ପଠାଇ ଦେଇଥା'ନ୍ତେ।

୨୦୨୨ ମସିହା ମଇ ମାସ ୧୧ ତାରିଖ ଦିନ ଜଣେ ଯୁବତୀଙ୍କର ହାଇଡ୍ରାମା ଦେଖିବାକୁ ମିଳିଥିଲା। ଯୁବତୀ ଜଣଙ୍କ ହାତରେ କିରୋସିନୀ ବୋତଲ ଧରି ଆତ୍ମହତ୍ୟା କରିବାକୁ ଧମକ ଦେବା ସହ ଜଣେ ଯୁବକଙ୍କୁ ଗାଳିଗୁଲଜ କରୁଥା'ନ୍ତି। ତାଙ୍କର ଏହି ଡ୍ରାମା ଦେଖିବାକୁ ସେଠାରେ ଲୋକଙ୍କ ଗହଳି ହୋଇଯାଇଥିଲା। ପରେ ଜଣାପଡ଼ିଥିଲା ଯୁବତୀ ଜଣକ ୯ ବର୍ଷ ପୂର୍ବରୁ କେନ୍ଦୁଝର ଜିଲ୍ଲାର ଜନୈକ ଯୁବକଙ୍କୁ ବିବାହ କରିଥିଲେ। ତାଙ୍କ ସ୍ୱାମୀ ଏକ ଗାଡ଼ି ଦୁର୍ଘଟଣାର ଶିକାର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ, ଡାକ୍ତରଖାନାରେ ସ୍ୱାମୀଙ୍କୁ ଛାଡ଼ି ଜଣେ ଯୁବକ ସହିତ ଫେରାର ହୋଇଯାଇଥିଲେ। ଉଭୟେ କିଛିଦିନ ଏକାଠି ରହିବା ପରେ ଯେତେବେଳେ ଯୁବକ ଜାଣିଲେ ଯୁବତୀ ଜଣକ ବିବାହିତ ଏବଂ ତାଙ୍କର ୯ ବର୍ଷର ପୁତ୍ରଟିଏ ଅଛି, ସେତେବେଳେ ଯୁବକ ଜଣଙ୍କ ତାଙ୍କୁ ଘରୁ ବିଦା କରିଦେଇଥିଲେ। ଏହାପରେ ଯୁବତୀ ଜଣକ ନ୍ୟାୟ ପାଇଁ ଯୁବକଙ୍କ ବିରୁଦ୍ଧରେ ଥାନାରେ ଏତଲା ଦେଇ, ରାସ୍ତାରେ ଏଭଳି ନାଟକବାଜି କରୁଥିଲେ।

ପାରିବାରିକ ହେଉ ବା ସାମାଜିକ କ୍ଷେତ୍ରରେ, ଯଦି ପୁରୁଷଟିଏ ମହିଳାମାନଙ୍କ ଦ୍ୱାରା ନିର୍ଯାତନାର ଶିକାର ହୁଏ, ତେବେ ଆଇନ ବା ସମାଜ ସେସବୁ ଦେଖିପାରେନା। ଆଇନ୍‌ରେ କେବଳ ପୁରୁଷଙ୍କୁ ଦଣ୍ଡବିଧାନ କରିବାର ବ୍ୟବସ୍ଥା ରହିଛି, କିନ୍ତୁ ପୁରୁଷମାନଙ୍କୁ ସମର୍ଥନ କଲାଭଳି କୌଣସି ଅନୁଷ୍ଠାନ ଏପର୍ଯ୍ୟନ୍ତ ଗଠନ ହୋଇପାରିନାହିଁ କିମ୍ବା କୌଣସି ବ୍ୟକ୍ତିବିଶେଷ ଆଗେଇ ଆସିନାହାଁନ୍ତି। ଏହିସବୁ ଘଟଣାର ପ୍ରତିବାଦ କରିବାର ସାମର୍ଥ୍ୟ ଥିଲେ ମଧ୍ୟ ଆତ୍ମସମ୍ମାନ ଭୟରେ ପୁରୁଷମାନେ ସାହସ କରିପାରନ୍ତି ନାହିଁ। କାରଣ ସେମାନେ ଭଲଭାବେ ଜାଣିଛନ୍ତି ଯେ, ଏଭଳି ଘଟଣାର ପ୍ରତିବାଦ କଲେ, କାଲି ସେମାନଙ୍କୁ ଜେଲ୍‌ର ଚାରିକାନ୍ଥ ଭିତରେ ବନ୍ଦୀ ଜୀବନ ବିତାଇବାକୁ ପଡ଼ିବ, ଘରୋଇ ହିଂସାରେ ଅଭିଯୁକ୍ତ ଭାବେ କାଠଗଡ଼ାରେ ଛିଡ଼ା ହେବାକୁ ପଡ଼ିବ। ହେଲେ ମହିଳାଟିଏ ଯଦି ପୁରୁଷ ଦ୍ୱାରା ନିର୍ଯାତନାର ଶିକାର ହୁଏ, ତେବେ ସଙ୍ଗେ ସଙ୍ଗେ ମହିଳା କମିଶନ୍‌ରେ କେସ୍ କରି ପୁରୁଷଟିକୁ ଜେଲର ଚାରିକାନ୍ଥ ମଧ୍ୟରେ ଭର୍ତ୍ତି କରିବାକୁ ବେଶିଦିନ ଲାଗେନି। ଏଥିପାଇଁ ବହୁ ଅନୁଷ୍ଠାନ ଓ ସ୍ୱେଚ୍ଛାସେବୀ ସଂଗଠନ ମହିଳାଙ୍କୁ ସହାନୁଭୂତି ଦେଖାଇ ପୁରୁଷଟିକୁ ବର୍ଷ ବର୍ଷ ଧରି ଜେଲ୍‌ରେ ରହିବା ପାଇଁ ରାସ୍ତା ତିଆରି କରିଥା'ନ୍ତି। ଏ ବିଷୟରେ ବୁଦ୍ଧିଜୀବୀ, ଚିନ୍ତନଶୀଳ ବ୍ୟକ୍ତି, ସାମାଜିକ ସଂଗଠନ ଏବଂ ସର୍ବୋପରି ରାଜ୍ୟ ସରକାର ଚିନ୍ତା କରିବା ସହିତ ଦୃଢ଼ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି। ନଚେତ୍ ସମୟ ଆସିବ ମହିଳାମାନଙ୍କ ଭଳି ପୁରୁଷମାନେ ଦିନେ ନ୍ୟାୟ ପାଇବା ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ।

*—କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର, ମୋ: ୮୩୨୮୮୪୦୨୧୪*




# ଶେଷ ମାଣବସା



ବିପ୍ଳବ

ସାରାରାତି କାକରରେ ଗାଧୋଇ ପାଧୋଇ ଧାନ ଗଛ ତୋରା ଦିଶୁଥିବ।ସୁନାରଙ୍ଗୀ ଧାନ କେଣ୍ଡା ସବୁ ଦୋଳି ଖେଳୁଥିବେ କାଲୁଆ ପବନରେ। କୁହୁଡ଼ିର ପତଳା ଆସ୍ତରଣରେ ଝାପ୍ସା ଦିଶୁଥିବା ଗାଁ ଲାଗୁଥିବ ଡ୍ରଇଁ ଖାତାର ଚିତ୍ର ପରି

ଗାଁ ରେ ଚାଲିଥିବ ଧାନ କଟା ପର୍ବ ।ଅଧିକାଂଶ ଧାନ କଟାଳି ଘରୁ ବାହାରି ପାରୁ ନଥିବେ। ଶୀତ ମାଓବାଦୀ ପରି ତା'ର ରାଜତ୍ୱ ଚଳେଇ ଥିବ। କିଛି ଧାନ କଟାଳି ପଖାଳ ଖାଇ ବାହାରି ଆସିଥିବେ। ଗାଁ ମୁଣ୍ଡ ଶନି ଠାକୁର ମଣ୍ଡପ ପାଖରେ ଖଟି ଚାଲିଥିବ। କିଏ ଜଙ୍ଘ ସନ୍ଧିରେ ମୁଣ୍ଡ ପୁରେଇ ନିଆଁ ପୋଉଁଥିବ । ମଝିରେ ମଝିରେ କୋଉ ବଗୁଲିଆ ପିଲା ନିଆଁ ଉଖାରି ସବୁ ଆଡ ? ଧୂଆଁ କରୁଥିବ। ସିଙ୍ଗା ଭଣ୍ଡାରୀ ମୁଠି ଧରି ସେଇଠି ଚୁଟି ହେଉ କି ଦା? ବାଳ ହେଉ କାଟୁଥିବ। କିଏ ବସି ବିଡ଼ି ଟାଣି ଆକାଶକୁ ଧୂଆଁ ଛାଡୁଥିବ । ତା' ଧୂଆଁ କୁହୁଡି ସହିତ ମିଶି ଶୂନ୍ୟରେ ମିଳେଇ ଯାଉଥିବ। କାକରରୁ ରକ୍ଷା ପାଇବାକୁ କିଏ ମଫଲର ନହେଲେ ପାଣି ଗାମୁଛା ଠେକା ଭିଡିଥିବ। କିଏ ଖୋଷଣିରୁ ଧୂଆଁ ପତର କାଢି ପାପୁଲିରେ ଦଳୁଥିବ।

ଗାଁ ଛକ ଠୁଁ ଶନି ମଣ୍ଡପ ଯାଏ ଦଣ୍ଡା ସବୁ ଚଂଛା ହେଇ ଯିବଣି ।ବଡ଼ ବଡ଼ ଚାଷୀ ସବୁ ଖଳା ଆଦରି ସାରିବେଣି।ଖଳା ମଝିରେ ମେରି ଖୁଣ୍ଟ ପୋତି ମଳା ଗୁଡ ?ଇ ଦେବେଣି।

ଖେତେରୋ ମାଳ ଧାନ ଆଗ ପାଚିଯାଏ । ଜମି ବି ସବୁ ବର୍ଷ ଆଗ ପାଗ ହେଇଯାଏ। ଆଗ ବୁଣା ହେଇ ଆଗ ବି କଟା ହେଇଯାଏ।

ଧନିଆ କକା, ସିକର କକା, ଅଜାତି କକା, ଧୋବା ଭାଇ ଏମାନେ ଆମର ନିୟମିତ କାମୁକା, ବରତନିଆ ପରି। ଧାନ ବୁଣା ପରଠୁଁ ବିଦା ଦିଆହେବା, ବଛା, ବେଉଷଣ, ଧାନ କଟାଠୁଁ ବେଙ୍ଗଳା ହେଇ ଘରକୁ ଆସିବା ଯାଏଁ ସବୁ କାମରେ ଆମ ସାଥିରେ ଥା' ନ୍ତି ସେମାନେ ପରିବାର ସଦସ୍ୟ ପରି। ତାଙ୍କ ଯୋଗୁଁ ତ ବାପା ଆମ ବିଲ ସହିତ ଆଉ ପାଞ୍ଚ, ଛ ମାଣ ଜମି ଭାଗ ଚଷି ଦିଅନ୍ତି। ଆମର ଯଦି କୋଉଦିନ ପାଇଟି ନଥାଏ ତେବେ ଅଲଗା କଥା।

ଖାଲି ଧାନ ଫସଲରେ ନୁହେଁ ମୁଗ, ବିରି, କୋଳଥ ଅମଳ ଠୁଁ କୋବି କଟା, ଲଙ୍କା ତୋଳା ଯାଏଁ ସବୁଠି ଥାଆନ୍ତି ସେମାନେ। କେବେ କେବେ ଶଗଡରେ ଜଙ୍ଗଲରୁ କାଠ ଆଣିବା ପାଇଁ ଏମାନେ ବି ଯାଆନ୍ତି ବାପାଙ୍କ ସହ। ଶଗଡ଼ ? ପୋକସୁଂଘା ଜାଳ ଆମର ଦେଢ଼ ମାସ ପାଖାପାଖି ଯାଏଁ। ଶୀତ ଦିନେ ଧାନ ଉଁସେଇବା ପାଇଁ ଅଧିକ କାଠ ଦରକାର। ସେଥିପାଇଁ ଧୁସ ନହେଲେ ଆଖୁ ପତୁରୀ ବ ?ିଆ। ଦୁଲ ଦୁଲ ହେଇ ଜଳିବ। ଆଖୁ କଟା ହେଇ ଶାଳ ବୁଲୁଥିଲେ ଜାଳ ଅଭାବ ରହେନି। ମଲା ଆଖୁ, ଛେଦା, ପତୁରୀ ଯାହା ପାଏ ବୋଉ ମେଣ୍ଡେଇ ଦିଏ ଚୁଲିରେ। ବେଳେବେଳେ ଧୁସ ସହିତ କଣ୍ଟା ପକେଇ ଦିଏ ଯେ ପ୍ରବଳ ଧୂଆଁ ହୁଏ। ନିଆଁ ପୋଇଁବା ଲୋଭରେ ଚୁଲି ଆଡ଼କୁ ଗୋଡ଼ ଲମ୍ବେଇ ବସିଥିବା ଜେଜୀ ମା' ଆଖି ପୋଡେ । ପାଖରେ ବସି ହୁଏନି। ସେ ବିରକ୍ତ ହୁଏ।

ଆମ ଢ଼ିଙ୍କି ଶାଳ ଚାଳ ମଥାନକୁ ଶିମ ଲଟା ମାଡି ଯିବଣି। ପେନ୍ଥା ପେନ୍ଥା ନାଲି ଶିମ ଖୁନ୍ଦି ହେଇ ଯାଇଥିବ। କୁଣ୍ଡ ମୂଳେ କଳା କଳା ଲଙ୍କା ମରିଚ଼ ଗଛରେ ଦାଙ୍ଗଣ ପରି ମୁନିଆ ମୁନିଆ ଲଙ୍କା ଫଳି ଥିବ। ପିଜୁଳି ଗଛ କଡକୁ ଥିବା ମନ୍ଦାର ଗଛରେ ଛିଟ ମନ୍ଦାର ନଦି ହେଇ ଯାଇଥିବ।

ବୋଉ ଏଇନା କଣ କରୁଥିବ କେଜାଣି ? ବାପା ହେରିକା ଅନ୍ଧାରୁ ଖାଇ ସାରିବା ପରେ ସେ ଗୋଟାଏ ହାତରେ ତୁବି ଧରି ଆଉ ଗୋଟେ ହାତରେ କାନ୍ଥ ଠୁଁ ବାରିପଟ ଖଳାବାରି ଯାଏଁ ଲିପି ଦେଇଥିବ। ପାହାନ୍ତାରୁ ଗାଧେଇସାରି ଘର ଓଳେଇ ଗୋବର ପାଣି ସିଞ୍ଚି ସାରିବଣି ।କାନ୍ଥ ଠୁଁ ଖଳା ବାରି ଯାଏଁ ସବୁଠି ଚିତା ପକେଇ ସାରିବଣି। ଭଳିକି ଭଳି ପଦ୍ମ ଫୁଲ ଆଉ ଲକ୍ଷ୍ମୀ ପାଦରେ ଖୋ ଖୋ ଡାକୁଥିବ ଘର ଠୁଁ ବାରି ଯାଏଁ।

ମୋତେ ଦେଖିଲେ ଚିଲ୍ଲେଇ ଉଠିବ

– ' ଆରେ, ତଳକୁ ଉଣ୍ଡି ପାହୁଣ୍ଡ ପକା। ଝୋଟି ଲିଭି ଯିବ। ଏ ସଦେଇ..

-' ହଁ, ବୋଉ। ମୁଁ ଦେଖୁଚ଼ି ପା,ତୁ ଝୋଟି ଆଙ୍କିଚୁ ବୋଲି। ତୋ ପୁଅ କଣା ନୁହେଁ ମ।

ସଦାନନ୍ଦଙ୍କ ନିଦ ଚ଼ାଉଁକିନା ଭାଙ୍ଗିଗଲା।

ବୋଉ, ବୋଉ କହି ଚ଼ିଲ୍ଲେଇ ଉଠିଲେ ସେ।

ପାଖରେ ଥିଲେ ସୀମା।

ସେ ଉଠି ବସିଲେ।

-' ଏଇ, କଣ ହେଲା ? ପାଟି କଲ ଯେ ଏତେ ଯୋର୍ ରେ ?

ସଦାନନ୍ଦଙ୍କ ଦେହ ଝାଳେଇ ଯାଇଥିଲା। ଗୋଡ଼, ହାତ ଓଦା ଓଦା ଲାଗୁଥିଲା। ଫ୍ୟାନ୍ ଦେବାପାଇଁ ସେ ସୀମାଙ୍କୁ କହିଲେ।

ସେ ଆଶ୍ଚର୍ଯ୍ୟ ହୋଇ ସ୍ୱାମୀଙ୍କୁ ଚ଼ାହିଁଲେ।

– ଆରେ ଚ଼ାହିଚ଼ କଣ ? ହାତ ମାରି ଦେଖ, ଝାଳ ବୋହୁଛି।

ସୀମା ହାତ ମାରିଲେ ସଦାନନ୍ଦଙ୍କ ଦେହରେ। ସତକୁ ସତ ଓଦା ଲାଗୁଥିଲା।

ସେପଟ ରୁମ୍ ରୁ ସରିତା ଆଉ ସନତ ଗୈଡ଼ି ଆସିଲେ।

ସରିତା କାଳ ବିଳମ୍ବ ନକରି ସଦାନନ୍ଦଙ୍କ ଗୋଡ଼ ଚିପିବାକୁ ଲାଗିଲେ।

– ବାପା, କଣ ହେଉଛି ତମର ?

– ଆରେ ଦେଖୁନୁ ମା, ମୋ ଦେହରୁ ଝାଳ ବୋହୁଛି, ତମ ଶାଶୁଙ୍କୁ ଫ୍ୟାନ୍ ଦେବାକୁ କହିଲେ ଶୁଣୁ ନାହାନ୍ତି।

– ବାପା, ଆପଣ ପା ଏ ବର୍ଷ ଡଙ୍ଗା ଭସେଇବାକୁ ରାଜି ହେଲେନି। କହିଲେ ଶୀତ ଲାଗୁଚ଼ି। ତମ ପୁଅ ତମ ପାଇଁ ପୁରୁଣା କମ୍ବଳ କାଢ଼ିଲେ।

ସତେ ତ !

ପ୍ରକୃତିସ୍ଥ ହେଲେ ସଦାନନ୍ଦ।

ଦେଖିଲେ ଦେହରେ କମ୍ବଳ ଅଛି। ଝରକା ସାମାନ୍ୟ ଖୋଲିଲେ।

ଦଲକାଏ କାଲୁଆ ପବନ ପିଚ଼କାରୀ ରଙ୍ଗ ପରି ଦେହରେ ନେସି ହେଇଗଲା ଯେମିତି। ପତ୍ର ଉପରେ କାକର ପଡ଼ି ଟପ୍ ଟପ୍ ଶୁଭୁଥାଏ। ସେ ଭୟରେ ଝର୍କା ମୁଦି ଦେଲେ।

ସମସ୍ତେ ବିସ୍ମୟହୋଇ ସଦାନନ୍ଦଙ୍କ ମୁହଁକୁ ଚ଼ାହିଁଲେ।

ସନତ ତାଙ୍କ ଦେହରେ ହାତ ମାରିଲେ। ବାପା ଆଉ ହୃଦାଘାତ୍ ଶିକାର ହେଇ ନାହାଁନ୍ତି ତ ?

ମନକୁ ମନ ପ୍ରଶ୍ନ କଲେ।

– ଆରେ ସବୁ ମୋତେ ଚ଼ାହିଛ କଣ ? ମୋ ବୋଉକୁ ସ୍ୱପ୍ନ ଦେଖିଲି। ଘର କଥା ସବୁ ମନେ ପଡ଼ିଲା।

ଲଥକରି ସୋଫା ଉପରେ ବସି ପଡିଲେ ସୀମା।

ସଦାନନ୍ଦ କଣ ଏତେ ବୁଢ଼ା ହେଇ ଗଲେଣି ଯେ ଏ ସବୁ ଆଜେ ବାଜେ ସ୍ୱପ୍ନ ଦେଖୁଛନ୍ତି ! ଶାଶୁ କୋଉ କାଳୁ ଗଲେଣି। ପ୍ରାୟ ତିରିଶ ବର୍ଷ ପରେ ହେବ। ଅବଶ୍ୟ ତାଙ୍କ ମୃତ୍ୟୁ ସ୍ୱାଭାବିକ ନଥିଲା। ସେଥିପାଇଁ ଏଇ ମାର୍ଗଶୀର ମାସ ଆସିଲେ ଭାବପ୍ରବଣ ହେଇ ଉଠନ୍ତି ସଦାନନ୍ଦ। ଅଧିକାଂଶ ସମୟ ଗୁମ୍ ହେଇ ବସନ୍ତି। ନିଦ ବାଉଳାରେ ଯାଡୁ ସିଆଡୁ ଗପନ୍ତି।

ଅତୀତ କ୍ୟାନସର ଘା ପରି। ବେଳେ ବେଳେ ଆଗି ଶୁଖେନି। ସେମିତି ନଶା ପାଣି ବୋହୁଥାଏ।

ଅତୀତକୁ ଫେରୁଥିଲେ ସୀମା।

ତାଙ୍କ ଶାଶୁ ଶଶୁର ଥିଲେ ବହୁତ ସାଧାସିଧା । ଚ଼ାଷୀବନ୍ଦୀ ଲୋକ। ଦୁଇ ପୁଅ। ଚ଼ିଦାନନ୍ଦ ଆଉ ସଦନନ୍ଦ ଓରଫ୍ ସଦେଇ। ସୀମା ଘରର ସାନ ବୋହୂ। ଚ଼ିଦାନନ୍ଦ ଘରର ବଡ଼ ପୁଅ। ସେ ସଦାନନ୍ଦଙ୍କ ଠୁଁ କାହିଁ କେତେ ବଡ। ସୀମା ଘରକୁ ବୋହୂ ହେଇ ଆସିବା ଆଗରୁ ତାଙ୍କର ପୁଅ ଦୁଇଟା ହାଇସ୍କୁଲ୍ ରେ ପାଠ ପଢୁଥିଲେ । ପନ୍ଦର ଷୋହଳ ବୟସର ଛୁଆ ଦୁଇଟା କାହିଁ କେତେ ବଡ ବଡ ଲାଗୁଥିଲେ। ଆକାଶିଆ ଗଛ ପରି ସରୁ ଆଉ ଦୀର୍ଘ।

ଶଶୁର ବଡ଼ ନିର୍ମାୟା ଲୋକ। ଦିନ ସାରା ମଜୁରିଆ ନେଇ ସେଇ ଆଡ଼ ? ଖଟୁଥିବେ ବେଳ ବୁଡିଲା ଯାଏଁ। ଦିନେ ଦିନେ ଘରକୁ ଖାଇବାକୁ ଆସନ୍ତିନି।

ଶାଶୁ ସେମିତି ତାଙ୍କ ବାଟ ଚ଼ାହିଁ ବସିଥିବେ। ଭୋକରେ ଆଉଟ ପାଉଟ ହେଲେ ବି କେବେ ଖାଇ ଦେବେନି। ବେଶି ଡେରି ହେଲେ ବିରକ୍ତ ହୋଇ ବୁହା ଭାତ ନେଇ ଯିବେ। ଘରେ ପିଲା ମାନେ ଥିଲେ ବି କିଏ ନେଲେ ସେ ରାଗିବେ। ନିଜେ ଚାଲି ଚାଲି ଗହୀରକୁ ଯିବେ। ସିଏ ବି କାମ ଅଧାରେ ପକେଇ ଭୋକରେ ଗାମୁଛା ପାରି ଗଛ ଛାଇରେ ଗଡ଼ପଡ ହେଉଥିବେ। ମଜୁରିଆ ହାତରେ ହେଉ କି ଗାଈଆଳ ପିଲାଙ୍କ ହାତରେ ଉଡା ଖବର ପଠେଇବେ। ଆଜି ଅମୁକ ବିଲଠି ଅଛି ।

ଶାଶୁ ଗଲାବେଳେ ରାଗିପାଚ଼ି ଯିବେ। ଫେରିଲା ବେଳକୁ ଦୁହେଁ ଛୋଟ ପିଲାଙ୍କ ପରି ହସି ଖେଳି ଫେରୁଥିବେ। ଶାଶୁ ଆମର ବଡ଼ ବିଚ଼ିତ୍ର ଲୋକ। ହେଇ ନା କୁ ରାଗି ପାଚ଼ି ପଞ୍ଚମ ହେଇ ନା କୁ ବରଫ ପରି ଥଣ୍ଡା। ତାଙ୍କ ରାଗ ରୁଷା ଆକାଶର ଇନ୍ଦ୍ରଧନୁ ପରି କ୍ଷଣିକ।

ଯେତେ ପୁନିଅଁ ପରବ ହଉ ବଡ଼ ଆଗ୍ରହ ସହକାରେ ପାଳନ୍ତି । ଭାରି ନିଷ୍ଠା ତାଙ୍କର। କାର୍ତ୍ତିକ ମାସର ଉଦୟ ରବିବାର ହେଉ କି ମଗୁଶିରର ଗୁରୁବାର ବ୍ରତ ହେଉ। ସେମିତି ନିର୍ଜଳା ଉପବାସ।

ଉଦୟ ରବିବାର ଓଷା ଭାରି କାଷ୍ଟା। ଶନିବାର ରାତିରେ ଯାହା ଖାଇଥିବ। ରବିବାର ଖାଡା ଓପାସ। ତହିଁ ଆରଦିନ ସୂର୍ଯ୍ୟ ବନ୍ଦନା ସରିଲେ ଯାଇ ଯାହା। ଛୋଟ ତରକାରୀ ରନ୍ଧା ଡେକ୍ଚ଼ିରେ ଅଧ ଡେକେଚ଼ି ଏ ନଡ଼ିଆ, କଦଳୀ, ସେଓ, କମଳା ଫଳ ସବୁ ଚ଼କଟା ହେଇ ପାଣିଆ ଭୋଗ ପ୍ରସ୍ତୁତ ହେଇଥିବ। କି ସ୍ୱାଦ ! ସାକ୍ଷାତ ଅମୃତ। ଆଞ୍ଜୁଳାଏରେ ପେଟ ପୁରି ଯିବ ।

ଏତେ ଓଷା, ବ୍ରତ, ଉପାସରେ କେବେ ଥକି ପଡିବାର କେହି ଦେଖିନି। ସକାଳ ଗୁହାଳ ଗୋବର ଠୁଁ, ଘର ଓଳା ବାସି ପାଇଟି ଯାଏଁ ସବୁ କରନ୍ତି । ସେମିତି ଲାଗି ରହିଥିବେ। ଚାଉଳ ପାଛୁଡ଼ା ଠୁଁ ଶାଗ କଟା ଯାଏଁ କିଛି ଛାଡନ୍ତି ନାହିଁ। ବୋହୂ ମାନେ କୁଲା କି ଝାଟୁଆ ଧରିଲେ ବିରକ୍ତ ହୁଅନ୍ତି। କହନ୍ତି ମୁଁ ମଲେ ଯାଇ ତମେ ଧରିବ।ଶଶୁରଙ୍କ ସାଙ୍ଗରେ ବି ବିଲ ବାଡ଼ିକୁ ଯାଆନ୍ତି। ପୁନିଅଁ ପରବରେ ଢ଼ିଙ୍କିରେ ଚାଉଳ ଚୂନା କୁଟିବା ଠୁଁ ପୁଷ ମାସର କାଠୁଆ ଶୀତ ରାତିରେ ନିଆଁ ଜାଳି ଧାନ ଉସେଁଇବା ଯାଏଁ କଣ ସେ ନ କରନ୍ତି !

ଏତେ ହସିଲା ଖେଳିଲା ଜୀବନ ବୋଧେ ଦଇବକୁ ସହ୍ୟ ହେଲାନି।

ମାର୍ଗଶୀର ଗୁରୁବାର ତିନି ପାଳି ଯାଇଚ଼ି। ଅଚ଼ାନକ ତାଙ୍କ ପେଟ ଖରାପ ହେଲା । ପାଣି ଗିଲାସକୁ ଗିଲାସ ପିଇଲେ। ସୁଣ୍ଠି ଉଷୁମ କରି ଖାଇଲେ। କୋଉଥିରେ କମିଲାନି। ଦି' ଦିନ କାଳ ଖିଆ ପିଆ କିଛି ନାହିଁ। ଘର ସାରା ଖାଲି ଗଡିଲେ। ତାଙ୍କ ବଡ ପୁଅ ହରିଜନ ସାଇର ରଘୁଆକୁ ଡାକିଲା। ସେ ରିକ୍ସା ଆଣି ଦାଣ୍ଡ ଦୁଆରେ ଠିଆ ହେଲା। ଇଏ ତ ପୁରୁଣା କାଳିଆ ଲୋକ। ଯିବାକୁ ଅମଙ୍ଗ। ବଡ଼ ପୁଅ ବିରକ୍ତ ହେବାରୁ ବହୁତ କଷ୍ଟରେ ବସିଲେ। ଦି ପ୍ରହର ସୁଦ୍ଧା ଔଷଧ ପତ୍ର ଧରି ମା' ପୁଅ ଫେରିଲେ। ପୁଅ ନଦୀକୁ ଗଲେ। ମା ଆଉ ପିଣ୍ଡାରୁ ଉଠିଲେନି। ଏକ ଜିଦ୍। ଲୁଗା ହକାଳି ଘରକୁ ଯିବେ। ମୁଁ ଦାଣ୍ଡ ଘରେ ଠିଆ ହୋଇ ସବୁ ଶୁଣୁଥାଏ। ମୋର ନୂଆ ନୂଆ ବାହାଘର। ସନତ ସାତ ମାସ ପେଟରେ ଥାଏ।

ବଡ ଯା' ଯାଇ ଡ଼ାକିଲେ।

– ଆସ, ମୁଁ ନାହାକ ଘର କୂଅ ମୂଳେ ତମ ଲୁଗା ପଟା ଧୋଇ ଦେବି।

ସେ ଉଁ କି ଚୁଁ କିଛି ହେଲେନି ।

ସେମିତି ବାଟ ସାରା ଉଠି ବସି ବଡ କଷ୍ଟରେ ଗଲେ ନଦୀକୁ। ଏଗାର ବର୍ଷର ସାନ ଝିଆରୀ ତାଙ୍କ ପଛେ ପଛେ ଗଲେ।

ଗାଧେଇ ଆସି ଦିନ ବେଳା କିଛି ଖାଇଲେନି। ସଞ୍ଜ ପହର ଉଖୁରି ଗଲା ଯେମିତି ଭାତ ମୁଠାଏ ମାଗିକି ଖାଇଲେ।

ରାତିକୁ ଜ୍ୱର ଆସିଲା। ମୁଁ ଯାଇଁ ଘସା ଆଉଁସା କଲି। ଢ଼ଙ୍କାରେ ସୋରିଷ ତେଲ, ରସୁଣ ଛେଚ଼ି ଘଷି ନିଆଁରେ ଫୁଟେଇଲି। ତଳିପାରେ ଆଣି ଘସିଲି। ରାତି ପାହି ସକାଳ ହେଲା। ତବତି ଛାଡ଼ି ନଥିଲା। ବଡ ଯା ବିରକ୍ତ ହେଲେ। ନଦୀକୁ ଲୁଗା ପଟା ନେଇ ଧୋଇବା ବଡ଼ କଷ୍ଟ ତାଙ୍କ ପାଇଁ। ବିଲରୁ ଫେରିବା ପରେ ଦେଢ଼ଶୁର ଆଉ ଯା' ଦୁହେଁ ଝଗଡ଼ା ଲାଗିଲେ। ଶାଶୁଙ୍କ ଦେହରେ ଏ ସବୁ ଗଲାନି। ସେ ବଡ଼ଙ୍କୁ ସଫା ସଫା କହିଦେଲେ

–' ତୋ ଭାରିଯାକୁ ମନା କରି ଦେ। ମୋ ଲୁଗା ହକାଳିବା ଦରକାର ନାହିଁ। ନିଜ ନିଜ ଭିତରେ ଏତେ ହିଁନି ଛୋକରା ହେବା ଦରକାର ନାଇଁ।

ମୋତେ ନଦୀକୁ ଯିବାକୁ ବାରଣ। ଶାଶୁ କହନ୍ତି ନୂଆ ଟା ଭୂଆ ଟା, ନଈକୁ କିଆଁ ଯିବ, ବେଳ ଆସୁ ବଳେ ଯିବ।

ବାଟରେ ଏନ୍ତୁଳୀ ଗଦା, ତା ପେଟରେ ଛୁଆ, ଚ଼ଢ଼ିକା ଭେଟଣ ହେଇଯିବ !

ରାତିରେ ଦେଢ଼ଶୁର ଆଉ ଶାଶୁ କଥା କଟା କଟି ହେଲେ।

ଶାଶୁ ଅସମୟରେ ଗାଧେଇବାରୁ ଜ୍ୱର ହେଲା ବୋଲି ଦେଢ଼ଶୁର ଅଭିଯୋଗ କଲେ।

ପ୍ରଥମ ଥର ପାଇଁ ପରିବାର ଭିତରେ କେମିତି ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଲା।

ରାତି ପାହିଲେ ମାଣବସା।

ଶାଶୁ ବଡ ଯା' କୁ ଡାକି କହିଲେ

– ଆଲୋ, ଏତେ ଗୁଡ଼ାଏ ଘର କେତେବେଳେ ଲିପା ପୋଛା କରିବୁ ? ଶୁଖିଲେ ପୁଣି ଚ଼ିତା ପଡ଼ିବ କି ନାଇଁ। ସାନ ପେଟରେ ଛୁଆ। ସିଏ କଣ ନଇଁ ପଡି ଏ ସବୁ ପାରିବ ?

ସେ ନ ଶୁଣିଲା ପରି ଚ଼ାଲିଗଲେ।

– ସଞ୍ଜ ହଉ ବୋଉ, ମୁଁ ପକେଇ ଦେବି।

ମୁଁ କହିଲି।

ଶାଶୁ ଗର ଗର ହେଲେ।

– ସବୁ କାମ ତ ତାକୁ ବୋଝ । ବଡ଼ ସେଇଠି କୋଉଠି ଥିଲେ।

ଫଁ କିନା ମିସି ଆସିଲେ।

– କାମ କିଆଁ ବୋଝ ହେବ, ତମେ କ'ଣ ବୋଝ ନୁହଁ। ଗାଣ୍ଡୁଆଏ ଲେଖା ଘୋରି ଘାରି ଶୋଇ ପଡୁଚ଼। ମୁଁ କାଚ଼ି କାଚ଼ି ଥେଇଆ।

ଶାଶୂଙ୍କୁ ସମ୍ଭାଳେ କିଏ ?

ସେତିକି ବେଳେ ଦେଢ଼ଶୁର ଦାଣ୍ଡ ଆଡୁ ଆସୁଥିଲେ ।

– ଦେଖ୍ ରେ ଚ଼ଇତା, ତୋ ଭାରିଯା କଥା ବୁଝୁ। ମୁଁ ତମ ପାଇଁ କୁଆଡେ ବୋଝ। ଦି ଚ଼ାରି ଦିନ ମୋ ବାସି ଲୁଗା ହକାଳି ଦେଲା ଯେ ଏତେ ହାକିମାତି ହେଇଗଲା ? ଯାଙ୍କ ଠୁଁ ମରିଗଲେ ଭଲ।

– ମରିଗଲେ କିଏ କା ପଛରେ ଗୋଡ଼ ?ଇ ଯାଉଚ଼ି କି ?

ଦେଢ଼ଶୁର ବିରକ୍ତ ହେଇ କହିଲେ। ଏତିକି କଥା। ଶାଶୁ ଘର ଭିତରକୁ ତମ ତମ ହେଇ ପଶିଗଲେ। ବିଲରେ ପଡ଼ିବା ପାଇଁ ଦାନାଦର ଆସି ଥୁଆ ହେଇଥିଲା। ତାକୁ ଧରି ବାରି ଆଡ଼ ? ଗୈଡ଼ିଲେ। ପଛେ ପଛେ ଦେଢ଼ଶୁର। କିଛି ବାଟ ଗଲା ପରେ ଦେଢ଼ଶୁର ଶାଶୁଙ୍କ ଠୁଁ ଛଡ଼ ?ଇ ନେଇ ଫିଙ୍ଗି ଦେବାକୁ ଆଗରେ ଗୈଡିଲେ। ପୁଣି ପଛରେ ଶାଶୁ। ବାରିପଟୁ ଆସୁଥିଲେ ଇଏ।

ଶାଶୁ ଚ଼ିଲ୍ଲେଇଲେ – ସଦେଇରେ ଭାଇକୁ ଧ' । ବୋହୂ ସାଙ୍ଗେ କଳି କରି ବିଷ ଖାଇବ ବୋଲି ଧରିଛି।

ସେ ଘଟଣା ବିଷୟରେ କିଛି ଜାଣି ନଥିଲେ। ପୁଡ଼ିଆ ଟି ଭାଇଙ୍କ ଠୁଁ ଛଡ଼ ?ଇ ମା ପାଖକୁ ଫୋପାଡି ଦେଲେ।

– ବୋଉ, ତୁ ନେଇଯା। ମୁଁ ଭାଇକୁ ଧରିଛି।

କେହି କିଛି ବୁଝିବା ଆଗରୁ ଶାଶୁ ସବୁତକ ଦାନାଦର ଢ଼ୋକି ଦେଲେ। ଇଏ କିଛି ବୁଝିବା ଆଗରୁ ସବୁ ଶେଷ।

ସାଙ୍ଗେ ସାଙ୍ଗେ ରିକ୍ସାରେ ପକେଇ ମେଡିକାଲ ନିଆ ଗଲା। ଗୋଟିଏ ରାତି ସଂଘର୍ଷ। ତା ପରଦିନ ଫେରିଲା ତାଙ୍କ ଶବ। ମାଣବସା ଗୁରୁବାରରେ ଲକ୍ଷ୍ମୀ ଘରୁ ବାହୁଡ଼ି ଗଲେ।

ସେଇ ଦିନରୁ ମୁକ ପାଲଟି ଗଲେ ଇଏ। ମାଣବସା ବି ସେଇଦିନୁ ବନ୍ଦ। ଆଖିରୁ ଲୁହ ପୋଛିଲେ ସୀମା।

ସନତ ଡାକ ପକେଇଲା ।

– ବୋଉ, ଦେଖ୍। ବାପାଙ୍କ ଦେହ ପୁଣି କଣ ହେଇ ଯାଉଛି। ପୁଣି ଓଦା ହେଇ ଯାଉଚ଼ି। ସିମା ଅତୀତରୁ ଫେରିଲେ।

ଲୁଗା କାନିରେ ସଦାନନ୍ଦଙ୍କ ମୁହଁ ପୋଛି ଦେବାକୁ ମୁହଁ ବୁଲୋଉଛନ୍ତି। ହଠାତ୍ ମୁଣ୍ଡଟି ଗୋଟିଏ କଡ଼କୁ ଢ଼ଳି ପଡ଼ିଲା।

କଞ୍ଚା ପତ୍ରଟିଏ ଗଛରୁ ଛିଡି ପଡ଼ିଲା ଯେମିତି !

ମକୁନ୍ଦ ପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

## ଶୀତର ପ୍ରୀତି

ସୁଧାକର ରାଉତ



ଶୀତ ଆସିଥିଲା ତୁମ ମିତ ହୋଇ
କୁହୁଡି କରିଲା ବନ୍ଦୀ
ଶୀତେଇ ଉଠିବା ଆଗରୁ ମୋ ଦେହ
କେ ଦେଲା ତୁମକୁ ଛନ୍ଦି ।
ଭାବିଥିଲି ଶୀତୁଆ ରାତିରେ ତୁମେ
ପଖାଳି ଉଷୁମ ମନ
ପୂର୍ଣ୍ଣିମା ରାତି ଜହ୍ନ ଜୋଛନା ପରି
ଚ଼ମକେଇବ ଜୀବନ ।
ତୁମ ଶୀତଳତା ମାପିବା ପ୍ରୟାସ
ଆକାଶ ମାପିବା ପରି
ଧୃଷ୍ଟତା ମନ କୋଣେ ଉଙ୍କି ମାରିଣ
ଦେଲା ଅସଫଳ କରି ।
ମନ ଭୁଲାଣିଆ ରାତିଟା କଟିଲା
ତୁମର ପରଶ ଖୋଜି
ପ୍ରତୀକ୍ଷା ଦୁଇ ଆଖିରେ ବସା ବାନ୍ଧି
ଆଉ ପାରିଲିନି ବୁଜି ।
ନିଷ୍ଠୁର କୁହୁଡି ପରଦା ସେପାଖେ
ତୁମେ ହୋଇଲ ଅଦୃଶ୍ୟ
ପାହାନ୍ତି ଶିଶିରେ ପାଦ ଭିଜିଗଲା
ତଥାପି ହେଲନି ଦୃଶ୍ୟ ।
ଅଝଟିଆ ସ୍ମୃତି ମନ ଅଗଣାରେ
କଅଁଳ ଖରାରେ ଡିଏଁ
ପ୍ରୀତିର କାକର ତା ସଭା ହରାଇ
ମଲାପରି ଯାହା ଚ଼ାହେଁ।
କ୍ଲାନ୍ତ ପଦପାତେ କରୁଣ ହତାଶେ
ଶିଶିର ମୁକ୍ତା ସାଉଁଟି
ବିଗଡ଼ ଦିନ ଅନୁଚ୍ଛେଦ ଖୋଜେ ଯେ
ନିଷ୍ଫଳେ ପଡିଛି ଲୋଟି ।
କୁଝଟିକାର ସେ ନଗ୍ନ ପ୍ଲାବନରେ
ଧୋଇଥିଲା ଶେଷ ଆଶା
ଶୀତଳ କୋଠରୀରେ ସ୍ମୃତି ସମୂହ
କୁହନ୍ତି ଅବ୍ୟକ୍ତ ଭାଷା ।

ପ୍ରତାପ ନଗରୀ, କଟକ

## ଜଳର ମହତ୍ତ୍ୱ

ସୁନୀଲ କୁମାର ପ୍ରଧାନ



ଲୋକଙ୍କ ସେବାରେ ସଦା ରହିଥାଏ
ନକରି ମନରେ ଦୁଃଖ
ଅହ ନିଶି ସେବା ମୁହିଁ ଦେଉଥାଏ
ସମସ୍ତଙ୍କୁ ଦିଏ ସୁଖ ।

ଅନ୍ୟ ନାମ ମୋର ଜୀବନ ଅଟଇ
ଦେଇ ଥାଏ ମୁଁ ଅମୃତ
ସକାଳ ହୋଇଲେ ମୁହଁ କରେ ସଫା
ସମସ୍ତଙ୍କୁ ଦିଏ ହିତ ।

ରୋଷେଇ ଘରରେ ନିୟୋଜିତ ଥାଏ
ଠାକୁରଙ୍କୁ ସ୍ନାନବେଳେ
ଗାଁ ଶେଷ ମୁଣ୍ଡରେ ମୁହିଁ ରହିଥାଏ
ସବୁରି ଚ଼ିରକାଳେ ।

ଆକାଶ ମାର୍ଗରୁ ଝରି ମୁଁ ପଡଇ
ବସୁଧାରେ ଯାଏ ଲୋଟି
ଖନନ କରିଣ ବାହାର କରନ୍ତି
ଜଳ ଦିଏ ମୁହିଁ ଭେଟି ।

ନିଆଁ ଲିଭାରେ ମୁଁ ଦରକାର ହୁଏ
ଶୋଷ ପାଇଁ ସତେ ଜଳ
ମତେ ନ ପାଇଲେ ଜୀବନ ଯାଉଛି
ସମସ୍ତଙ୍କୁ ଦିଏ ବଳ ।

ଆହେ ସାଧୁଜନେ ଜଳକୁ ସମସ୍ତେ
କରିବା ଯେ ସଂରକ୍ଷଣ
ସେପରା ରହିଲେ ଆମେତ ବଞ୍ଚିବା
ଅଟଇ ମହତ୍ତ୍ୱ ପୂର୍ଣ୍ଣ ।

ଝାଟିପଦର, ପାଲୁର, ଗଞ୍ଜାମ
ମୋ – ୭୬୦୯୯୩୪୩୬୬

## ଏମିତି ଏ ପ୍ରୀତି

ନିରଞ୍ଜନ ସାହୁ



ଦେଖୁନ କେମିତି କହ୍ନେଇ ସାଥିରେ
ପୀରତି କରୁଛି ରାଧିକା
କିଏ କହେ ତାକୁ କୁଳ କଳଙ୍କିନୀ
ବଂଶୀ କହେ ତାକୁ ସାଧିକା ।
ପ୍ରେମରେ ପଡିଲେ ଏମିତି ହୁଅଇ
ମନ ଅମାନିଆ ହୁଏ
ଲୋକଙ୍କ ଆଖିରେ ଜମା ଯାଏ ନାହିଁ
ଅପବାଦ ଆଣି ଥୁଏ
ବଇଁଶୀ ଡାକିଲେ ରାଧାରାଧା ବୋଲି
ରାଧା ପାଗଳାମୀ ଅଧିକା ।
ଯେତେ ଯାହା କଲେ ଅବୁଝା ହୁଅଇ
ବୁଝାଇବ ତାକୁ କିଏ
ହାଟରେ ଘାଟରେ ଅମଡା ବାଟରେ
କାହ୍ନୁ ଲାଗି ନିନ୍ଦା ନିଏ
କାହିଁକି କେଜାଣି ଏହି ଦୁନିଆଟା
ପ୍ରେମରେ ସାଜଇ ବାଧିକା ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ – ୭୫୯୦୧୬
ମୋ : ୯୯୩୮୭୪୧୫୮୩

## ରାଞ୍ଚି ଆଦିବାସୀ ଅଧିକାର ମିଟିଂ

ଜୁଇଟି ଡେଭିଡ ଫିଲିପ



ରିକ୍ସା ରେ ମୁଁ ବସିଛି,
ରିକ୍ସା ବାଲା ଟାଣୁଛି,
ବେରିଂ ଖସି ଖସି ଯାଉଛି, ଓହ୍ଲାଇ ଓହ୍ଲାଇ
ଆଉ ଥରେ ଟାଣୁଛି,
ମଣିଷ ମୁଁ କେମିତି, ଓହ୍ଲାଇବାକୁ ଇଚ୍ଛା ନାହିଁ,
ଝାଳ ନାଳ ବା କେମିତି ହେବି,
ବସି ଥିଲେ ଭଲ, ସେ କହୁଛି,
କାହିଁକି ସେ ଟାଣୁଛି,
ମୁଁ କାହିଁକି ବସିଛି ?
ମଣିଷ ସେବି, ମୁଁ ବି, ଏମିତି କାହିଁକି
ମୁଁ କଣ ଜାଣିନି।
'ହାତୀ ପିଠିରେ ବାଘ ବସିଛି,
ବାଘ ପିଠିରେ ଛେଳି,
ବଇଦ ହୋଇ ହନୁ ବୁଢାଟି
ଚ଼ିପେ ଗଧିଆ ନାଡି' ।
ଚ଼ିପେ ଗଧିଆ ନାଡି
ଝାଡ଼ଖଣ୍ଡ, ଭାରତ, ୨୦୨୨ ଶତାବ୍ଦୀ
ସେ ପାଏ ୩୦୦ ଟାଣିକି,
ମୁଁ ଚ଼ାହେଁ ୧୦ ଗୁଣା ବସିକି,
ଘରେ ପିଲା ମା ତାର ଜଗିଛନ୍ତି,
ନେଲେ ଖାଇବେ କହୁଛି,
ମୋପାଇ ସରକାରି କିଛି ନାହିଁ,
ସେ ପାଉଛି ୫କଶ ଚ଼ାଉଳ ମୁଣ୍ଡ ପ୍ରତି।
ପ୍ରଶ୍ନ, ମୁଁ କାହିଁକି ଓହ୍ଲାଇଲୀ ନାହିଁ ?
ମୋ ପକେଟ୍ ରେ ପଇସା ଅଛି ?
ତା ପକେଟ୍ ଖାଲି ?
ନା ଆଉ କିଛି, ଜାତି ତାର ଓବିସି !

ରାଞ୍ଚି

## କୁଟା ଖଣ୍ଡେ ମୁଁ..

ରତ୍ନକାନ୍ତି ମିଶ୍ର



କୁଟା ଖଣ୍ଡେ ହେବାକୁ
ମୁଁ କ'ଣ କେବେ ସମର୍ଥ ହେଲି
ନା କୁଟା ଖଣ୍ଡେ ହୋଇ
କାହାକୁ ଆଶ୍ରା ଦେଇ ପାରିଲି !
କୁଟା ଖଣ୍ଡେ ପରି
ନହୋଇ ପାରିବାର
ଅବସୋସର ବନ୍ୟାରେ
ଏବେ ମୁଁ ଭାସି ଭାସି ଯାଉଛି
ଅନ୍ତରାତ୍ମା ମୋର ଛଟପଟ
କୂଳ କିନାରା ଖୋଜୁଛି
ତଥାପି...
ଜାଣେନା କାହିଁକି କେଜାଣି
ମୁଁ ଗୋଟେ କୁଟାଖଣ୍ଡର
ତଲାସରେ ଅଛି
ଏ ନୁହେଁ କି ଈଶ୍ୱରଙ୍କ ଉପରେ
ଅଖଣ୍ଡ ବିଶ୍ୱାସ
ନା ଆଉ କିଛି.. ? ? ?

ଆଳି, କେନ୍ଦ୍ରାପଡା

## ମଳା ଜହ୍ନ

ସୁବ୍ରତ କୁମାର ଜେନା



ରଙ୍ଗ ବଜାରରୁ ରଙ୍ଗ ଆଣିଥିଲି
ରଙ୍ଗ କରିଥାନ୍ତି ତତେ
ପ୍ରେମ ବଜାରରେ ଘୃଣା ଭରିଦେଲୁ
ବଦନାମ କରି ମତେ।
ରାତି ଖୋଜି ସାଥି ମନ ଖୋଜେ ପ୍ରୀତି
ବାହୁନି କାନ୍ଦଇ କେତେ
ମୋମନର ବେଦନା ନୀରବରେ ଜଳେ
ଲିଭାଇ ହୁଏନି ସତେ।
ମାୟା ମରୀଚ଼ିକା ଜାଣି ପୁଣି କାହିଁ
ପଛେ ତୋର ଧାଉଁଥିଲି
ହସି ହସି ମତେ ଏମିତି ଦଂଶିଲୁ
ନିଜ ଠିକଣାକୁ ଭୁଲିଗଲି ।
ପ୍ରେମ କରିବାଟା ପାପ ଯଦି ହୁଏ
ଈଶ୍ୱରବି ହେବେ କଳଙ୍କିତ
ସାମାନ୍ୟ ଧନର ଲାଳସାରେ କାହିଁ
ହେଇଗଲୁ ହୀନ ସମ୍ମହିତ।
ଦେଖିଯିବୁ କେବେ ଫୁରୁସତେ ଆସି
ସେମିତି ହୋଇଛି ଠିଆ
ଯେମିତି ସେଦିନ ଛାଡି ଯାଇଥିଲୁ
ହୃଦୟେ ଲଗାଇ ନିଆଁ।
ମନର ଭାବନା କଣ ଏତେଯେ ସରଳ
ଖେଳିବୁ ତୁ ତୋ ଇଚ୍ଛାରେ
ମନ ଭରିଗଲେ ଏଇ ଖେଳନା ଉପରେ
ଫିଙ୍ଗିଦେବୁ ରାଜ ରାସ୍ତାରେ।
ଆଜିମୁଁ ଭେଟୁଛି ମୃତ୍ୟୁକୁ ସାଦରେ
କାଲିତୁ ଭେଟିବୁ ନିଶ୍ଚ ?
ଆଜିମୁଁ ଜଳୁଛି ପ୍ରତାରଣା ଛଳେ
କାଲିତୁ ଭେଟିବୁ ସଂଜେ।
ପ୍ରେମ ଭଳି ଯେଉଁ ପବିତ୍ର ଶବ୍ଦକୁ
ବଡ଼ ଦାଣ୍ଡେ ଗଡାଇଲୁ
ପ୍ରେମ ବିଶ୍ୱାସରେ କପଟ ଭରିତୁ
କହ କି ଲାଭତୁ ପାଇଗଲୁ।
ତଥାପି ଚିନ୍ତୁନି ଅନିଷ୍ଟ ତୁମରି
ରୁହ ହସ ଖୁସି ସବୁ ପାଇ
ତୁମରି ବିହୁନେ ବଂଚ଼ିଯିବି ମୁଁଯେ
ତୁମ ପୁରୁଣା ସ୍ମୃତିକୁ ନେଇ ॥

ଶୁରଡିହ, ନନ୍ଦିପୁର, ଯାଜପୁର
ଦୂରଭାଷ–୯୭୭୬୨୦୮୯୩୦

## ଧଳା ଶାଢୀ

ସ୍ମିତ୍ତା ପଣ୍ଡା



ଦିନେ ଚ଼ମକୁଥିବା ଆଖିର
ଆଲୁଅ ଲିଭିଗଲା
ସେଠି ଥିଲା ଗୋଟେ କାଚ଼ଗୁଳି
ଆଉ ସବୁ ଆଖିରୁ ଝରୁଥିଲା ଲୁହ
ଓଠରେ ଲାଗିଥିଲା
ଯେମିତି ଶୁଖିଲା ପାଉଁଶ
ତତଲା ଓ ଧୂସର
ତୁଟିଥିଲା ବଜ୍ର ହୋଇ ପାରି ନଥିବା ଚୁଡି
ଶୀଲା ଅପା ପିନ୍ଧିଥିଲା ସାଦା ଧଳା ଶାଢୀ
ଦାଣ୍ଡ, ଘର ଚ଼ାରିଆଡେ ଚୁପ୍‌ଚାପ୍
ବାରିଆଡେ ଟୁପ୍‌ଟାପ୍
ଅକାଳକୁ କପାଳ ଫାଟିଲେ
କିଏ ଆଉ ହେବ ସାମ୍ନାସାମ୍ନି
ଅଦିନଟେ ଆସିଯିବ କାଳେ
ସବୁ ଯୋଗ ଅଯୋଗ
ସବୁ ଯାତ୍ରା ଅଯାତ୍ରା
ଅଲକ୍ଷଣ ବିଲକ୍ଷଣ ରୁଣ୍ଡ ଏକାବେଳେ
କିଏ ଆହା କହିବ
କିଏ ରାହା ଦେଖେଇବ
ଜାଣିବାକୁ ମନ କାହିଁ ? ଡର କାହିଁ ?
ଜଣା ଅଛି ଖାଲି ସେ ଗୋଟେ ଛାଇ
ଯିଏ ଆତ୍ମା ଆଉ ଶରୀରକୁ ଏକାଠି ସିଁଇ ନିଏ
ଆଉ କବାଟ କିଳି ଘର ଭିତରେ
ଲୁଚେଇ ଦିଏ
ଏବେ ତା'ର ସତ ଜୀବନ କାଇଁ
ଜଗତ କାଇଁ ?
ଦିନ ଯାଇଚ଼ି, ରାତି ବି ଯାଇଚ଼ି,
ଓଠ ଫାଟିଚ଼ି, ପାଦ ଫାଟିଚ଼ି
ସାଦା ଧଳା ଶାଢୀ ସାଙ୍ଗରେ
ଅଳରା ମୁଣ୍ଡରେ ଶୀଲା ଅପା ବୁଢୀ ହେଇଚ଼ି
ଅଶୁଭ ଡରରେ ସବୁ ରଙ୍ଗ ଏଡୁଚ଼ିଠୁଁ ଫେରିଚ଼ି
କେହି ପାଖକୁ ଆସିନି କି
ପାଖକୁ ଡାକିନି
ହେଲେ ଯୋଉ ରଙ୍ଗରେ ଇଚ୍ଛା
ଧଳାକୁ ରଙ୍ଗେଇବା ସହଜ
ଜଣେ କେହି ତାକୁ ମନେ ପକେଇ
ଦେଇନି !!

ସରକାରୀ ଉଚ୍ଚ ବିଦ୍ୟାଳୟ, ଲହଣ୍ଡା
ବରଗଡ–୭୬୮୧୧୧

## ସେଇ କଥା ମନେପଡ ?

ଜୟନ୍ତ କୁମାର ମଲ୍ଲିକ୍



ତୁମେ ସିନା ଚ଼ାଲିଗଲ
ମୋତେ ଧୋକା ଦେଇକି
ମନେ ମନେ କାନ୍ଦେ ଆଖି-
ଲୁହ ସାଥେ ନେଇକି ।
ଦୁଃଖ ମୋର ବଢ଼ିଗଲା
ଗଡିଗଲା ବୟସ
ଭାବୁଅଛି ତୁମ ସାଥେ
କରିଥିବା ଅୟସ ।
କେତେକଥା ଗପୁଥିଲେ
ନଈକୂଳେ ବସିକି
ଲୋଟିଯାଉଥିଲ ମୋର
କୋଳେ ହସି ହସିକି ।
ସେଇକଥା ମନେପଡ ?
ନିଶବଦ ରାତିରେ
ରୁଦ୍ଧହୁଏ ଦୀର୍ଘଶ୍ୱାସ
ବେପରୁଆ ଛାତିରେ ।
କାହିଁଗଲା ସେଇଦିନ
ମୋଓଠାରୁ ଦୂରେଇ
ଭାବିଦେଲେ ବସି ଏହା
ମଥାଦିଏ ଘୁରେଇ ।

ଶୁରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭

## ଶୀତ ଆସିଛି

କମଳ ଲୋଚ଼ନ ପଣ୍ଡା



ହଁ, ଶୀତ ଆସିଛି
ଉଷ୍ମ ଆଲିଙ୍ଗନର ପ୍ରଣୟ
ସମ୍ବାଦ ନେଇ
ଆସିଛି ଶୀତର ସାୟାହ୍ନ
ଥରହରଙ୍କୁ ଦରକାର ସାହାଯ୍ୟର ହାତ
ସୁନେଲି ଫସଲ କ୍ଷେତରେ ହସେ,
ଶୀତର କାନ୍‌ଭାସ୍ ରେ ଝଡ଼ା
ପତ୍ରର ରଙ୍ଗ ମିଶେ
ସୁନେଲି ସୁନେଲି ସୂର୍ଯ୍ୟକିରଣ
ବହଇ ଧିର ଧିର ଉତରା ପବନ
ଶରୀରେ ଭରେ ଶୀତଳ ଶିହରଣ
ପଲ୍ଲୀକୋଳର ଉପଭୋଗ୍ୟ ଅପରାହ୍ନ
ଗାଁ ରେ ମୋ ପିଲାଦିନ
ଏବେ ବି ଭୁଲିନି ମନ !
ଖଳାରେ ଅମଳର ବେଳ
ଗୋଟେଇ ଆଣିଥିବା ଛିଣ୍ଡା
ଧାନ ସିସା ସବୁ ମୋର।

ନୀଳଗିରି, ବାଲେଶ୍ୱର
ଦୂରଭାଷ–୮୯୧୭୩୪୦୮୮୯

## ଆଶା ବୈତରଣୀ

ଉମାଶଙ୍କର ପ୍ରସାଦ



ଆମ ଏ ବିଶାଳ ଭାରତ ବର୍ଷ
ଆଜି ସତେ କେତେ ବିଷର୍ଣ୍ଣ-ବିମର୍ଷ
ଆଶାର ମୁକ୍ତାହୋଇ ଝରୁଥିଲା ଦିନେ
ଆଶାୟିତ ଅଜସ୍ର ଆରେ
ସୀମାହୀନ ଆଶାୟୀ ଜୀବନର,
ସୁବିପୁଳ ଅନନ୍ତ ବିସ୍ତାରେ ।
ଆଜି ସେ ଭାରତ ବର୍ଷ ହଜାଇଛି ରାହା,
କାହିଁକେଉଁ ମହାଅନ୍ଧକାରେ
ଦିଗନ୍ତ ବିସ୍ତାରି ଶୁଭେ ଶତ୍ରୁର କ୍ରୂର ଅଟ୍ଟହାସ
କ୍ରନ୍ଦନରେ ଥରିଉଠେ ବନଗିରି ଜନପଦ
ମାଟି ଓ ଆକାଶ
ଯେଉଁ ସୂର୍ଯ୍ୟସ୍ନାତ ଜନନୀ ଭାରତ,
ଯାହାର ମଧୁର କଣ୍ଠୁ ଶୁଣୁଥିଲୁ
ଜୀବନ ସୃଜନର ଲଳିତ ସଙ୍ଗୀତ ।
ପଢିବାକୁ ଚାହିଁଥିଲୁ ଅନାବିଳ ହୃଦୟର ଭାଷା
ଲାସ୍ୟମୟୀ, ହାସ୍ୟମୟୀ ଅରୁଣିତ
ଉଦୟର ଉଷା
ଆଶା ବାନ୍ଧିଥିଲୁ ଗଢିବାକୁ
ମଣିଷ ଭିତରେ
ଚିରନ୍ତନ ସଂଯୋଗର ସେତୁ, ଲଙ୍ଘିବାକୁ
ଚାହିଁଥିଲୁ ଯେତେ ହୀନ
ଉଗ୍ରତାର ବିଭେଦର ହେତୁ ।
ଆଶା କରିଥିଲୁ ସାମ୍ୟଶାନ୍ତି
ଆଉ ବାକ୍ ସ୍ୱାଧୀନତା
ଭୀଷଣ ଭାଷଣ ନୁହେଁ,
ଶୋଷଣ ପୀଡନ ନୁହେଁ
ପରସ୍ପରେ ଯୁକ୍ତ ହୋଇ ରଚିବାକୁ ସୃଷ୍ଟିର ସଂହିତା।
ମାତ୍ର କେଉଁଶକ୍ତ ହାତୁଡିର ପ୍ରହାର ବାଜି
ଆଶା ଅଟ୍ଟାଳିକା ଆମ ଚୂର୍ଣ୍ଣ ହୁଏ ଆଜି !
ତଥାପି କବି ମୁଁ କବିତା ଲେଖେ, ବ୍ୟଥିତ
ହୃଦୟରେ
ତରୀବାକୁ ଆଶା ବୈତରଣୀ କବିତା ଛଳରେ।

ଉଗତ ଲେନ୍ ଖୋର୍ଦ୍ଧା
୬୩୭୦୬୭୫୫୬୨




# ସ୍ୱଚ୍ଛ ଭାରତର ଏକ ଭିନ୍ନ ଅଙ୍ଗ: ଶୌଚାଳୟ ସ୍ୱଚ୍ଛତା



'ସ୍ୱଚ୍ଛତା' ପରିବେଶ ପରିଚ୍ଛନ୍ନତା ଓ ପରିମଳର ଏକ ଭିନ୍ନ ନାମ। 'ସୁସ୍ଥତା' ଓ 'ସ୍ୱଚ୍ଛତା' ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ। 'ସୁସ୍ଥତା' ଦୁଇପ୍ରକାର : ବ୍ୟକ୍ତିଗତ ସୁସ୍ଥତା ଓ ସାମାଜିକ ସାମୂହିକ ସୁସ୍ଥତା। ବ୍ୟକ୍ତିଗତ ସୁସ୍ଥତା ନିଜର ଶାରୀରିକ ଓ ମାନସିକ ସୁସ୍ଥତାକୁ ବୁଝାଏ। ଏଥିରେ ଦେହର ସମସ୍ତ ଅଙ୍ଗ, ଏମିତିରେ ହାତ, ନଖ, ଦାନ୍ତ, ଆଖି, ଗୋଡ଼, ପାଦ, ବାଳ ଇତ୍ୟାଦିର ଯତ୍ନ ନେବା ଇତ୍ୟାଦିକୁ ବୁଝାଏ। ଏଠାରେ ଯତ୍ନ କହିଲେ 'ସଫାସୁତୁରା' ବା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯାହା ତାହାର ସ୍ୱଚ୍ଛତାକୁ ବୁଝାଏ। ସାମାଜିକ ବା ସାମୂହିକ ସ୍ୱାସ୍ଥ୍ୟ କହିଲେ ଯେଉଁ ସ୍ୱାସ୍ଥ୍ୟ ପରିବେଶୀୟ ସ୍ୱଚ୍ଛତା ଓ ତା'ର ସୁପ୍ରଭାବଜନିତ ସୁସ୍ଥତାକୁ ବୁଝାଏ।

ମଣିଷ ଦେହ ଏକ ରୋଗର ଘର। ଏହି ରୋଗ ତା'ଠୁ ଭିନ୍ନ ଭିନ୍ନ ମାଧ୍ୟମ ଦେଇ ଅନ୍ୟ ଦେହକୁ ବ୍ୟାପିଥାଏ। ସେ ମାଧ୍ୟମଗୁଡ଼ିକ ହେଲା : ପାଣି, ପବନ, ଖଙ୍କାର, ମଳମୂତ୍ର, ସଂସ୍ପର୍ଶ ଏମିତି ଅନେକ କିଛି। ଯେଉଁ ମାଧ୍ୟମ ଦେଇ ଏହା ବ୍ୟାପେ, ସେ ମାଧ୍ୟମ ଦେଇ ଏକ ରୋଗୀର ଶରୀରରୁ ଆମ ନିରୋଗ ଶରୀରକୁ ଏହା ଆସେ। ଏସବୁରୁ ମୁକ୍ତି ପାଇଁ ଆମକୁ କିଛି ବ୍ୟବହାରିକ ସତର୍କତା ଓ ସ୍ୱଚ୍ଛତା ପ୍ରତି ଧ୍ୟାନ ଦେବାକୁ ହେବ। ଯେଉଁଥି ପାଇଁ ଆମେ ବ୍ୟକ୍ତିଗତ ସ୍ୱାସ୍ଥ୍ୟରେ ସୁସ୍ଥତା ରଖିବା ସଂଗେ ସଂଗେ ଅନ୍ୟକୁ ସୁରକ୍ଷା ଦେଇଥାଉ।







ଗାନ୍ଧିଜୀ ସଦାବେଳେ କହିଥିଲେ : ବ୍ୟକ୍ତିଗତ ଓ ସାମୂହିକ ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅ। ପରିବେଶର ସ୍ୱଚ୍ଛତା ରକ୍ଷାକର। ସବୁ କ୍ଷେତ୍ରରେ ସ୍ୱଚ୍ଛତା ରଖିବା ବାଞ୍ଛନୀୟ। ଆମ ଘର ଓ ବାହାର ଉଭୟର ସୁସ୍ଥ ସ୍ୱଚ୍ଛ ପରିବେଶ ହିଁ ଆମ ସ୍ୱାସ୍ଥ୍ୟ ପାଇଁ ଅନୁକୂଳ। ପ୍ରତ୍ୟେକ ସଚେତନ ନାଗରିକ ଜାଣନ୍ତି ଯେ ବାହାରେ ମଳ ବା ପରିଶ୍ରା ତ୍ୟାଗ କରିବା ଆମ ପାଇଁ କ୍ଷତିକାରକ। ଏଥିରେ ରୋଗର ବାହକମାନେ ନାନା ଉପାୟରେ ଆସି ଆମକୁ ସଂକ୍ରମିତ କରିଥାଆନ୍ତି। ଏଥିରୁ ମୁକ୍ତି ନେବା ପାଇଁ ଏବେ ପ୍ରତ୍ୟେକ ଘରେ ଶୌଚାଳୟ ନିର୍ମାଣ ପାଇଁ ଗୁରୁତ୍ୱ ଦିଆଯାଉଛି। ଏବେ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ବଜାର,ସହର, ବସ୍ ରହଣିସ୍ଥଳ ଓ ଷ୍ଟେସନମାନଙ୍କରେ ଶୌଚାଳୟ (ଟଏଲେଟ୍) ଓ ପରିଶ୍ରାଗାର (ୟୁରିନାଲ) ସ୍ୱତନ୍ତ୍ର ଭାବେ ନିର୍ମିତ ହୋଇଛି। ଏହାଦ୍ୱାରା ଲୋକେ ଏଣେ ତେଣେ ମଳମୂତ୍ର ତ୍ୟାଗ ନକରି ଏହି ନିର୍ଦ୍ଦିଷ୍ଟ ସ୍ଥାନମାନଙ୍କରେ ବ୍ୟବହାର କରିଥାନ୍ତି। ଫଳରେ ରୋଗ ସଂକ୍ରମଣକୁ ରୋକାଯାଇପାରେ ଏବଂ ପରିବେଶ ପ୍ରଦୂଷିତ ହୁଏ ନାହିଁ।

ଶୌଚାଳୟ କ'ଣ ଆସନ୍ତୁ ପ୍ରଥମେ ବୁଝିବା। ଶୌଚ କହିଲେ ଦେହଶୁଦ୍ଧି ରକ୍ଷା କରିବା, ମଳତ୍ୟାଗ ପରେ ଛିଆଂଚି ହେବା ବା ଶୁଦ୍ଧିକରଣ କରିବାକୁ ବୁଝାଏ। ଯେଉଁଠି ବା ଯେଉଁ ଆଳୟ/ଗୃହରେ ଏପ୍ରକାର ଶୁଦ୍ଧିକରଣ କରାଯାଏ ତାହା ହିଁ ଶୌଚାଳୟ। ଏବେ ଘରମାନଙ୍କରେ ଶୌଚାଳୟକୁ ବହୁମୁଖୀ ବ୍ୟବହାର କରାଯାଏ। ଏଇ ଘରେ ଶୌଚ, ମଳମୂତ୍ର ତ୍ୟାଗ ଓ ସ୍ନାନ ଇତ୍ୟାଦି କରାଯାଏ। ଯେଉଁ ଜାଗାରେ ଏତେ କଥା କରାଯାଏ ସେ ଜାଗା ନିଶ୍ଚିତ ଭାବରେ ସ୍ୱାସ୍ଥ୍ୟ ଦୃଷ୍ଟିରୁ ରୋଗ ସଂକ୍ରମଣର ଏକ ମାଧ୍ୟମ ରୂପେ ପାଲଟିଯାଏ। ଏହା ସ୍ୱାସ୍ଥ୍ୟ ଦୃଷ୍ଟିରୁ ମୋଟେ ନିରାପଦ ନୁହେଁ। ଏ ଘରେ ସିନା ସକଳ ମଳି, ମଳ ଓ ମୂତ୍ର ବିସର୍ଜି ଆମେ ନିର୍ମଳ ହେଉ ହେଲେ ଏଠାରେ ମଳ, ମଳି ଓ ମୂତ୍ର ଆମ ଅସୁସ୍ଥତାର କାରଣ ପାଲଟି ଯାଆନ୍ତି। ଏଇଥିପାଇଁ ପ୍ରତିଟି ଶୌଚ/ସ୍ନାନ ବା ମଳତ୍ୟାଗ ପରେ ଏହାକୁ ସଫା ସୁତୁରା କରିବା ସହ ଏଥିରେ ଫିନାଇଲ୍ ଇତ୍ୟାଦି ପରି ବିଶୋଧକ ବ୍ୟବହାର କରି ବିଶୋଧନ କରିବା ଉଚିତ୍। ଜାତିସଂଘରୁ ମିଳିଥିବା ଏକ ତଥ୍ୟ ଅନୁସାରେ ଜଣାପଡ଼ିଛି ଯେ ବିଶ୍ୱରେ ପ୍ରତିଦିନ ତିନିଜଣରେ ଜଣେ ବ୍ୟକ୍ତି ଶୌଚାଳୟ ପରିଷ୍କାର କରିନଥାନ୍ତି। ବିଶ୍ୱରେ ପ୍ରତିଦିନ ୧ ହଜାର ଶିଶୁ କେବଳ ଶୌଚାଳୟ ସ୍ୱଚ୍ଛତା ଅଭାବରୁ ପ୍ରାଣ ହରାଉଛନ୍ତି। ଏହା ହିଁ ଏବେ ଚିନ୍ତାର କାରଣ। ଜାତିସଂଘ ଆନୁକୂଲ୍ୟରେ ୨୦୧୩ ନଭେମ୍ବର ୧୯କୁ ବିଶ୍ୱ ଶୌଚାଳୟ ଦିବସ ଭାବେ ପାଳନ ନିମନ୍ତେ ଘୋଷଣା କରାଗଲା ଏବଂ ସେବେଠୁ ପ୍ରତିବର୍ଷ ନଭେମ୍ବର ୧୯କୁ ବିଶ୍ୱ ଶୌଚାଳୟ ଦିବସ ରୂପେ ପାଳନ କରାଯାଏ। ୨୦୦୧ରେ ବିଶ୍ୱ ଶୌଚାଳୟ ସଂଘ ଗଠିତ ହୋଇ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ କାର୍ଯ୍ୟ କରିବା ଆରମ୍ଭ କଲା। ସର୍ବେକ୍ଷଣ ଅନୁସାରେ ଶୌଚାଳୟ ଅଭାବ କ୍ଷେତ୍ରରେ ସମସ୍ତ ରାଷ୍ଟ୍ର ମଧ୍ୟରେ ଭାରତ ସର୍ବାଗ୍ରେ ରହିଛି। ତା ତଳକୁ ଚୀନ୍ ମଧ୍ୟ ଅଛି। ଚୀନ୍‌ର କେତେକ ଅଂଚଳରେ ପରିବେଶ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର। ନିୟମିତ ଭାବରେ ଶୌଚାଳୟ ସଂଘ ଏସବୁ ରାଷ୍ଟ୍ରର ଲୋକଙ୍କୁ ଶୌଚାଳୟର ଆବଶ୍ୟକତା ସଂପର୍କରେ ଅବଗତ କରାଉଛି। ଏବେ ଏହି ସଂଘ ବିଶ୍ୱର ୧୨୨ ରାଷ୍ଟ୍ର ସହ ଜଡ଼ିତ। ସଂପ୍ରତି ଭାରତ ସରକାର ଗୁରୁତ୍ୱର ସହିତ ଏ ଶୌଚାଳୟ ସମସ୍ୟାକୁ ବିଚାରକୁ ନେଇଛନ୍ତି। ପ୍ରତି ଘରେ କିପରି ଶୌଚାଳୟଟିଏ ନିଶ୍ଚୟ ରହିବ, ସେଥିପାଇଁ ପ୍ରୋତ୍ସାହନ ଓ ଆର୍ଥିକ ସହାୟତା ଯୋଗାଉଛନ୍ତି। ସବୁ ପ୍ରକାର ଗଣମାଧ୍ୟମରେ ବିଜ୍ଞାପନ ମାଧ୍ୟମରେ ଏ ଦିଗରେ ସଚେତନତା ସୃଷ୍ଟି କରିବାରେ ପ୍ରୟାସ ଜାରି ରଖିଛନ୍ତି। ଆମ ସ୍ୱାସ୍ଥ୍ୟ ପ୍ରଥମେ ଆମ ବ୍ୟକ୍ତିଗତ ସଂପତି। ବ୍ୟକ୍ତିଗତରୁ ସାମୂହିକ ବା ଜାତୀୟ କଥା ଆସେ। ଆସନ୍ତୁ ସ୍ୱଚ୍ଛ ଭାରତ ଗଠନରେ ସହାୟକ ହେବା। ମନେରଖିବା କଥା ଯେ ସ୍ୱାସ୍ଥ୍ୟ ହିଁ ଆମର ଶ୍ରେଷ୍ଠ ସଂପଦ।

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮**

# ପାରାଦୀପ ବନ୍ଦର ପକ୍ଷରୁ କ୍ୟାନସର୍ ଚିହ୍ନଟ ଶିବିର

ପାରାଦୀପ (ପିଏନ୍)-ପାରାଦୀପ ଲେଡିଜ୍ କ୍ଲବ୍, ପାରାଦୀପ ବନ୍ଦର ଚିକିତ୍ସାଳୟ, ଏଚ୍.ସି.ଜି. ପଣ୍ଡା କ୍ୟାନସର ହସପିଟାଲ୍ ଓ ଉତ୍କଳ ହେଲ୍‌ଥ କେୟାର ପ୍ରା.ଲି., ଭୁବନେଶ୍ୱରଙ୍କ ମିଳିତ ସହଯୋଗରେ ଏକ କ୍ୟାନସର ଚିହ୍ନଟ ଶିବିର ଆୟୋଜିତ ହୋଇଥିଲା। ପାରାଦୀପ ବନ୍ଦର ଚିକିତ୍ସାଳୟରେ ଆୟୋଜିତ ଏହି ଶିବିରକୁ ପାରାଦୀପ ଲେଡିଜ୍ କ୍ଲବର ସଭାନେତ୍ରୀ ପି. ଗିରିଜା ସୁନ୍ଦରୀ ଉଦ୍‌ଘାଟନ କରିଥିଲେ। ପାରାଦୀପ ବନ୍ଦରର ଅଧ୍ୟକ୍ଷ ପି.ଏଲ୍. ହରନାଦ୍, ଉପାଧ୍ୟକ୍ଷ ଏ.କେ.ବୋଷ୍, ଲେଡିଜ୍ କ୍ଲବ୍ ଉପାଧ୍ୟକ୍ଷା ସୁଚିସ୍ମିତା ବୋଷ୍‌ଙ୍କ ସମେତ ପାରାଦୀପ ବନ୍ଦରର ବରିଷ୍ଠ ଅଧିକାରୀ ଓ ଲେଡିଜ୍ କ୍ଲବ୍‌ର ସଦସ୍ୟାମାନେ ଏହି ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଥିଲେ। ପାରାଦୀପ ଅଂଚଳର ମହିଳାମାନଙ୍କର ଶରୀରରେ ଦେଖାଦେଉଥିବା ବିଭିନ୍ନ ଅନିୟମିତତା ସମ୍ପର୍କରେ ପରୀକ୍ଷା କରାଯିବା ସହିତ ତାର ପ୍ରତିକାର ସମ୍ପର୍କରେ ଚିକିତ୍ସକମାନେ ସଚେତନ କରିଥିଲେ। ଏହି ଶିବିରରେ ୭୧ ଜଣ ମହିଳାଙ୍କର ପରୀକ୍ଷା କରାଯିବା ସହିତ ୧୫ ଜଣ ମହିଳାଙ୍କର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ପଠାଯାଇଥିଲା। ଏହି ପରୀକ୍ଷାର ରିପୋର୍ଟ ଆସିବା ପରେ ସେମାନଙ୍କର ଚିକିତ୍ସା କିପରି ସହଜ ହେବ, ସେ ଦିଗରେ କାର୍ଯ୍ୟ କରିବାକୁ ବନ୍ଦର ଅଧ୍ୟକ୍ଷ ଲେଡିଜ୍ କ୍ଲବ୍‌ର କର୍ମକର୍ତା ମାନଙ୍କୁ ଅନୁରୋଧ କରିଥିଲେ। ପାରାଦୀପ ଲେଡିଜ୍ କ୍ଲବ୍ ସେହି ମହିଳାମାନଙ୍କୁ ଚିକିତ୍ସା ଦିଗରେ ସମସ୍ତ ସହଯୋଗ କରାଯିବ ବୋଲି ସଭାନେତ୍ରୀ ଶ୍ରୀମତୀ ଗିରିଜା ସୁନ୍ଦରୀ କହିଛନ୍ତି।

# ସାମ୍ବାଦିକଙ୍କ ସମସ୍ୟା ନେଇ ରାଜରାସ୍ତାରେ ଓଜେୟୁ ପକ୍ଷରୁ ଜାତୀୟ ପ୍ରେସ ଦିବସରେ ବିଶାଳ ଶୋଭାଯାତ୍ରା




ସମ୍ବଲପୁର (ପିଏନ୍): ଜାତୀୟ ପ୍ରେସ୍ ଦିବସ ଅବସରରେ ଗତ ବୁଧବାର ଓଡିଶା ସାମ୍ବାଦିକ ସଂଘ (ଓଜେୟୁ) ପକ୍ଷରୁ ସାମ୍ବାଦିକଙ୍କ ବିଭିନ୍ନ ହକ୍ ଅଧିକାର ନେଇ ଏକ ବିଶାଳ ଶୋଭାଯାତ୍ରା ରାଜଧାନୀ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟର ଗଣମାଧ୍ୟମ ଗୁଡିକରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ବହୁବିଧ ମୌଳିକ ସମସ୍ୟା ଗୁଡିକର ସମାଧାନ ପାଇଁ ଅନୁଷ୍ଠିତ ଏହି ବିକ୍ଷୋଭ ଶୋଭାଯାତ୍ରା ଭୁବନେଶ୍ୱର ମାଷ୍ଟର କ୍ୟାଂଟିନ ଛକରୁ ବାହାରି ଲୋୟର ପିଏମଜି ଛକ ପର୍ଯ୍ୟନ୍ତ ଯିବା ସହିତ ଧାରଣା ପ୍ରଦର୍ଶନ କରାଯାଇ ମହାମହିମ ରାଜ୍ୟପାଳ ପ୍ର. ଗଣେଶୀ ଲାଲ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ପ୍ରମୁଖ ଶାସନ ସଚିବ ସଂଜୟ ସିଂହ, ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ପ୍ରମୁଖଙ୍କ ସହିତ ପ୍ରତିନିଧି ମଣ୍ଡଳି ଯାଇ ଆଲୋଚନା କରିବା ସହ ଦାବୀପତ୍ର ପ୍ରଦାନ କରିଥିଲେ। ପ୍ରତିବାଦ ସଭାରେ ସଂଘର ସମ୍ବଲପୁର ଜିଲ୍ଲା ସଭାପତି ହିମାଂଶୁ ଶେଖର ମିଶ୍ର, ସାଧାରଣ ସମ୍ପାଦକ ସରୋଜ ସାହୁ, ବରିଷ୍ଠ ସଦସ୍ୟ ରମାକାନ୍ତ ବିଶ୍ୱାଳ ସାମ୍ବାଦିକ ମାନଙ୍କ ପ୍ରତି ସରକାରୀ ଉଦାସୀନତା ମନୋଭାବକୁ କଦାପି ବରଦାସ୍ତ କରାଯିବ ନାହିଁ ବୋଲି ମତ ପୋଷଣ କରିଥିଲେ। ସଂଘର ସମ୍ବଲପୁର ଜିଲ୍ଲାରୁ ବରିଷ୍ଠ ସଦସ୍ୟ ସାଧବ ପ୍ରଧାନ,ରବୀନ୍ଦ୍ର ପ୍ରଧାନ, ସନ୍ତୋଷ ସାହୁ, ପ୍ରଦୀପ ନାୟକ, ସଞ୍ଜୟ ପାଗଡ଼, ସୁବ୍ରତ ପାଢ଼ୀ, ବିରାଜ ମିଶ୍ର, ଦେବାଶିଷ ବେହେରା , ଆଦି ନନ୍ଦ,ମାନସ ସାହୁ, ସନ୍ଦୀପ ଶର୍ମା, ନନ୍ଦଲାଲ ବିଶ୍ୱାଳ, ଭିକାରି ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ ଓ ରାଜ୍ୟରେ ସ୍ୱତନ୍ତ୍ର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯିବା ସହ ଦୋଷୀମାନଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା, ସାମ୍ବାଦିକ ମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱାସ୍ଥ୍ୟ ବୀମା ରାଶି ବାର୍ଷିକ ୨ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା, ମୃତ୍ୟୁ କାଳୀନ ଆର୍ଥିକ ସହାୟତା ରାଶି ୪ଲକ୍ଷ ଟଙ୍କାରୁ ଅନ୍ୟୁନ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା ସହ ଟର୍ମ ଏଣ୍ଡ କଣ୍ଡିସନ ନ ରଖିବା, ସମ୍ବେଦନଶୀଳ ଘଟଣା ବା ସ୍ଥାନରେ କାର୍ଯ୍ୟ କରିବା ପାଇଁ ଆଦର୍ଶ ମାର୍ଗଦର୍ଶିକା କାର୍ଯ୍ୟାବଳୀ (ଏସଓପି) ପ୍ରଣୟନ କରି ସାମ୍ବାଦିକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବା, ଅବସର ପରେ ସାମ୍ବାଦିକ ମାନଙ୍କୁ ଅବସର କାଳୀନ ଭତା ପ୍ରଦାନ କରାଯିବା, ସରକାରଙ୍କ ଦ୍ୱାରା ଘୋଷିତ ସାମ୍ବାଦିକଙ୍କ ନିମନ୍ତେ ବ୍ୟାଙ୍କ ଋଣ ପ୍ରଦାନ ଜନୀତ ବିଧି ବ୍ୟବସ୍ଥାର ସରଳିକରଣ କରିବା ଆଦି ଦାବି କରାଯାଇଛି। ସଂଘର ରାଜ୍ୟ ସଭାପତି ଶଶୀ ଭୂଷଣ ପ୍ରହରାଜ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ କେ. ଶ୍ରୀନିବାସ ରାଓ, ଉପ ସଭାପତି ସୁଶାନ୍ତ ମହାପାତ୍ର, ଦୀପକ କୁମାର ନାୟକ, ରମଣୀ ରଞ୍ଜନ ଦାସ, ବିଜୟ ଲକ୍ଷ୍ମୀ ମହାକୁଡ଼, ସଙ୍ଗଠନ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା, ରାଜ କିଶୋର ତ୍ରିପାଠୀ, ବାଙ୍କବିହାରୀ ବିଶୋୟୀ, ଅରୁଣ କୁମାର ଷଡ଼ଙ୍ଗୀଙ୍କ ସମେତ ସମସ୍ତ ଜିଲ୍ଲାର ସଭାପତି/ସମ୍ପାଦକ ତଥା ସାମ୍ବାଦିକମାନେ ଯୋଗଦାନ କରିଥିଲେ।

## ଶତାୟୁ ମହିଳାଙ୍କ ଦେହାନ୍ତ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ କୁମାରୀ ଗ୍ରାମରେ ରହୁଥିବା ସ୍ୱର୍ଗତ ଫକୀର ଚରଣ ସାହୁଙ୍କ ପତ୍ନୀ ପାଲୁଣୀ ସାହୁ(୧୦୫)ଙ୍କର ଦେହାନ୍ତ ହୋଇଯାଇଛି। କିଛିଦିନ ହେଲା ସେ ଅସୁସ୍ଥ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ନାତି ବାସୁଦେବ, ଦଶରଥ, କାଶିନାଥ, ଋଷିନାଥ, ନାତୁଣୀ କା□ନ, ଲୋଚନି, ନାତୁଣି ବୋହୂ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଖବରପାଇ ଯାଜପୁରର ପୂର୍ବତନ ସାଂସଦ ରୀତା ତରାଇ, ବ୍ୟବସାୟୀ ନକୁଳ ଚନ୍ଦ୍ର ସାହାଣି, ଜଳଧର ସାହୁ, ଜାରକାର ପୂର୍ବତନ ସରପ□ ପୂର୍ଣ୍ଣଚନ୍ଦ୍ର ଶତପଥୀ, ବିଜେଡ଼ି ନେତା ସଂଗ୍ରାମ କେଶରୀ ଜେନା, କଳ୍ପତରୁ ସାହୁ, ଅଧ୍ୟାପକ ଅମୂଲ୍ୟ କୁମାର ପତି, ସାମ୍ବାଦିକ ମାନସ ରଂଜନ ଜେନା, ଅବିନେଶ୍ୱର ଶତପଥୀ, ଅଖିଳ କୁମାର ସ୍ୱାଇଁ, ଅକ୍ଷୟ କୁମାର ରାଉତଙ୍କ ସମେତ ବହୁ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରିଥିଲେ। ପରେ ତାଙ୍କ ମରଶରୀରକୁ ରସୁଲପୁର ବ୍ଲକ ଅର୍ତିଆକୁସୁନପୁର ଗ୍ରାମକୁ ନିଆଯାଇ ଶେଷକୃତ୍ୟ କରାଯାଇ ଥିଲା। ସାନ ପୁତୁରା ବିନୋଦ ମୁଖାଗ୍ନି ଦେଇଥିଲେ।

## କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମରେ ଶିଶୁ ଦିବସ ପାଳିତ



କୋଣାର୍କ (ପିଏନ୍)- ନଭେମ୍ବର ୧୪ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଜନ୍ମ ଦିବସକୁ ଶିଶୁ ଦିବସ ରୂପେ ସମଗ୍ର ଦେଶରେ ପାଳନ କରାଯାଇଛି। ଏହି ଅବସରରେ କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଶିଶୁ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଶିକ୍ଷାଶ୍ରମର ଛାତ୍ରଛାତ୍ରୀ ଓ ଗୁରୁଜୀ ଓ ଗୁରୁମାମାନେ ପଣ୍ଡିତ ନେହେରୁଙ୍କ ଫଟୋ ଚିତ୍ରରେ ମାଲ୍ୟଅର୍ପଣ କରିଥିଲେ। ଶୋଭନୀୟ ଶିକ୍ଷାଶ୍ରମର ଅଧକ୍ଷା ବିଦୁଲତା ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଥିଲା ଏକ ସଚେତନ ଧର୍ମୀ ବୈଠକ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବାନରସେନାର ସମ୍ପାଦକ ତଥା ଗୋପ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରକାଶଚନ୍ଦ୍ର ଖଟୋଇ ଓ ସମାଜସେବୀ ହରିଶ୍ଚନ୍ଦ୍ର ଦାଶ ପ୍ରମୁଖ ଯୋଗ ଦେଇ ନେହେରୁଙ୍କ ଜୀବନାଦର୍ଶ ସମ୍ପର୍କରେ ଶିଶୁମାନଙ୍କୁ ଅବଗତ କରାଇଥିଲେ। ଶିଶୁ ଦିବସ ସମ୍ପର୍କରେ ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରଛାତ୍ରୀମାନେ ପ୍ରଭାବଶାଳୀ ଭାଷଣ ଦେଇଥିବା ବେଳେ ଆସ ସବୁ ଶିଶୁମାନେ ନୂଆ ଯୁଗ ଗଢିବା....ଗୀତ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସଚେତନଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶୋଭନୀୟ ଶିକ୍ଷାଶ୍ରମର ଗୁରୁଜୀ ପବିତ୍ରମୋହନ ମିଶ୍ର, ଗୁରୁମାମାନେ ମନୋରାମା ମିଶ୍ର, ଗୀତାଞ୍ଜଳି ସାହୁ, ସୁମତୀ ମଲ୍ଲିକ ଓ ଲିପସା ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ। ଏତଦବ୍ୟତିତ ଭେଙ୍କେଟେଶ୍ୱର ସ୍କୁଲ, ଆଶ୍ରମ ସ୍କୁଲ, ସରସ୍ୱତୀ ଶିଶୁମନ୍ଦିର, ସରସ୍ୱତୀ ବିଦ୍ୟାମନ୍ଦିର, ଜବାହାର ନବୋଦୟ ବିଦ୍ୟାଳୟ, ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ସରକାରୀ ଉଚ୍ଚ ବିଦ୍ୟାଳୟ, କୋଣାର୍କ ଉଚ୍ଚ ବିଦ୍ୟାଳୟ ଓ ଦାମୋଦର ଉଚ୍ଚ ବାଳିକା ବିଦ୍ୟାଳୟ ସମେତ କୋଣାର୍କ ନିକଟସ୍ଥ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠରେ ମଧ ଛାତ୍ରଛାତ୍ରୀମାନେ ଶିଶୁ ଦିବସକୁ ଧୁମଧାମରେ ପାଳନ କରିବା ସହ ନିଜ ନିଜ ବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଭେଙ୍କଟେଶ୍ୱର ସ୍କୁଲରେ ଶିଶୁ ଦିବସ ପାଳିତ

କୋଣାର୍କ (ପିଏନ୍)-କୋଣାର୍କ ସ୍ଥିତ ଭେଙ୍କଟେଶ୍ୱର ସ୍କୁଲରେ ଶୋଭନୀୟ ଶିଶୁ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ନଭେମ୍ବର ୧୪ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଜନ୍ମ ଦିବସକୁ ଶିଶୁ ଦିବସ ରୂପେ ସମଗ୍ର ଦେଶରେ ପାଳନ କରାଯାଇଛି। ଏହି ଅବସରରେ ଭେଙ୍କଟେଶ୍ୱର ସ୍କୁଲର ଛାତ୍ରଛାତ୍ରୀ ଓ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ପଣ୍ଡିତ ନେହେରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଭେଙ୍କଟେଶ୍ୱର ସ୍କୁଲର ପ୍ରତିଷ୍ଠାତା ଗୁଣନିଧି ମୁଦୁଲିଙ୍କ ଅଧକ୍ଷତାରେ ଆୟୋଜିତ ହୋଇଥିଲା ସଚେତନଧର୍ମୀ ଶିଶୁ ଦିବସ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୋଣାର୍କ ଭଗବତୀ ମହାବିଦ୍ୟାଳୟର



ଅଧ୍ୟାପକ ଲେଫ୍ଟନାଣ୍ଟ ବିନୟଭୂଷଣ ମହାନ୍ତି, ଭେଙ୍କଟେଶ୍ୱର ସ୍କୁଲର ପରିଚାଳନା ନିର୍ଦ୍ଦେଶକ ମାନସ କୁମାର ମୁଦୁଲି, ଅଧକ୍ଷ ପ୍ରସାଦ ରଞ୍ଜନ ପାତ୍ର ପ୍ରମୁଖ ଯୋଗଦେଇ ନେହେରୁଙ୍କ ଜୀବନାଦର୍ଶ ସମ୍ପର୍କରେ ଶିଶୁମାନଙ୍କୁ ଅବଗତ କରାଇବା ସହ ସାଂସ୍କୃତିକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିଶୁ ଦିବସ ସମ୍ପର୍କରେ ଭେଙ୍କଟେଶ୍ୱର ସ୍କୁଲର ଛାତ୍ରଛାତ୍ରୀମାନେ ରଙ୍ଗୋଲି, ସଂଗୀତ, ନୃତ୍ୟ, କୌତୁକ ପୋଷାକ, ବିନା ଇନ୍ଧନରେ ଖାଦ୍ୟ ପ୍ରସ୍ତୁତି, ନୃତ୍ୟ ମାଧମରେ ରାଇମି, ନୃତ୍ୟାଭିନୟ, ସାଧାରଣ ଜ୍ଞାନ ଓ ଭାଷଣ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଭେଙ୍କଟେଶ୍ୱର ସ୍କୁଲର ଶିକ୍ଷୟିତ୍ରୀ ବିସ୍ମିତା ମହାପାତ୍ର, ସଙ୍ଘମିତ୍ରା ତ୍ରିପାଠୀ, ଗୀତାଞ୍ଜଳି ମହାରଣା, ଲକ୍ଷ୍ମୀପ୍ରିୟା ମହାପାତ୍ର, ବର୍ଷାରାଣୀ ଜେନା, ପ୍ରେମଶଙ୍କର ପୂଜାରୀ, ସଂଗୀତା ଦାସ, ଶ୍ରଦ୍ଧାଞ୍ଜଳୀ ଜେନା, ରାଜଶ୍ରୀ ଜେନା, ଶ୍ୱେତାରାଣୀ ବସ୍ତିଆ, ତପସ୍ୱିନୀ ଦାସ, ମୌସୁମୀ ରାଉତରା, ଶ୍ରଦ୍ଧା ସୋନାଲି ସାହୁ, ଲିପ୍ସା ସାହୁ, ସୂର୍ଯ୍ୟରଞ୍ଜନ ରଥ, ନିଳିମା ଶତପଥୀ, ସସ୍ମିତା ଖଟୋଇ, ଅନୁପମା କର, ଶୁଭଶ୍ରୀ ମହାନ୍ତି, ଶ୍ରଦ୍ଧାଞ୍ଜଳୀ ଭୂୟାଁ, ବିନୟ କୁମାର ମହାପାତ୍ର, ସୁଦିପ ଦାସ, ଅମିୟ ବାରିକ ଓ ଲିନା ବେହେରା ପ୍ରମୁଖ ଶିକ୍ଷକ ଓ ଶିକ୍ଷୟିତ୍ରୀ-ମାନେ ପରିଚାଳନା କରିଥିଲେ।

## ସ୍ମରଣିକା ଶ୍ରଦ୍ଧାସୁମନ ଉନ୍ମୋଚିତ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ମହିସରା ପ□ାୟତ ବରଡ଼ା ଛକରେ ସମବାୟବିତ୍ ସ୍ୱର୍ଗତଃ କାଶୀନାଥ ସାମଲଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରକାଶିତ ଶ୍ରଦ୍ଧାସୁମନ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବରିଷ୍ଠ ସାମ୍ବାଦିକ ବିଶ୍ୱନାଥ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଂଜଳି ସଭାରେ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ରାଉତ, ଉତ୍କଳ ସାମ୍ବାଦିକ ସଂଘ ସମ୍ପାଦକ ବେଣୁଧର ପଣ୍ଡା, ଅଧ୍ୟାପକ ଭୁବନାନନ୍ଦ ନାୟକ, ସଙ୍ଗୀତ ନିର୍ଦ୍ଦେଶକ ବିପିନବିହାରୀ ସ୍ୱାଇଁ, ସାମ୍ବାଦିକ ବିଶ୍ୱନାଥ ପଣ୍ଡା ଓ ବସନ୍ତ କୁମାର ନାୟକ ଯୋଗଦେଇ କୃଷକମାନଙ୍କୁ ମହାଜନ କବଳରୁ ରକ୍ଷାକରିବାକୁ ଓଡିଶାରେ ଆରମ୍ଭ ହୋଇଥିବା ସମବାୟ ଆନ୍ଦୋଳନରେ ସ୍ୱର୍ଗତଃ ସାମଲଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ସମାଜସେବୀ ଆଶାତରୁ ନାୟକ, ଅଶୋକ ରାଉତ, ଆଇନଜୀବୀ ଉମେଶ ଲେଙ୍କା, ସଂଯୁକ୍ତା ନାୟକ, ଯୁଧିଷ୍ଠିର ରାଉତ, ରାଜେନ୍ଦ୍ର ପ୍ରଧାନ, ରଂଜନ କୁମାର ଜେନା ଓ ଅଧ୍ୟାପିକା ସବିତା ନାୟକ ସ୍ୱର୍ଗତଃ ସାମଲଙ୍କ ସ୍ମୃତିଚାରଣ କରିଥିଲେ। ଲିତୁନ ଭଳ ଧନ୍ୟବାଦ ଦେଇଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ନର୍ଲା ବିଧାନସଭା ମଣ୍ଡଳୀର ୪ ଟି ବ୍ଲକ୍ ର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଧାୟକଙ୍କ ସମୀକ୍ଷା ବୈଠକ

ଭବାନୀପାଟଣା, (ପି.ଏନ): ସ୍ଥାନୀୟ ପ୍ଲାନିଂ ଡି.ପି.ଏମ.ୟୁ, କଳାହାଣ୍ଡି ସମ୍ମିଳନୀ କକ୍ଷରେ ନର୍ଲା ବିଧାୟକ ଭୂପିନ୍ଦର ସିଂଙ୍କ ଅଧ୍ୟକ୍ଷତାରେ ନର୍ଲା ବିଧାନସଭା କ୍ଷେତ୍ରର କେସିଙ୍ଗା, ନର୍ଲା, କର୍ଲାମୁଣ୍ଡା ଓ ଏମ.ରାମପୁର ର ସମସ୍ତ ବି.ଡି.ଓ, ତହସିଲଦାର, ସିଡ଼ିପିଓ, ଯନ୍ତ୍ରୀ, ଜିଲ୍ଲା ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡି, ଆରକ୍ଷୀ ଅଧିକ୍ଷକ ଅଭିଲାଷ ଜି, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ବିଜୟ କୁମାର ନନ୍ଦ ପ୍ରମୁଖ ମଂଚାସିନ ଥିଲେ । ନର୍ଲା ବିଧାନସଭା କ୍ଷେତ୍ରର ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ ସ୍କିମ ଉପରେ ପ୍ରଶ୍ନ କରି ମତାମତ ଲୋଡ଼ି ସମସ୍ୟାର ସମାଧାନ ନିମନ୍ତେ ଶୀଘ୍ର ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ବିଧାୟକ ଶ୍ରୀ ସିଂ ମୁଖ୍ୟତଃ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ , ବିଦ୍ୟୁତିକରଣ, ସାମାଜିକ ସୁରକ୍ଷା, ଅବକାରୀ, ଜଙ୍ଗଲ, ରେଭିନ୍ୟୁ, ପୋଲିସ୍ ଉପରେ ସଂପୃକ୍ତ ଅଧିକାରୀଙ୍କୁ ନିଜ ବିଧାନସଭା କ୍ଷେତ୍ରର ବିଭିନ୍ନ ସମସ୍ୟା ଉପରେ ଉତର ଲୋଡ଼ିଥିଲେ । ସେ ନର୍ଲାରେ ବସଷ୍ଟାଣ୍ଡ ନିର୍ମାଣ, ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ନର୍ସ ଓ ଟେକ୍ନିକାଲ ପଦବୀପୂରଣ, ବୁଢ଼ିପଦର, ସାଙ୍କୁସ, ମୋହନଗିରିରେ ଧବଳେଶ୍ୱର ମନ୍ଦିରକୁ ନେଇ ପର୍ଯ୍ୟଟନର ବିକାଶ, ନିର୍ମାଣ ଶ୍ରମିକଙ୍କ ସମସ୍ୟାର ସମାଧାନ, ବିଭିନ୍ନ ଅଂଚଳରେ ବିଦ୍ୟାଳୟ ଓ ଘରୋଇ ବାସଗୃହ ଉପରେ ଯାଇଥିବା ବିଦ୍ୟୁତ୍ ଲାଇନ୍ ର ଅପସାରଣ ଓ ଇନସୁଲେଟର ପ୍ରୟୋଗ, ଛତିଗୁଡ଼ା ଠାରେ ୩୩ କେଭି ବିଦ୍ୟୁତ୍ ସବଷ୍ଟେସନ୍ ସ୍ଥାପନ, ଉର୍ଲାଦାନୀ ଠାରେ ସହିଦ୍ ରେଣ୍ଡୋ ମାଝୀଙ୍କ ଜନ୍ମସ୍ଥଳୀର ବିକାଶ, ବିଭିନ୍ନ ଅଂଚଳରେ ରାସ୍ତା ଓ ଗମନାଗମନର ସୁବିଧା ଉପରେ ଗୁରୁତ୍ୱ ଦେଇ ଶୀଘ୍ର ପଦକ୍ଷେପ ନେବାକୁ ବିଭାଗୀୟ କର୍ତ୍ତୁପକ୍ଷଙ୍କୁ କହିଥିଲେ । ବର୍ତମାନ ବିଶ୍ୱକପ୍ ହକି ଅବସରରେ ପ୍ରତ୍ୟେକ ଗ୍ରାମ ପଂଚାୟତରେ ସ୍ଥାନୀୟ କ୍ରୀଡାକୁ ପ୍ରୋତ୍ସାହନ ପାଇଁ ମିନି ଷ୍ଟାଡିୟମ ନିର୍ମାଣ ଏବଂ ଏଥିପାଇଁ ତହସିଲଦାର ଖେଳ ପଡିଆକୁ ଚିହ୍ନଟ କରନ୍ତୁ ବୋଲି କହିଥିଲେ ।ଏହି ବୈଠକ ତିନୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ସିଏସଓ, ଏସ୍ ଇ ( ଆର୍ ଏଣ୍ଡ ବି ) , ଇ. ଇ , ( ଆର୍. ଡି ) , ଇ .ଇ ( ଏମ ଆଇ ) , ଇ. ଇ ରେତ, ଏସ୍. ଇ (ଇରି ଗେସନ୍), ଏସ.ଇ.(ଟି ପି ଡ଼ ବ୍ଲୁ ଡି ଏଲ୍), ଆର୍.ଟି.ଓ, ଅବକାରୀ ସି.ଡି.ପି.ଓ, ସି.ଡି.ଏ.ଓ, ଡି.ଡି.ଏଚ, ଡି.ଆଇ.ପି.ଆର୍.ଓ, ଡି.ଇ.ଓ, ଡି.ଏସ.ଏସ.ଓ, ସି.ଡି.ଏମ୍.ଓ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟ ଖାଦ୍ୟ କମିଶନରଙ୍କ ଖୋର୍ଦ୍ଧା ଗସ୍ତ, ବିଭିନ୍ନ ଯୋଜନାର ସମୀକ୍ଷା ଓ କ୍ଷେତ୍ରୀୟ ପରିଦର୍ଶନ

ଖୋର୍ଦ୍ଧା, (ପି.ଏନ): ରାଜ୍ୟ ଖାଦ୍ୟ କମିଶନର ପ୍ରମୋଦ କୁମାର ମେର୍କପ ଖୋର୍ଦ୍ଧା ଜିଲ୍ଲା ଗସ୍ତ କରି ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ବିଭିନ୍ନ ସରକାରୀ ସାମାଜିକ ଯୋଜନାର ସମୀକ୍ଷା କରିଛନ୍ତି । ଏନେଇ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତୀ, ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଖାଦ୍ୟ କମିଶନ ସଦସ୍ୟ ସଚିବ ଶିବାନୀ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ. ଆର୍ତବନ୍ଧୁ ନାୟକ, ଖୋର୍ଦ୍ଧା ବିଡିଓ କ୍ଷୀରାବ୍ଧି ତନୟା ସାହୁ, ଜିଲ୍ଲା ଯୋଗାଣ ଅଧିକାରୀ ସୁଗଡା ମୁର୍ମୁ, ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାରେ ସାଧାରଣ ବଂଟନ ବ୍ୟବସ୍ଥାକୁ ଦୃଢ କରିବା, ପେନସନ ଯୋଜନାରେ ଯୋଗ୍ୟ ହିତାଧିକାରୀ ମାନଙ୍କୁ ସାମିଲ କରିବା ଉପରେ ଗୁରୁତ୍ୱ ଦେବାକୁ କମିଶନର ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି । ସେହିଭଳି ଜିଲ୍ଲାରେ ଗର୍ଭବତୀ ଓ ପ୍ରସୂତି ମା ମାନଙ୍କ ତଥ୍ୟ ରଖି ସେମାନଙ୍କ ସ୍ୱାସ୍ଥ୍ୟ ସଂପର୍କରେ ଖବର ନେବାକୁ ଆଶା ଓ ଅଙ୍ଗନୱାଡି କର୍ମୀ ମାନଙ୍କୁ ଦାୟିତ୍ୱ ଦେବାକୁ ଅଧିକାରୀ ମାନଙ୍କୁ କୁହାଯାଇଛି । ଅନ୍ୟପକ୍ଷରେ ବିଭିନ୍ନ ସରକାରୀ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନର ମାନ ଉପରେ ନଜର ରଖିବାକୁ ସେ ପରାମର୍ଶ ଦେଇଛନ୍ତି ।ଏହାପରେ ବିଜେବି ହାଇସ୍କୁଲର ପୂର୍ବତନ ଛାତ୍ର ମାନଙ୍କ ସହ ବୈଠକ କରି ମୋ ସ୍କୁଲ ଅଭିଯାନ ସଂପର୍କରେ ସେ ଆଲୋଚନା କରିଛନ୍ତି । ପରେ ଶ୍ରୀ ମେର୍କପ ଖୋର୍ଦ୍ଧା ପୌରପାଳିକାର ବିଭିନ୍ନ ସାଧାରଣ ବଣ୍ଟନ ଖୁଚୁରା କେନ୍ଦ୍ରକୁ ଅଚାନକ ଗସ୍ତ କରିବା ସହ ପଲ୍ଲା-୨ ଅଙ୍ଗନୱାଡି କେନ୍ଦ୍ର, ମଳିପଡା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଖାଦ୍ୟ ମାନ ଯାଂଚ୍, ଗୋଡିପଡା ଗ୍ରାମପଂଚାୟତ ସ୍ତରୀୟ ସ୍ୱୟଂ ସହାୟକ ଗୋଷ୍ଠୀ ସଂଘର ସାମଗ୍ରୀ ଉତ୍ପାଦ କେନ୍ଦ୍ର ଆଦି ବୁଲି ଦେଖି ଖୁସି ବ୍ୟକ୍ତ କରିଛନ୍ତି ।

## ବିଏମସି ପକ୍ଷରୁ ଆସନ୍ତାକାଲି ଠାରୁ ବସ୍ତି ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ଯାଂଚ୍ ପ୍ରକ୍ରିୟା ଆରମ୍ଭ

ଗଞ୍ଜାମ, (ପି.ଏନ): ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ବସ୍ତି ଅଂଚଳର ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ସମ୍ପ୍ରତି ବସ୍ତି ବାସିନ୍ଦାଙ୍କ ଉତମ ସ୍ୱାସ୍ଥ୍ୟକୁ ନେଇ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହୋଇଛି । ବିଏମସି ଅଂଚଳରେ ଥିବା ୧୬୩ ଟି ବସ୍ତି ଅଂଚଳର ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ଯାଂଚ୍ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଆସନ୍ତାକାଲି ଠାରୁ ସ୍ୱାସ୍ଥ୍ୟ ଯାଂଚ୍ ସହ ତଥ୍ୟ ସଂଗ୍ରହ କରିବା ନେଇ ନିଷ୍ପତି ନିଆଯାଇଛି । ପ୍ରଥମ ପର୍ଯ୍ୟାୟରେ ଆଇନାବନ୍ଧ ସାହିରୁ ଏହି କାର୍ଯ୍ୟର ଶୁଭାରମ୍ଭ କରାଯିବ । ଆସନ୍ତା ସୋମବାର ଦିନ ଅନ୍ୟ ୧୦ଟି ୱାର୍ଡ଼ରେ ଥିବା ବସ୍ତି ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ଯାଂଚ୍ ଏବଂ ତଥ୍ୟ ସଂଗ୍ରହ କରାଯିବ । ସ୍ୱାସ୍ଥ୍ୟ ଯାଂଚ୍ କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏହାର ରିପୋର୍ଟ ପ୍ରଦାନ କରାଯିବ । ପ୍ରତ୍ୟେକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ତ ତଥ୍ୟ ସ୍ୱାସ୍ଥ୍ୟ ପ୍ରଶାସନ ନିକଟରେ ରହିବ । ଡିଜିଟାଲ ଡାଇଗ୍ନୋଷ୍ଟିକ ଡିଭାଇସ୍ ୱିଥ ମୋବାଇଲ ଆପ୍ଲିକେସନ ଜରିଆରେ ସ୍ୱାସ୍ଥ୍ୟ ଯାଂଚ୍ ଓ ପରୀକ୍ଷା କରାଯିବ । ଏଥିପାଇଁ ମହାନଗର ନିଗମ ପକ୍ଷରୁ ୧୯ଟି ଅତ୍ୟାଧୁନିକ ଯନ୍ତ୍ରପାତି ଅଣାଯାଇଛି । ଏଥିରେ ୧୨ ପ୍ରକାର ରୋଗର ନିଦାନ ଯାଂଚ୍ ସମ୍ବଳିତ ପରୀକ୍ଷା ହୋଇପାରିବ । ଜାତୀୟ ସ୍ୱାସ୍ଥ୍ୟ ମିଶନ, ବିଏମସି ଓ ସି.ଏସ.ଆର. ପାଣ୍ଠିରୁ ୭୬ ଲକ୍ଷ ଟଙ୍କା ବ୍ୟୟବରାଦ ହେବ ବୋଲି ନିଗମ ପକ୍ଷରୁ ଜଣାପଡିଛି । ସ୍ୱାସ୍ଥ୍ୟ ଯାଂଚ୍ ନିମନ୍ତେ ୧୯ଟି ଟିମ୍ ଗଠନ କରାଯାଇଥିବା ବେଳେ ଏଥିପାଇଁ ୧୯ଟି ମେସିନ୍ ମଧ ଏନ.ଏଚ.ୟୁ.ଏମ. ଦେଇଛି ।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ । ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ । ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି । ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ । ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ ହାସଲ କରୁଛୁ । ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ । ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫରମାନ ଘୋଷଣା କରିଛି । ଏହି ଅଫରଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି । ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି । ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ ଘୋଷଣା କରାଯାଇଛି । ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି । ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି । ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି । ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି । ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ । ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି ।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍‍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍‍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍‍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଧିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍‍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍‍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଧିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଳହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି । ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ । ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା । ଲୁକ୍, ପ୍ରଦର୍ଶନ ଏବଂ ଚଳାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା । ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା । ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା । ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି । ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି । ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ । ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି । ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସ୍‌ୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି । ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା । ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି । ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି ।''

# କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହଞ୍ଚିଛି । ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି । ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି । ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କର୍ଣ୍ଣିପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାତୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଳିଆମେଣ୍ଟାରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢେ଼ଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢେ଼ଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ , କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ,୧୨ନଂ ୱାର୍ଡରୁ ଜଣେ,୧୩ନଂ ୱାର୍ଡରୁ ୨ଜଣ,୧୭ନଂ ୱାର୍ଡରୁ ଜଣେ,୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୂଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି ।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି । ନୂତନ ଲିଜ୍ ପାଇଥିବା କାସ୍‌ଭି ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା । ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକର୍ତ୍ତା ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି । ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପଷ ବୁଝାମଣାରେ ନିଷ୍ପତି ନିଆଯିବ ।

# କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ଉପ ସଭାପତି ହେଲେ ଦୁରୁପୁତା ଭତ୍ରା ଭତ୍ରା

ଜୟପୁର, (ପି.ଏନ): କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ଉପ ସଭାପତି ହେଲେ ଦୁରୁପୁତା ଭତ୍ରା । ୧୫ଟି ନିଦ୍ଦେଷକ ପଦବୀ ମଧ୍ୟରୁ ୧୪ଟି ବିଜେଡି ସମର୍ଥିତ ପ୍ରାର୍ଥି ନିଦ୍ଦେଷକରେ ବିଜୟ ହୋଇଥିବା ବେଳେ ଜଣେ କଂଗ୍ରେସ ସମର୍ଥିତ ପ୍ରାର୍ଥିନି ନିଦ୍ଦେଷକ ପଦବୀ ରେ ବିଜୟ ହୋଇଥିଲେ । ବିଜେଡିର ବହୁ ଆଶାୟି ରହଥିଲେ । କିନ୍ତୁ ଦଳିୟ ନିଷ୍ପତି କ୍ରମେ ଦୁରୁପୁତା ଭତ୍ରା ଆଜି ଉପ ସଭାପତି ପଦ ପାଇ ନାମାଙ୍କନ ପତ୍ର ଦାଖଲ କରିଥିଲେ । ତେଣୁ ଏକ ମାତ୍ର ପ୍ରାର୍ଥି ଭାବେ ଦୁରୁପୁତା ଭତ୍ରା ନାମାଙ୍କନ ପତ୍ର ଦାଖଲ କରିଥିଲେ ଓ ନିଦ୍ୱନ୍ଦରେ ନିବାଚିତ ହୋଇଥିବା ନିବାଚନ ଅଧିକାରି ତଥା ଜୟପୁର ଉପ ଜିଲାପାଳ ବେଦ ବର ପ୍ରଧାନ ଗଣ ମାଧମକୁ ସୁଚନା ଦେଇଛନ୍ତି । ନାମାଙ୍କନ ପତ୍ର ଦାଖଲ ସମୟରେ ବ୍ୟାଙ୍କର ସଭାପତି ଇଶ୍ୱର ଚନ୍ଦ୍ର ପାଣିଗ୍ରାହୀ, କୋଟପାଡ ବିଧାୟକ ପଦ୍ମିନି ଦିଆନ, ରମା କାନ୍ତ ରାଉଳ, ଇନ୍ଦିରା ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଉପ ସଭାପତି ଭାବେ ଦ୍ରୌପଦ ଭତ୍ରା ବିଜୟ ହେବା ପରେ କେସିସି ବ୍ୟାଙ୍କ ଏମପ୍ଲୋଇଜ ଆସୋସିଏସନର ସଭାପତି ଦିଗାମ୍ବର ନାୟକ, ସାଧାରଣ ସମ୍ପାଦକ ଅରୁଣ କୁମାର ସାହୁ, କାଯ୍ୟକାରି ସଭାପତି ବିଦ୍ୟାଧର ପ୍ରଧାନ, ଉପ ସଭାପତି ଅଶୋକ କୁମାର ରଥ, କୋଷାଧକ୍ଷ ଗୋଲକ ବିହାରି ପାଇକରାୟ, ସମ୍ପାଦକ ମନୋଜ କୁମାର ଦାସ, ଅତ୍ୟୁଲ କୁମାର ମଲ୍ଲିକ୍, ଲଛମନ ଦାସ ପ୍ରମୁଖ ସ୍ୱାଗତ କରିଥିଲେ ।

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି । ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ରଙ୍ଝଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିମ୍ପସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ । ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି । ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି । ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଌକ୍ତଙ୍କକ୍ଟସ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର । ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଋହୁଛୁ । ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି । ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ

ଜରିଆରେ ବଜାରକୁ ଅଧିକ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢାଇବାକୁ ଆଶା ରଖିଛୁ । ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ ପ୍ରଦାନ କରାଯାଉଛି ।

# ଖେଳ




ପର୍ଯ୍ୟବେକ୍ଷକ
PARYABEKHYAK






## ପାରାଦୀପ ଡିଏଭି ସ୍କୁଲରେ ବିପର୍ଯ୍ୟୟ ପରିଚାଳନା ତାଲିମ କାର୍ଯ୍ୟକ୍ରମ



ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ)ର ସିଆଇଏସଏଫ ଫାୟାର ୱିଙ୍ଗର ଅଭିଜ୍ଞ ପ୍ରଶିକ୍ଷକ ମାନଙ୍କ ଦ୍ୱାରା ପାରାଦୀପ ଡିଏଭି ପବ୍ଲିକ ସ୍କୁଲ ପରିସରରେ ବିପର୍ଯ୍ୟୟ ପରିଚାଳନା ଉପରେ ଏକ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍କୁଲର ଅଧକ୍ଷା ବିନ୍ଦୁଶ୍ରୀ ମହାଁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଏଥିରେ ସମୁଦାୟ ୩୪୭ ଛାତ୍ର ଅଂଶଗ୍ରହଣ କରିଥିଲେ । ଏହି ତାଲିମ ଅବସରରେ ବିଭିନ୍ନ ପ୍ରକାରର ମନୁଷ୍ୟକୃତ ବିପର୍ଯ୍ୟୟ, ପ୍ରାକୃତିକ ବିପର୍ଯ୍ୟୟ, ବିପର୍ଯ୍ୟୟ ପରିଚାଳନା କୌଶଳ, ପୂର୍ବ ଏବଂ ପରବର୍ତୀ ବିର୍ପ୍ୟୟ ପ୍ରସ୍ତୁତି, ବିପର୍ଯ୍ୟୟ ପ୍ରଶମନ ପଦକ୍ଷେପ, ସନ୍ଧାନ ଏବଂ ଉଦ୍ଧାର କୌଶଳ ଉପରେ ଆଲୋଚନା ସହ ପ୍ରଣାଳୀ ପ୍ରଦର୍ଶିତ ହୋଇଥିଲା । ସମସ୍ତ ଛାତ୍ରମାନେ ଉତ୍ସାହ ସହିତ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ କମ୍ପାନୀ କମାଣ୍ଡର ସିଆଇଏସଏଫ ଫାୟାର ୱିଙ୍ଗ ଭାସ୍କର ଦାସ ପରିଚାଳନା କରିଥିଲେ ଏବଂ ଅଗ୍ନି ନିରାକରଣ ଦଳ ନେତୃତ୍ୱରେ ଅଗ୍ନି ନିରାକରଣ ଇନ୍ସପେକ୍ଟର ଏସ.କେ.ସିଂଙ୍କ ଦ୍ୱାରା ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଥିଲା ।

## ସରକାରୀ ଆଇ.ଟି.ଆଇ ପାରାଦୀପ ଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

ପାରାଦୀପ,(ପି.ଏନ); ପାରାଦୀପ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ(ଆଇ.ଟି.ଆଇ) ପରିସରରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ନିୟୋଜନ ବିଭାଗ ଆନୁକୁଲ୍ୟରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ଡଃ. କାହ୍ନୁ ଚରଣ ଧୀରଙ୍କ ଦ୍ୱାରା ଶନିବାର ଦିନ ଉଦଘାଟିତ ହୋଇଯାଇଛି । ଏହି ନିଯୁକ୍ତି ମେଳାରେ ୧୧୦୨ ଜଣ ଯୁବକ ଓ ଯୁବତୀ ବିଭିନ୍ନ ନିଯୁକ୍ତି ଦାତା ମାନଙ୍କ ପାଖରେ ଆବେଦନ କରିଛନ୍ତି । ଜଗତସିଂହପୁର ଜିଲ୍ଲାର ଆଠଟି ବ୍ଲକର ପିଲାମାନେ ଏହି ମେଳାରେ ଅଂଶଗ୍ରହଣ କରିଥିବା ବେଳେ କେନ୍ଦ୍ରାପଡା, ଯାଜପୁର ଓ ପୁରୀ ଜିଲ୍ଲାର ପ୍ରାର୍ଥୀମାନେ ଆବେଦନ କରିଛନ୍ତି । ଏହି ନିଯୁକ୍ତି ମେଳାରେ ୨୧ଟି ନିଯୁକ୍ତିଦାତା ଓ ୧୦ଟି ପ୍ରଶିକ୍ଷଣ ସଂସ୍ଥା ଯୋଗ ଦେଇ ପ୍ରାର୍ଥୀମାନଙ୍କ ଠାରୁ ଆବେଦନ ଗ୍ରହଣ କରିଥିଲେ । ଜିଲ୍ଲା ନିୟୋଜନ ଅଧିକାରିଣୀ ଅର୍ପିତା ପ୍ରୀୟଦର୍ଶିନୀସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

## ପଞ୍ଜିକୃତ, ୯୬ ପାକ୍ସ ଓ ୫୭ ମହିଳା ସ୍ୱୟଂ ସହାୟିକାଙ୍କ ଦଳ ଦ୍ୱାରା କିଣାଯିବ ଧାନ

ଭଦ୍ରକ, (ପି.ଏନ): ଖରିଫ୍ ବର୍ଷ ୨୨-୨୩ ସରକାରୀ ମୂଲ୍ୟରେ ସରକାରୀ ମାର୍ଗଦର୍ଶିକା ଅନୁପାଳନ ପୂର୍ବକ ଧାନ କିଣା କାର୍ଯ୍ୟର ସୁପରିଚାଳନା ପାଇଁ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଚାନ୍ଦବାଲି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ଡ଼.ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଂଜୀବ୍ କୁମାର ମଲ୍ଲିକ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ସାଂସଦଙ୍କ ପ୍ରତିନିଧି ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲାପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନା, ଜିଲ୍ଲା ପରିଷଦର ସି.ଡ଼ି.ଓ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତାପ ପ୍ରୀତିମୟ ପ୍ରମୁଖ ଯୋଗ ଦେଇଥିଲେ । ଆସନ୍ତା ଡ଼ିସେମ୍ବର ୨୮ ରୁ ଭଦ୍ରକ ଜିଲ୍ଲାରେ ଧାନମଣ୍ଡି ଖୋଲିବା ପାଇଁ ବୈଠକରେ ଅନୁମୋଦିତ ହେଲା । ୯୬ ଟି ପାକ୍ସ ବା ସୋସାଇଟି ଓ ୫୭ଟି ମହିଳା ସ୍ୱୟଂ ସହାୟିକା ଦଳ ସମୁଦାୟ ୧୫୩ଟି ମଣ୍ଡିରେ ଧାନ କିଣା ଯିବା ନେଇ ସୂଚନା ଦିଆଯାଇଥିଲା ଚଳିତ ବର୍ଷ ଧାନକିଣା ପାଇଁ ସାଧାରଣ ଏଫ୍.ଏ.କ୍ୟୁ ମାନର ଧାନ ପାଇଁ ସରକାରୀ ମୂଲ୍ୟ କ୍ୱି ।ଲ ପ୍ରତି ୨୦୪୦ଟଙ୍କା ଓ ଗ୍ରେଡ୍ ଏ (ଏଫ୍.ଏ.କ୍ୟୁ) ପାଇଁ ୨୦୬୦ଟଙ୍କା ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଛି । ପୂର୍ବରୁ ଧାନ ମିଲର୍‌ମାନେ ମଣ୍ଡିରୁ ଧାନ ନେଉଥିଲାବେଳେ ଚଳିତ ବର୍ଷ ମଣ୍ଡିରୁ ମିଲର ମାନଙ୍କ ପାଖକୁ ଧାନ ପରିବହନ ପାଇଁ ଟେଣ୍ଡର ପ୍ରକ୍ରିୟାରେ ଠିକାଦାରମାନଙ୍କୁ ନିୟୋଜିତ କରାଯିବ । ଧାନ ବିକିବା ପାଇଁ ଜିଲ୍ଲାରେ ସମୁଦାୟ ୯୦,୫୨୩ ଜଣ ଚାଷୀ ନାମ ପଞ୍ଜିକୃତ କରିଛନ୍ତି । ବାସୁଦେବପୁର ବ୍ଲକ ର ସର୍ବାଧିକ ଚାଷୀ ୧୭,୨୫୦ଜଣ ଓ ଧାମନଗର ବ୍ଲକର ସର୍ବନିମ୍ନ ୭,୦୧୭ ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି । ପ୍ରଥମ ଦଫାରେ ୨୩,୫୨,୩୫୨.୯୪ କ୍ୱି ।ଲ ଧାନ କ୍ରୟ ନେଇ ଜିଲ୍ଲା ପାଇଁ ଧାର୍ଯ୍ୟ ଲକ୍ଷ୍ୟ ପ୍ରଦାନ କରାଯାଇଛି ।୨ୟ ଓ ୩ୟ ଦଫାରେ ଆହୁରି ଧାର୍ଯ୍ୟଲକ୍ଷ୍ୟ ଆସିପାରେ ବୋଲି ସୂଚନା ଦିଆଯାଇଥିଲା । ଗତ ବର୍ଷ ଧାନ କିଣାର ପରିମାଣ ଅନୁଯାୟୀ ଧାନକିଣା କେନ୍ଦ୍ର ଗୁଡ଼ିକୁ ୮୦% ଟାର୍ଗେଟ୍ ପ୍ରଦାନ ପାଇଁ ସରକାରଙ୍କ ସୂଚନା ଥିଲେ ବି ବର୍ତ୍ତମାନ ୬୦% ଟାର୍ଗେଟ୍ ପ୍ରଦାନ କରାଯାଇ ବକେୟା ୨୦%କୁ ପରେ ଧାନ କିଣାର ଆବଶ୍ୟକତା ଓ ଉତ୍ତମ ପରିଚାଳନା କରୁଥିବା କେନ୍ଦ୍ରମାନଙ୍କୁ ପ୍ରଦାନ କରାଯିବା ନେଇ ଜିଲ୍ଲାପାଳଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ ବୈଠକରେ ଗ୍ରହଣ କରାଯାଇଥିଲା । ଜିଲ୍ଲାରେ ଧାନଚାଷ ଅଞ୍ଚଳ ଓ ଧାନ ର ଉପଲବ୍ଧି ନେଇ ଅବସ୍ଥିତ କେନ୍ଦ୍ର ଗୁଡ଼ିକୁ ବିଚାର କରାଯାଇ ଟାର୍ଗେଟ୍ ପ୍ରଦାନ ଉପରେ ଗୁରୁତ୍ୱ ଦେବା ପାଇଁ ମତ ପ୍ରକାଶ ପାଇଥିଲା । ଧାନକିଣା କାର୍ଯ୍ୟ ନେଇ ସୋସାଇଟିର କର୍ମଚାରୀମାନଙ୍କ ଠାରୁ ମହିଳା ଦଳ କମ୍ ଅଭିଜ୍ଞ ଥିବାରୁ ଚଳିତ ବର୍ଷ ସେମାନଙ୍କୁ ତାଲିମ୍ ପ୍ରଦାନ ପାଇଁ ବ୍ୟବସ୍ଥା କରାଯିବ । ୮୦% କ୍ଷୁଦ୍ର ଚାଷୀ ଓ ୨୦% ବୃହତ୍ ଚାଷୀଙ୍କ ଠାରୁ ଧାନକ୍ରୟ କରାଯିବ । ଚାଷୀମାନଙ୍କ ଧାନ କେମିତି ଏଫ୍.ଏ.କ୍ୟୁ. ମାନର ହୋଇପାରିବ ସେ ନେଇ ସରକାରୀ ସ୍ତରରେ ପଦକ୍ଷେପ ନେବା ପାଇଁ ପ୍ରସ୍ତାବ ଦିଆଯାଇଥିଲା । ଧାନ କିଣା ନେଇ ଗତ ବର୍ଷ ଦେଖାଦେଇଥିବା ଅବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଏହାର ସୁପରିଚାଳନା ପାଇଁ ଜିଲ୍ଲାସ୍ତରୀୟ କମିଟି ଗଠନ ଓ ଧାନକ୍ରୟ ଅବଧି ମଧ୍ୟରେ ବା ପୂର୍ବରୁ ଆବଶ୍ୟକ ଅନୁଯାୟୀ ବୈଠକ ଆୟୋଜନ ପାଇଁ ସିଦ୍ଧାନ୍ତ ନିଆଗଲା । ଟୋକନ ଅବଧି ସମାପ୍ତିପରେ ଚାଷୀ ଧାନ ବିକ୍ରି କରି ନପାରିବା, ଧାନ ବିକ୍ରୟ ର ୪୮ ରୁ ୭୨ ଘ । ମଧ୍ୟରେ ଆକାଉଣ୍ଟରେ ପ୍ରାପ୍ୟ ଅର୍ଥ ପାଇବାକୁ ନିୟମ ଥିଲେ ସେଥିରେ ଅନେକ ବିଳମ୍ବ ହେବା, ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ନାମ ପଞ୍ଜିକରଣ କରି ପାରି ନଥିବା ଚାଷୀଙ୍କ ଧାନ ବିକ୍ରି ସମସ୍ୟା, ମଣ୍ଡିରୁ ଧାନ ନେଇ ଶହେ ଶତକଡ଼ା ଚାଉଳ ଦେଇସାରିଥିଲେ ବି ଅଦ୍ୟାବଧି ମିଲରମାନଙ୍କୁ ପ୍ରାପ୍ୟ ନମିଳିବା, ଧାନ ବିକ୍ରି ପାଇଁ ଚାଷୀଙ୍କ ଠାରେ ବ୍ୟାଗ୍ ନପହଞ୍ଚିବା, ଧାନର ପ୍ରକୃତ ମାନ ପରୀକ୍ଷା କରାଯାଇ କଟନୀ ଛଟନୀ ବନ୍ଦ କରାଯିବା, ଧାନ କ୍ରୟ ପାଇଁ ଧାନ ମଣ୍ଡିରେ ଉପକରଣ, ଗୋଡ଼ାଉନ୍ ସୁବିଧା, ରାସ୍ତା ଆଦି ସର୍ବନିମ୍ନ ସୁବିଧା ଉପଲବ୍ଧ ହେବା, ପ୍ରତ୍ୟେକ ମଣ୍ଡିରୁ ପ୍ରତିଦିନ ଧାନକିଣାର ତଥ୍ୟ ସଂଗ୍ରହ କରିବା ଆଦି ଦିଗରେ ସୁପରିଚାଳନା ପାଇଁ ବିଚାରବିମର୍ଷ କରାଯାଇ ପଦକ୍ଷେପ ନିଆଯିବାକୁ ବୈଠକରେ ପ୍ରକାଶ କରାଯାଇଥିଲା । ଜିଲ୍ଲାରେ ଥିବା ସମୁଦାୟ ୧୦୮ଟି ସୋସାଇଟି ରୁ ୨୩ଟିରେ ଗୋଡ଼ାଉନ୍‌ର ସୁବିଧା ଅଛି । ୨୬ଲକ୍ଷ ଟଙ୍କା ଲେଖାଏଁ ଅଟକଳରେ ୨୦ଟି ଗୋଡ଼ାଉନ୍ ନିର୍ମାଣାଧୀନ ଅଛି । ୩ବର୍ଷ ଅବଧି ମଧ୍ୟରେ ସବୁ ସୋସାଇଟିର ଗୋଡ଼ାଉନ୍ ନିର୍ମାଣ ନେଇ ନିର୍ଦ୍ଦେଶ ଥିବା ସଂପୃକ୍ତ ଅଧିକାରୀ ବୈଠକରେ ସୂଚନା ଦେଇଥିଲେ । ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ଓ ସହକାରୀ ଯୋଗାଣ ଅଧିକାରୀ ଶରତ ବେହେରା ଧାନ କିଣା ବ୍ୟବସ୍ଥା ସମ୍ବନ୍ଧରେ ଉପସ୍ଥାପନ ରଖିଥିଲେ । ସଂପୃକ୍ତ ବିଭାଗୀୟ ଅଧିକାରୀ ଚାଷୀ ପ୍ରତିନିଧି, ମିଲର ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ ।

## ବଗଡା ପ୍ୟାକ୍ସ ତରଫରୁ ସମବାୟ ମନ୍ତ୍ରୀଙ୍କୁ ୬ ଦଫା ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡା ପ୍ରାଥମିକ କୃଷି ସମବାୟ ସମିତିର ପରିଚାଳନା ସମିତିର ସଦସ୍ୟ ମାନେ ଏକ ୬ ଦଫା ସମ୍ବଳିତ ଦାବିପତ୍ର ସହକାରୀ ନିବନ୍ଧକ କେନ୍ଦ୍ରାପଡା, ମାନ୍ୟବର ଜିଲ୍ଲାପାଳ, ସମବାୟ ନିବନ୍ଧକ ଓଡିଶା ଏବଂ ମାନ୍ୟବର ମନ୍ତ୍ରୀ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ତଥା ସମବାୟ ବିଭାଗକୁ ପ୍ରେରଣ କରିଛନ୍ତି । ଏହି ଦାବି ପତ୍ରରେ ପରିଷଦର ସଦସ୍ୟ ବୃନ୍ଦ ପ୍ରକାଶ କରିଛନ୍ତି ଯେ, ୨୦୦୭ ମସିହା ଠାରୁ ଅଦ୍ୟାବଧି ସମିତିରେ ଥିବା ମୋଟ୍ ୬୬ ଲକ୍ଷ୍ୟ ୪୦ ହଜାର ଟଙ୍କା ଆନାଦାୟ ଋଣର ଆଦାୟ ବ୍ୟବସ୍ଥାକୁ ତ୍ୱରାନିତ୍ୱ କରିବା ନିମନ୍ତେ ଦ୍ୱିତୀୟ ଅଧିବେଶନରେ ସଭାପତି ଓ ସଂପାଦକଙ୍କ ସମେତ ସଦସ୍ୟ ମାନଙ୍କୁ ନେଇ ଏକ ୭ ଜଣିଆ କମିଟି କରିଛନ୍ତି । ଅନ୍ୟ ପକ୍ଷରେ ସଂପ୍ରତି ସମିତିର କମ୍ପ୍ୟୁଟରୀ କରଣ କାର୍ଯ୍ୟ ନିମନ୍ତେ ଖାଲି ପଡିଥିବା ଡାଟା ଏଣ୍ଟ୍ରି ଅପରେଟର ଓ ପିଅନ ପଦବୀ ପୁରୁଣ ପାଇଁ ପଦକ୍ଷେପ ନିଆଯିବା ବେଳେ କେତେକ ନିର୍ଦ୍ଦେଶକ ଏଥିରେ ବାଧା ଦେଉଛନ୍ତି । ଏହିଭଳି ୬ ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ସମିତିର ସଭାପତି ଅକ୍ଷୟ କୁମାର ପାଣିଙ୍କ ନେତୃତ୍ୱରେ ଉପ ସଭାପତି ପ୍ରଣେଦା ପାଣି ସୁଜିତ କୁମାର ବେହେରା, ପ୍ରଫୁଲ୍ଲ କୁମାର ରାଉତ, ଖଗେଶ୍ୱର ସ୍ୱାଇଁ, ତପନ କୁମାର ନାୟକ, ପ୍ରତାପ କୁମାର ନାୟକ, ବିଜୟ କେତନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲା ସ୍ତରୀୟ ଧାନକ୍ରୟ କମିଟି ବୈଠକ : ଅସମ୍ପୁର୍ଣ୍ଣ ମଣ୍ଡିକୁ ତିଆରି କରିବା ସହିତ କାର୍ଯ୍ୟପରେ ସ୍ୱୟଂସହାୟୀକା ଗୋଷ୍ଠୀର କାମରେ ଲଗାଯିବ

କନ୍ଧମାଳ,(ପି.ଏନ) ଖରିଫ୍ ବର୍ଷ-୨୦୨୨-୨୩ ପାଇଁ ଜିଲ୍ଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କନ୍ଧମାଳ ଜିଲ୍ଲାପାଳ ପାଟିଲ୍ ଆଶିଷ ଈଶ୍ୱରଙ୍କ ଅଧକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଯେଉଁ ମଣ୍ଡିଗୃହ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଅଧାରେ ପଡ଼ିରହିଛି ସେଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ପାଇଁ ସଂପୃକ୍ତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକଙ୍କୁ କୁହାଯାଇଛି ବୋଲି ଜିଲ୍ଲାପାଳ କହିଥିଲେ। ମଣ୍ଡି ଗୃହ ଗୁଡ଼ିକୁ ଏଭଳି ଭାବରେ ତିଆରି କରିବା ଦରକାର ଯେପରିକି ଧାନ କିଣା ପରେ ପରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ମା’ ମାନଙ୍କ କାମରେ ଲାଗିପାରିବ। ଯଦି ଆବଶ୍ୟକ ପଡ଼େ ତେବେ ଅତିରିକ୍ତ ମିଲର୍ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ଜିଲ୍ଲାପାଳ କହିଥିଲେ। ମାନ୍ୟବର ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଗତବର୍ଷ ଲକ୍ଷ୍ୟ ଧାର୍ଯ୍ୟ ଠାରୁ ଅଧିକ ଧାନ କ୍ରୟ କରାଯାଇଥିଲେ ବି କେତେଗୁଡ଼ିଏ ଚାଷୀଙ୍କର ଧାନ ବିକ୍ରୟ ହୋଇପାରି ନାହିଁ। ସେଥିପାଇଁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ସେହିପରି ମାନ୍ୟବର ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର କହିଲେ ଗତଥର ଚାଷୀମାନଙ୍କର ବିଶେଷକରି ଲଣ୍ଡାଗାଁ ଚାଷୀମାନଙ୍କର ଧାନ ବିକ୍ରୟ ନ ହୋଇ ରହିଯାଇଛି। ତେଣୁ ଜିଲ୍ଲାରେ ଆଉ ଜଣେ ମିଲର୍‌ଙ୍କର ଆବଶ୍ୟକତା ରହିଛି। ଲଣ୍ଡାଗାଁରେ ରବି ଫସଲ ପାଇଁ ମଣ୍ଡି ଖୋଲିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବାପାଇଁ କହିଥିଲେ। ବେସାମରିକ ଯୋଗାଣ ଅଧିକାରୀ ଅନାଥ ଚରଣ ସ୍ୱାଇଁ ଚଳିତ ବର୍ଷର ଧାନ କ୍ରୟ ପାଇଁ ସରକାରଙ୍କ ଯୋଜନା ସବୁ କ’ଣ ରହିଛି ଏବଂ କନ୍ଧମାଳ ଜିଲ୍ଲା ପ୍ରଶାସନ କେଉଁ କେଉଁ ବ୍ୟବସ୍ଥା କରିଛି ସେ ବିଷୟରେ ବୈଠକରେ ସୂଚନା ଦେଇଥିଲେ। ସେ କହିଲେ ଧାନ କ୍ରୟରେ ଅସୁବିଧା ନ ହେବା ପାଇଁ ନୋଡାଲ ଅଫିସର ନିଯୁକ୍ତି ହେବା ସହିତ ଜିଲ୍ଲା ବେସାମରିକ ଯୋଗାଣ କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ୍ ଖୋଲାଯିବ। ଅଧିକ ମଣ୍ଡି ବ୍ୟାବସ୍ଥା କରିବା ପାଇଁ ଚାଷୀମାନେ ଆବେଦନ କଲେ ତାହା କୃଷି ବିଭାଗକୁ ଜଣାଇଦିଆଯିବ। ସେହିପରି ଟୋକନ୍‌ଗୁଡ଼ିକୁ ପ୍ରଦର୍ଶନ କରାଯିବା ସହିତ ଫାର୍ମର କମିଟିକୁ ଜଣାଇଦିଆଯିବ। ବିକ୍ରୟ ପାଇଁ ଅସିଥିବା ଧାନକୁ ୪୮ ଘଣ୍ଟା ପର୍ଯ୍ୟନ୍ତ ସୁରକ୍ଷିତ ଅବସ୍ଥାରେ ରଖିବା ପାଇଁ ବ୍ୟବସ୍ଥା କରାଯିବ। ଗତବର୍ଷ ୩ ହଜାର ୯୧୧ଜଣ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ଚଳିତ ବର୍ଷ ୪ହଜାର ୩୩୩ ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି। ସମସ୍ତଙ୍କ ନିଷ୍ପତିକ୍ରମେ ଚଳିତ ବର୍ଷ ତା ୨୦.୧୨.୨୦୨୨ରିଖରୁ ବାଲିଗୁଡ଼ା ଉପଖଣ୍ଡରୁ ଧାନ କ୍ରୟ କରିବା ଅରମ୍ଭ ହେବ ବୋଲି ସ୍ଥିର କରାଗଲା। ସେହିପରି ତା ୨୭.୧୨.୨୦୨୨ରିଖରୁ ଫୁଲବାଣୀ ଉପଖଣ୍ଡରୁ ଧାନ କ୍ରୟ ଆରମ୍ଭ କରାଯିବ ବୋଲି ସ୍ଥିର କରାଗଲା।ଉକ୍ତ ବୈଠକରେ ମାନନୀୟା ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ନନ୍ଦିନୀ ମଲ୍ଲିକ, କନ୍ଧମାଳ ଉପ ଜିଲ୍ଲାପାଳ ଶେଷଦେବ ମିଶ୍ରଙ୍କ ସମେତ ଫାର୍ମର ପ୍ରତିନିଧି,ମିଲର,ନିୟନ୍ତ୍ରିତ ବଜାର କମିଟି ଗୁଡ଼ିକର ସମ୍ପାଦକ, ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଗାଁ ସାଥି ସଂଘ ତରଫରୁ ଜୟଦେବ ମାଟିର ସ୍ୱାଭିମାନ ଦିବସ ପାଳିତ




ବାଲିଅନ୍ତା : ଜୟଦେବ ନିର୍ବାଚନ ମଣ୍ଡଳି ବାଲିଅନ୍ତା ବ୍ଲକ୍ ଅଧିନସ୍ଥ ଉମାଦେଇବ୍ରହ୍ମପୁର ପଂଚାୟତ ହୀରାପୁର ମହାମାୟା ଚଉଷଠି ଯୋଗିନୀ ମଣ୍ଡପରେ ପ୍ରତିବର୍ଷ ଭଳି ଗାଁ ସାଥି ସଂଘ ତରଫରୁ ୧୯ ତାରିଖରେ ପାଳିତ ହୋଇ ଯାଇଛି ଜୟଦେବ ମାଟିର ସ୍ୱାଭିମାନ ଦିବସ ଓ ବିଶିଷ୍ଟ ଐତିହାସିକ, ଗବେଷକ ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀଙ୍କ ୮୨ ତମ ଜନ୍ମ ଜୟନ୍ତି । ସଭାପତି ବିଜୟ ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପଦ୍ମଶ୍ରୀ ବଟକୃଷ୍ଣ ସାହୁ ଯୋଗଦେଇ ଗାଁ ସାଥିମାନଙ୍କର ନିଷ୍ଠାପର କାର୍ଯ୍ୟକୁ ପ୍ରସଂଶା କରିବା ସହିତ କଠିନ ପରିଶ୍ରମ କେବେ ବୃଥା ଯାଏ ନାହିଁ, ଆଗମୀ ଦିନରେ ନିଶ୍ଚିତ ସୁ ଫଳ ମିଳିବ ନେଇ ବକ୍ତବ୍ୟ ରଖିଥିଲେ । ସଭାପତି ବିଜୟ କୁମାର ଭୋଇ ଗାଁ ସାଥିମାନଙ୍କ ପକ୍ଷରୁ ଦିଆଯାଇଥିବା ଦାବି ଗୁଡିକ ଯଥା ସରକାରୀ ଚାକିରୀ ମାନ୍ୟତା, ମାସିକ ଦରମା ଦଶ ହଜାର ଟଙ୍କା, ପରିଚୟପତ୍ର, ଗ୍ରାମରେ ହେଉଥିବା ସମସ୍ତ ମନୋରଗା କାର୍ଯ୍ୟରେ ଗାଁ ସାଥି ନିୟୋଜିତ, ସର୍ବନିମ୍ନ ମାସିକ ୧୦ ଦିନ କାର୍ଯ୍ୟ, ଜର୍ବ କାର୍ଡ ହିତାଧିକାରୀଙ୍କୁ ୧୦୦ ଦିନ କାର୍ଯ୍ୟ ବଦଳରେ ୧୫୦ ଦିନ କୁ ବୃଦ୍ଧି ପ୍ରସଙ୍ଗ ଉପସ୍ଥାପନ କରିଥିଲେ । ଜନ୍ମଦିନ ଅବସରରେ ଶ୍ରୀ ତ୍ରିପାଠିଙ୍କ ପାଇଁ ଲମ୍ୱା ଆୟୁସ ଓ ନିରାମୟ ଜୀବନ କାମନା କରିଥିଲେ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାହିୟକ,ସଂଳାପଲେଖକ ଡ. ରଜନୀ ରଞ୍ଜନ ଦାଶ, ସମ୍ମାନିତ ଅତିଥିଭାବେ ଡଃ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, ବାଲିପାଟଣା ବିଡିଓ ଆଦିକନ୍ଦ ବେହେରା, ତନୟା ଦାଶଗୋସ୍ୱାମୀ ଲେଖିକା, ବନିତା ସାମଲ, ସୌମ୍ୟା ପରିଡା, ଶିଶୁ ସାହିତ୍ୟିକ କମଳିନି ମଲ୍ଲିକ, ସମ୍ବାଦ କଳିକାର ସମ୍ପାଦକ ଶେଖ୍ କମାଲ, ସ୍ଥାନୀୟ ସରପଂଚ ରମାଲତା ନାୟକ ଓ ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବାଲିପାଟଣା ବ୍ଲକର କାର୍ଯ୍ୟରତ ଗାଁ ସାଥିମାନଙ୍କୁ ବିଡଓ ଆଦିକନ୍ଦ ବେହେରାଙ୍କ ଦ୍ୱାରା ପରିଚୟ ପତ୍ର ବ୍ଟନ କରାଯାଇଥିଲା । ସଂଘର ଏଭଳି ପ୍ରୟାସକୁ ଅତିଥିମାନେ ଭୂୟଂସି ପ୍ରଶଂସା କରିବା ସହ ଡ. ତ୍ରିପାଠୀଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଓ ତାଙ୍କ ପ୍ରଚେଷ୍ଟାରେ କବି ଜୟଦେବ ଓଡିଶା ମାଟିର ପ୍ରମାଣ କରିଥିଲେ ବୋଲି ବକ୍ତାମାନେ ନିଜ ନିଜ ଅବିଭାଷଣରେ କହିଥିଲେ । ଗୁରୁ ଯୋଗେନ୍ଦ୍ର ସେଠିଙ୍କ ନିର୍ଦ୍ଦେଶିତ ଚଢେଇବର ପ୍ରାଥମିକ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପାଇକ ସମର କଳା ପରିବେଷଣ କରାଯାଇଥିଲା । ସମାଜସେବା, କାଳା ସଂସ୍କୃତି ଓ ସାମ୍ବାଦିକମାନଙ୍କୁ ଉଲ୍ଲେଖନିୟ ଅବଦାନ ପାଇଁ ୨୬ଜଣ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବୋର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜୟଦେବ ଗାଁ ସାଥି ସଂଘର ସଂପାଦକ ଦୀନବନ୍ଧୁ ଭୋଇ ପରିଚାଳନା କରିଥିବା ବେଳେ, ଧଡ୍ଡୁ ସେଠି, ନମିତା ପ୍ରଧାନ, ବିଦ୍ୟାଭୂଷଣ ଭୋଳ, ପ୍ରଶନ୍ନ କୁମାର ପଣ୍ଡା,ସତୃଘନ ସାହୁ, ଦେବେନ୍ଦ୍ର ସାହୁ ଓ ଅଜୟ କୁମାର ଭୋଇ ସହଯୋଗ କରିଥିଲେ । ଶେଷରେ ଭୀମ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।


ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray